আমৰি



ଜ୍ୟୋତିର୍ବିଦ୍ ବିଭୂଦାନନ୍ଦ ଶତପଥୀ




ସ୍ଥାନ, କାଳ, ପାତ୍ର ଭଳି ଖଣ୍ଡବାକ୍ୟକୁ ପରାହତ କରି ଭାରତୀୟ ମନୋରଞ୍ଜନଧର୍ମୀ ସିନେମାର ଦିଗନ୍ତକୁ ବହୁଳ ପ୍ରସାରିତ କରିଥିବା ଶତାବ୍ଦୀର ମହାନାୟକ ହେଉଛନ୍ତି ଅମିତାଭ ବଚ୍ଚନ, ଶ୍ରଦ୍ଧାରେ ସମସ୍ତଙ୍କର ବିଗ୍ ବି। ବିଶାଳ ବ୍ୟକ୍ତିତ୍ୱ, ଯାଦୁକାରୀ କଣ୍ଠସ୍ୱରର ଅଧିକାରୀ ଶ୍ରୀଯୁକ୍ତ ବଚ୍ଚନଙ୍କ ବିଷୟରେ ଲେଖିବା କୌଣସି ସ୍ତମ୍ଭକାର ପାଇଁ ଗୌରବର ବିଷୟ ଏଥିରେ, ଦ୍ୱିରୁକ୍ତି ନାହିଁ। ନିଜର ଗୁରୁ ଗମ୍ଭୀର କଣ୍ଠସ୍ୱର ତଥା କ୍ଷୀଣ ଉଚ୍ଚା ଚେହେରାକୁ ନେଇ ଏକାଧିକ ଅଡିସନରେ ପ୍ରତ୍ୟାଖ୍ୟାତ ହେଇଥିବା ବିଗ୍ ବି ପୁଣି ସମୟକ୍ରମେ ସେହି କଣ୍ଠସ୍ୱର, ସୁଉଚ୍ଚ ବ୍ୟକ୍ତିତ୍ୱ ପାଇଁ ସମସ୍ତଙ୍କର ପ୍ରିୟପାତ୍ର ହୋଇଯାନ୍ତି। ସତରେ ସମୟର କି ପଟ୍ଟ ପରିବର୍ତ୍ତନ! ଚର୍ଚ୍ଚିତ ନିର୍ଦ୍ଦେଶକ କେଏ ଅବ୍ବାସଙ୍କ'ସାତ ହିନ୍ଦୁସ୍ଥାନୀ'(୧୯୬୯)ରୁ ତାଙ୍କର ଚଳଚ୍ଚିତ୍ର ଜଗତର ଯାତ୍ରା ଆରମ୍ଭ ହୁଏ। ପ୍ରାରମ୍ଭିକ ପର୍ଯ୍ୟାୟରେ ସବୁଠାରୁ ଅଧିକ ବ୍ୟାବସାୟିକ ଅସଫଳ ସିନେମାର ଶ୍ରେୟ ମଧ୍ୟ ତାଙ୍କ ନାମରେ ଥାଏ। ୧୯୭୧ ମସିହାରେ ଭାରତୀୟ ସିନେମାର ପ୍ରଥମ ସୁପରଷ୍ଟାର ରାଜେଶ ଖାନ୍ନାଙ୍କ ସହ ଅଭିନୟ କରିଥିବା ସିନେମା 'ଆନନ୍ଦ' ମାଧ୍ୟମରେ ସେ ନିଜ ପରିଚୟ ସୃଷ୍ଟି କରନ୍ତି, ଶ୍ରେଷ୍ଠ ସହ ଅଭିନେତାର ଫିଲ୍ମ ଫେୟାର ସମ୍ମାନ ଗ୍ରହଣ କରି। ୧୯୭୩ ମସିହାରେ ପ୍ରକାଶ ମେହେରାଙ୍କର ସିନେମା 'ଜଂଜୀର'ର ଅଶେଷ ସଫଳତା ତାଙ୍କୁ ଦିଏ 'ଆଙ୍ଗ୍ରି ୟଙ୍ଗମ୍ୟାନ୍'ର ପରିଚୟ ଏବଂ ତା'ପରେ ଭାରତୀୟ ସିନେମାରେ ସୃଷ୍ଟି ହୁଏ ଇତିହାସ। ସେ ପଛକୁ ଫେରି ଚାହିଁ ନାହାନ୍ତି ସେହି ସମୟରୁ। ଅର୍ଦ୍ଧଶତାବ୍ଦୀରୁ ଅଧିକ ସମୟ ଧରି ସାରା ବିଶ୍ୱରେ ହିନ୍ଦୀ ସିନେପ୍ରେମୀଙ୍କର ସେ ହୋଇଛନ୍ତି ମୁକୁଟବିହୀନ ସମ୍ରାଟ। ବୟସ ତାଙ୍କୁ ଛୁଇଁ ପାରିନାହିଁ। ସାମୟିକ ବ୍ୟାବସାୟିକ ଅସଫଳତା( ତାଙ୍କର ଏବିସିଏଲ କଂପାନୀର ବ୍ୟାଜ୍ୟାପ୍ତି ଓ ସେ ଦେବାଳିଆ ହେବାର ଦ୍ୱାରଦେଶରେ ପହଞ୍ଚିବା) ସତ୍ତ୍ୱେ , ପାଉଁଶ ତଳର ନିଆଁ ଭଳି ସେ ପ୍ରଜ୍ୱଳିତ ହୁଅନ୍ତି। ୨୦୦୦ ମସିହାରେ ଭାରତୀୟ ଟେଲିଭିଜନର ସଫଳ ଟେଲି ସୋ 'କୌନ୍ ବନେଗା କରୋଡ଼ପତି' ତାଙ୍କୁ ପୁଣି ଫେରେଇ ଆଣେ ସୁଉଚ୍ଚ ଆସନକୁ। ୨୦୦୧ ମସିହାର ଚଳଚ୍ଚିତ୍ର 'ମୋହବତେଁ' ମାଧ୍ୟମରେ ସେ ତାଙ୍କର ଶ୍ରେଷ୍ଠତ୍ୱ ପୁନଃ ପ୍ରତିପାଦିତ କରନ୍ତି। ଇତିମଧ୍ୟରେ 'କୌନ୍ ବନେଗା କରୋଡ଼ପତି' ୨୫ ବର୍ଷ ପୂରଣ କରିଛି(ରୌପ୍ୟ ଜୟନ୍ତୀ)। ଏହି ସୋ ଆଜି ମଧ୍ୟ ସବୁଠାରୁ ଲୋକପ୍ରିୟ ଟେଲି ସୋ। ସେତିକି ନୁହେଁ,୧୯୮୪ ମସିହାରେ ନିଜର ବାଲ୍ୟବନ୍ଧୁ ରାଜୀବ ଗାନ୍ଧୀଙ୍କ ହାତମୁଠାକୁ ଦୃଢ଼ କରିବା ପାଇଁ ନିର୍ବାଚନ ରଣାଙ୍ଗନରେ ଲମ୍ଫ ଦିଅନ୍ତି, ନିଜ ଜନ୍ମସ୍ଥାନ ଆଲାହାବାଦରୁ ଲୋକସଭା ପ୍ରାର୍ଥୀ ଭାବେ ନାମାଙ୍କନ ଭରି। ନିର୍ବାଚନରେ ତାଙ୍କର ପ୍ରତିଦ୍ୱନ୍ଦୀ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଏଚ୍.ଏନ୍ ବହୁଗୁଣାଙ୍କୁ ବିରାଟ ଭୋଟ୍ ଅନ୍ତରରେ ପରାସ୍ତ କରନ୍ତି। ଭାରତୀୟ ଗଣତନ୍ତ୍ର ଇତିହାସରେ ସବୁଠୁ ଅଧିକ ୬୨% ଭୋଟ୍ ହାର ତାଙ୍କୁ ମିଳିବାର ରେକର୍ଡ ଆଜି ମଧ୍ୟ କାଏମ ରହିଛି। କିନ୍ତୁ, ସେ ଯାହା ହେଉ ୨ ବର୍ଷ ମଧ୍ୟରେ ରାଜନୀତିକୁ ଛାଡ଼ନ୍ତି ସବୁଦିନ ପାଇଁ, ନିଜର ବ୍ୟକ୍ତିଗତ କାରଣ ଦର୍ଶାଇ। ବୋଫର୍ସ ବଦ୍‌ନାମ ଯଦିଓ ତାଙ୍କୁ ପ୍ରଭାବିତ କରେ କିଛି କ୍ଷଣ ପାଇଁ କିନ୍ତୁ, ଭାରତୀୟ ଉଚ୍ଚ ନ୍ୟାୟପାଳିକା ତାଙ୍କୁ ନିର୍ଦ୍ଦୋଷ ଘୋଷଣା କରନ୍ତି। କାଳଜୟୀ ସିନେମା 'ସୋଲେ'ର ଜୟ ଚରିତ୍ର ହେଉ ଅବା 'ଦିଓ୍ୱାର' ସିନେମାର ବିଜୟ ଚରିତ୍ର ତାଙ୍କୁ ଅମର କରି ରଖେ। ସମୟର ସ୍ରୋତ ତାଙ୍କୁ ବାନ୍ଧି ପାରିନାହିଁ। ସେ ସମୟ ସହ ତାଳ ମିଳାଇ ଚାଲିଛନ୍ତି। 'ମେ ଯହାଁ ଖଡ଼ା ହୋତା ହୁଁ, ଲାଇନ୍ ଓ୍ୱହିଁ ସେ ସୁରୁ ହୋତି ହେ' - ଚଳଚ୍ଚିତ୍ର 'କାଲିଆ'ର ଏ ବାକ୍ୟ ତାଙ୍କ ଜୀବନ ପାଇଁ ମଧ୍ୟ ପ୍ରଯୁଜ୍ୟ। ଅମିତାଭ ବଚ୍ଚନ ଶ୍ରେଷ୍ଠ, ଶ୍ରେଷ୍ଠତମ ଏବଂ ଅନନ୍ୟ। ସେ କାଳଜୟୀ ପ୍ରେରଣାର ଉତ୍ସ ତଥା ଏକ ଚଳନ୍ତି ଅନୁଷ୍ଠାନ। ୧୯୮୨ ମସିହାରେ 'କୁଲି' ସିନେମାର ସୁଟିଂ ସମୟରେ ଭୟାନକ ଦୁର୍ଘଟଣାରେ ମୃତ୍ୟୁ ସହ ସଂଗ୍ରାମ କରନ୍ତି ବମ୍ବେର ବ୍ରିଚ୍‌କାଣ୍ଡି ହସ୍ପିଟାଲରେ। ଏକାଧିକ ଥର ତାଙ୍କର ଅସ୍ତ୍ରୋପଚାର ହୁଏ। ସମସ୍ତେ ଆଶା ଛାଡ଼ିଦିଅନ୍ତି। କିନ୍ତୁ ଗାନ୍ଧିଜୀଙ୍କ ଭାଷାରେ - ''ବହୁ ଲୋକଙ୍କ ହୃଦୟରେ ଯେଉଁ ଭାବ ଜାଗ୍ରତ ହୁଏ, ତାହା ହିଁ ଈଶ୍ୱର ବାଣୀ''। କୋଟି କୋଟି ଭାରତୀୟଙ୍କ ପ୍ରାର୍ଥନା ବଳରେ ସେ ସୁସ୍ଥ ହୁଅନ୍ତି। ପ୍ରାର୍ଥନା ଆଗରେ ଭଗବାନ ମଧ୍ୟ ନତମସ୍ତକ ହୁଅନ୍ତି।

ତାହାଲେ କ'ଣ ରହିଛି ତାଙ୍କର ସଫଳତାର ରହସ୍ୟ? କ'ଣ ତାଙ୍କର ଗ୍ରହ ନକ୍ଷତ୍ର? ଏହା କ'ଣ ଜ୍ୟୋତିଷିକ ବ୍ୟତିକ୍ରମ ଅବା ବିସ୍ମୟ? ଏ ସବୁ ପ୍ରଶ୍ନର ଉତ୍ତର ଆମ୍ଭର ଜ୍ୟୋତିଷିକ ପ୍ରୟାସ ମାଧ୍ୟମରେ।

ଅମିତାଭ ବଚ୍ଚନ - ଜନ୍ମ ତାରିଖ- ୧୧-୧୦-୧୯୪୨, ସମୟ- ୩.୩୦ ଅପରାହ୍ନ, ସ୍ଥାନ- ଆଲାହାବାଦ। ଏଠାରେ ସୂଚିତ କରାଯାଇପାରେ ଗୁଗଲ୍‌ରେ ଉପଲବ୍ଧ ବିଭିନ୍ନ ଜନ୍ମ ସମୟ ଯଥା- ଅପରାହ୍ନ ୪ଟା, ୪,୩୦ ଓ ୩,୩୦ ମଧ୍ୟରେ ଅପରାହ୍ନ ୩.୩୦ ସବୁଠୁ ଯୁକ୍ତିଯୁକ୍ତ ଅଟେ, କାରଣ ତାଙ୍କର ଜନ୍ମ ସମୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଘନଘଟା। ଦେଶମାନେ ଶତ୍ରୁଙ୍କୁ ସନ୍ଦେହରେ ପକାଇବା ପାଇଁ ପୁନଃ ଦିବା ସମୟ ବଢ଼ାଇବା ପାଇଁ ବିଭିନ୍ନ ସମୟରେ ଏକ ଘଣ୍ଟା ପର୍ଯ୍ୟନ୍ତ ଘଣ୍ଟାକୁ ଆଗକୁ କରି ଦେଉଥିଲେ। ତାଙ୍କର ଜନ୍ମ ସମୟରେ ଏକ ଘଣ୍ଟାର ସମୟ ବଢ଼ାଯାଇଥିଲା। ଫଳତଃ ଜନ୍ମ ସମୟ ସୁଧାର ପରେ ୩.୩୦ ମିନିଟ୍ ଅପରାହ୍ନ ତାଙ୍କର ଜନ୍ମ ସମୟ ହେବ। ଉକ୍ତ ବିବରଣୀ ଅନୁଯାୟୀ, କୁମ୍ଭ ଲଗ୍ନ, ତୁଳା ରାଶି, ସ୍ୱାତୀ ନକ୍ଷତ୍ର। ଲଗ୍ନରେ କେତୁ ସପ୍ତମରେ ରାହୁ, ଚତୁର୍ଥରେ ଶନି, ଷଷ୍ଠରେ ବୃହସ୍ପତି, ଅଷ୍ଟମରେ ଶୁକ୍ର, ମଙ୍ଗଳ, ବୁଧ, ରବି ଓ ନବମରେ ଚନ୍ଦ୍ର। ଏଠାରେ ସ୍ୱତଃ ପ୍ରଶ୍ନ ଆସେ ଚାରୋଟି ଗ୍ରହ- ଶୁକ୍ର, ମଙ୍ଗଳ, ବୁଧ, ରବି ଅଷ୍ଟମରେ। ବୃହସ୍ପତି ଷଷ୍ଠରେ, ତଥାପି ବିଗ୍ ବି କିପରି ଲଟେ ସଫଳ ହେଲେ? ଏହା କ'ଣ ସୂଚାଏ କି ଅଧିକାଂଶ ଜ୍ୟୋତିଷଙ୍କ ଅଷ୍ଟମ ଓ ଷଷ୍ଠ ଭାବ ତଥା ଅସ୍ତ ଏବଂ ବକ୍ରୀ ଗତିଙ୍କୁ ନେଇ ଦୃଷ୍ଟିକୋଣ ଭୁଲ୍? ଅବା ଏଥିରେ ଅନ୍ୟ କିଛି ଗୁଢ଼ ସିଦ୍ଧାନ୍ତ ଅଛି? ବିଗ୍ ବିଙ୍କ କୁଣ୍ଡଳୀରେ ବୁଧ ଓ ବୃହସ୍ପତି ବକ୍ରୀ। ମଙ୍ଗଳ, ବୁଧ ଓ ଶୁକ୍ର ଅସ୍ତ। ବର୍ତ୍ତମାନ ଦେବଗୁରୁ ବୃହସ୍ପତିଙ୍କୁ ବିଚାରକୁ ନେବା। ଶାସ୍ତ୍ର କହେ, ''ଯସ୍ୟ କେନ୍ଦ୍ରେ ବୃହସ୍ପତି କି କୁର୍ବନ୍ତି ଗ୍ରହଣାଂ''? ଏଥିରୁ ସହଜରେ ଅନୁମେୟ କୁଣ୍ଡଳୀରେ ବୃହସ୍ପତିଙ୍କ ଅବସ୍ଥିତି ଓ ବୃହସ୍ପତି ମହାଦଶାର ପ୍ରଭାବ। ବିଗ୍ ବିଙ୍କ କୁଣ୍ଡଳୀରେ ବୃହସ୍ପତି ରାଶି ସନ୍ଧିରେ ଅବସ୍ଥାନ କରୁଛନ୍ତି। ବୃହସ୍ପତି ମିଥୁନ ଓ କର୍କଟ ରାଶିର ସନ୍ଧିରେ ଅବସ୍ଥିତ ଅଛନ୍ତି। ଏହି ସନ୍ଧି ଅବସ୍ଥା ବୃହସ୍ପତିଙ୍କର ବଳକୁ ଅନେକ ଅଂଶରେ କ୍ଷୀଣ କରୁଅଛି। ବୃହସ୍ପତି ଦ୍ୱିତୀୟାଧିପତି ଏବଂ ଏକାଦଶଧିପତି ଭାବେ ଷଷ୍ଠ ଭାବରେ ଉପସ୍ଥିତ ଅଛନ୍ତି। ତେଣୁ, ଏହି ଅବସ୍ଥା ତାଙ୍କୁ ଷଷ୍ଠ ଭାବର ଫଳ ଦେବାରେ ସକ୍ଷମ ହେଲା ଏବଂ ଋଣଭାରରେ ୯୦ ଦଶକର ଦ୍ୱିତୀୟାର୍ଦ୍ଧରେ ବୁଡ଼ିଗଲେ ଏବଂ ତାଙ୍କୁ ଏଥିରୁ ବାହାରିବାକୁ ୨୦୦୦ ମସିହା ପର୍ଯ୍ୟନ୍ତ ସମୟ ଲାଗିଲା। ବୃହସ୍ପତି ମହାଦଶା ଜୁନ୍ ୧୯୫୫ରୁ ଜୁନ୍ ୧୯୭୧ ପର୍ଯ୍ୟନ୍ତ ଭୋଗ ହେବା ସମୟରେ ସେ ଏହି ସନ୍ଧି ଅବସ୍ଥାନ ପାଇଁ ଉପଯୁକ୍ତ ଫଳ ପାଇଲେ ନାହିଁ। ଶିକ୍ଷାକ୍ଷେତ୍ରରେ ମଧ୍ୟମ ସଫଳତା ଏବଂ ଚାକିରି ସମୟ ଅତ୍ୟନ୍ତ କଷ୍ଟକର ଥିଲା। ତଥାପି ବୃହସ୍ପତି ଶେଷ ସମୟରେ ତାଙ୍କୁ ସିନେମାରେ ପ୍ରବେଶର ରାସ୍ତା ମୁକ୍ତ କରିଥିଲେ। ୭ ହିନ୍ଦୁସ୍ଥାନୀ, ୦୭ନଭେମ୍ବର ୧୯୬୯ରେ ମୁକ୍ତିଲାଭ କଲା। ପୁନଃ ନ୍ୟାୟର ପ୍ରତୀକ, କର୍ମର କାରକ ଗ୍ରହ, କର୍ମଫଳଦାତା ଶନି ତାଙ୍କ କୁଣ୍ଡଳୀର ଲଗ୍ନାଧିପତି। କୁମ୍ଭ ଲଗ୍ନ, ଶନି ବକ୍ରୀ ମଧ୍ୟ। ଶନି ମହାଦଶା ୦୨-୦୫-୧୯୭୧ରୁ ୦୨-୦୫- ୧୯୯୦ ମସିହା ପର୍ଯ୍ୟନ୍ତ ଭୋଗ ହେଲା। ଶନି ଲଗ୍ନ ଓ ଦ୍ୱାଦଶର ଅଧିପତି ୪ର୍ଥ ସ୍ଥାନରେ ମିତ୍ର ଗୃହ ବୃଷ ରାଶିରେ ରହିଛନ୍ତି। ଶନି ଚନ୍ଦ୍ରଙ୍କର ନକ୍ଷତ୍ରରେ(ରୋହିଣୀ) ଏବଂ ଚନ୍ଦ୍ର ନବମ ଘରେ। ତେଣୁ, ଏହି ସମୟରେ ତାଙ୍କର ଚଳଚ୍ଚିତ୍ର ଜଗତରେ ଖ୍ୟାତି ବଢ଼ିଲା। 'ଆନନ୍ଦ' ସିନେମା ୧୨ ମାର୍ଚ୍ଚ ୧୯୭୧ ଏବଂ 'ଜଂଜୀର' ସିନେମା ମେ ୧୯୭୩ ମସିହାରେ ମୁକ୍ତିଲାଭ କରେ ଓ ସଫଳତାର ଶିଖର ଛୁଏଁ। ଶନିରେ ବୁଧ ସମୟରେ ତାଙ୍କର ଶ୍ରେଷ୍ଠତ୍ୱ ଜାହିର ହୁଏ। ୦୫-୦୫-୧୯୭୪ରୁ ୧୨-୦୧-୧୯୭୭ ମଧ୍ୟରେ (ଶୋଲେ, ଦ୍ୱିୱାର) ତାଙ୍କୁ ସଫଳତାର ଶିଖର ସ୍ପର୍ଶ କରାଏ। ପୁନଃ ଜାତକର ଏକାଧିକ ଗ୍ରହଙ୍କର ଅବସ୍ଥାନ ଷଷ୍ଠ ଓ ଅଷ୍ଟମ ସ୍ଥାନରେ। ଫଳରେ ତାଙ୍କ ତଳ ପେଟ ବିଶେଷ ସମ୍ବେଦନଶୀଳ। ଶନିରେ ରବି ଅନ୍ତର୍ଦ୍ଦଶା ସମୟରେ ବିଗ୍ ବି 'କୁଲି' ସିନେମାର ଚିତ୍ର ଗ୍ରହଣ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୁଅନ୍ତି। ଯାହା ତାଙ୍କର ଅର୍ନ୍ତନଳୀରେ ବିରାଟ କ୍ଷତ ସୃଷ୍ଟି କରେ ଏବଂ ତାଙ୍କର ଅସ୍ତ୍ରୋପଚାର କରାଯାଏ। ଶନି, ସୂର୍ଯ୍ୟ ଦୁହେଁ ଦୁହିଁଙ୍କର ପରମ ଶତ୍ରୁ। ଶନି ଦ୍ୱାଦଶ( ଚିକିତ୍ସାଳୟ) ଏବଂ ରବି ମଙ୍ଗଳ ସହ ଯୁକ୍ତ। ମଙ୍ଗଳ ଅଷ୍ଟମ ଭାବରେ। ତେଣୁ, ଏ ସବୁ ଯୋଗ ତାଙ୍କୁ ମୃତ୍ୟୁ ସହ ସଂଗ୍ରାମ କରିବାକୁ ବାଧ୍ୟ କରିଥିଲା। ପୁନଃ ଏଭଳି ଗ୍ରହ ସଂଯୋଗ ତା'ଙ୍କୁ ନଭେମ୍ବର ୨୦୦୫ରେ ଅର୍ନ୍ତନଳୀର ଅସୁବିଧା ପାଇଁ ଚିକିତ୍ସାଳୟରେ ଭର୍ତ୍ତି କରାଇଥାଏ। ଶନି ମହାଦଶାରେ ଶନି, ବୁଧ, କେତୁ, ଶୁକ୍ର, ରବି ଓ ଚନ୍ଦ୍ର ଅନ୍ତର୍ଦ୍ଦଶା ତାଙ୍କୁ ଚଳଚ୍ଚିତ୍ର ଜଗତରେ ସଫଳତା ଦେଇଥାଏ। କିନ୍ତୁ ୧୯୮୪ ମସିହାରେ ମଙ୍ଗଳ ଅନ୍ତର୍ଦ୍ଦଶାରେ ସେ ରାଜନୀତିରେ ଯୋଗ ଦିଅନ୍ତି ଓ ସଫଳ ହୁଅନ୍ତି। କିନ୍ତୁ ରାହୁ ଅନ୍ତର୍ଦ୍ଦଶାରେ ୧୩-୧୨-୧୯୮୪ରୁ ୨୦-୧୦-୧୯୮୭ ମଧ୍ୟରେ ସେ ଷଡଯନ୍ତ୍ରର ଶିକାର ହେବା ସହ ଅଯଥା ବିବାଦରେ ଛନ୍ଦି ହୋଇପଡ଼ନ୍ତି। କାରଣ, ରାହୁ ତା'ର ଶତ୍ରୁ ଗୃହ ସିଂହ ରାଶିରେ ଅବସ୍ଥାନ କରୁଛନ୍ତି। ରାହୁ ରବିଙ୍କର ଶତ୍ରୁ। ଶନି ମହାଦଶାରେ ବୃହସ୍ପତି ଅନ୍ତର୍ଦ୍ଦଶାରେ ଅମିତାଭଙ୍କର ପ୍ରତ୍ୟାବର୍ତ୍ତନ 'ଶେହେନସାହ' ଚଳଚ୍ଚିତ୍ର ମାଧ୍ୟମରେ। ଏଠାରେ ପ୍ରଣିଧାନଯୋଗ୍ୟ ଯେ ବିଗ୍ ବି ଯେଭଳି ବାରମ୍ବାର ପ୍ରତ୍ୟାବର୍ତ୍ତନ କରିଛନ୍ତି ସେଥିରୁ ତାଙ୍କ ଅଷ୍ଟମ ଘରର ପ୍ରାଧାନ୍ୟ ତଥା ସ୍ୱତନ୍ତ୍ରତାକୁ ଦର୍ଶାଏ। ଅଷ୍ଟମ ଭାବ ଅଚାନକ ଉତ୍‌ଥାନ ଏବଂ ପତନକୁ ଦର୍ଶାଏ। ଏହା କଷ୍ଟ, ଆଘାତ ଏବଂ ପରିବର୍ତ୍ତନକୁ ସୂଚାଏ। ପୁଣି ଏହା ଗୁପ୍ତବିଦ୍ୟା, ପୂର୍ବପୁରୁଷଙ୍କ ସଂପତ୍ତିକୁ ମଧ୍ୟ ଦର୍ଶାଏ। ଦୁର୍ଘଟଣାର ସୂଚନା ମଧ୍ୟ ଦିଏ। କିନ୍ତୁ, ସବୁଠୁ ବଡ଼ କଥା ହେଉଛି ଅଷ୍ଟମ ଭାବ ଦଶମ ଭାବର ଏକାଦଶ ଭାବ( ଯାହା ଲାଭ, ଇଚ୍ଛାପୂର୍ତ୍ତି, ଆୟ)କୁ ଦର୍ଶାଏ। ଏଠି ଦଶମଭାବର ଅଧିପତି ମଙ୍ଗଳ। ସେ ମଧ୍ୟ ତୃତୀୟ (ସାନ ଭାଇ ଭଉଣୀ, ପରାକ୍ରମ) ଭାବାଧିପତି। ସେ ତାଙ୍କର ଏକାଦଶ ସ୍ଥାନ ଅଷ୍ଟମରେ ଅବସ୍ଥାନ କରିଥିବାରୁ ତାଙ୍କ କ୍ୟାରିଅର୍ ଉନ୍ନତିରେ ମଙ୍ଗଳ ସହାୟକ ହେବାର ସ୍ପଷ୍ଟ ସୂଚନା ମିଳେ। ଯଦିଓ ସେ ମଧ୍ୟ ଦୁର୍ଘଟଣା, ଅସ୍ତ୍ରୋପଚାର ଆଦିର କାରକ ଗ୍ରହ। ମଙ୍ଗଳଙ୍କର ବୁଧ ଓ ରବି ସହ ସଂଯୋଗ ବୁଧଙ୍କୁ ଦୁର୍ବଳ କରାଏ। ଏହି ବୁଧ ମହାଦଶାରେ ବିଗ୍ ବିଙ୍କ ଜୀବନରେ ନାଟକୀୟ ପରିବର୍ତ୍ତନ ଆସେ। ପୁନଃ ଅଷ୍ଟମାଧିପତି ଅଷ୍ଟମସ୍ଥ ହୋଇଥିବାରୁ ବିଗ୍ ବି ଦୀର୍ଘାୟୁ ହୋଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ବୃହସ୍ପତିଙ୍କର ଷଷ୍ଠସ୍ଥ ଅବସ୍ଥାନ ଜାତକକୁ ଜୀବନରେ ଥରେ ଧରାଶାୟୀ କରିଥାଏ( ଲାଲ୍‌କିତାବ)। ଏହା ଅମିତାଭଙ୍କ ଜୀବନରେ ତାଙ୍କର କଂପାନୀ, ବ୍ୟାଜ୍ୟାପ୍ତି ଏବଂ ନିଜେ ବିଗ୍ ବି ଦେବାଳିଆ ହେବାର ଦ୍ୱାର ଦେଶରେ ପହଞ୍ଚନ୍ତି। ଅଷ୍ଟମସ୍ଥ ଗ୍ରହମାନଙ୍କର ମଧ୍ୟ ଏଥିରେ ଯୋଗଦାନ ଥାଏ। ବୃହସ୍ପତି ଅମିତାଭଙ୍କ ଜାତକରେ ଦ୍ୱିତୀୟାଧିପତି ଓ ଏକାଦଶପତି ଷଷ୍ଠରେ ଅଛନ୍ତି। ଷଷ୍ଠ ସ୍ଥାନ ପ୍ରତିଯୋଗିତାର ସ୍ଥାନ । ପୁନଃ ବୃହସ୍ପତି କର୍କଟ ରାଶିରେ ଉଚ୍ଚସ୍ଥ। ତେଣୁ, ସେ ତାଙ୍କର ପ୍ରତିଯୋଗୀଙ୍କୁ ପରାଜିତ କରି ତାଙ୍କ ଆସନ ସୁଦୃଢ଼ କରନ୍ତି। କିନ୍ତୁ, ରାଶି ସନ୍ଧିରେ ବୃହସ୍ପତି ଥିବାରୁ ସଂପୂର୍ଣ୍ଣ ଫଳ ଦେବାରେ ବିଫଳ ହୁଅନ୍ତି ଓ ବୃହସ୍ପତି ମହାଦଶା, ଅନ୍ତର୍ଦ୍ଦଶା ତାଙ୍କ ପାଇଁ ଏତେ ଫଳବତୀ ହୁଏ ନାହିଁ। ଜାତକରେ ବୁଧ ବକ୍ରୀ ଏବଂ ଅସ୍ତ( ଯଦିଓ ବୁଧଙ୍କର ଅସ୍ତ ଅବସ୍ଥା ଧରାଯାଏ ନାହିଁ)। ବୁଧ ସ୍ୱଗୃହରେ ତୁଙ୍ଗୀ। ଚତୁର୍ଥ ଏବଂ ନବମର ଅଧିପତି ଶୁକ୍ର ଅଷ୍ଟମରେ ନୀଚସ୍ଥ କିନ୍ତୁ ତୁଙ୍ଗୀ ବୁଧଙ୍କ ସହ ଯୁକ୍ତ ହେବାରୁ ନୀଚଭଙ୍ଗ ରାଜଯୋଗ ସୃଷ୍ଟି ହୁଏ। ଫଳତଃ, ତାଙ୍କୁ କଳାକ୍ଷେତ୍ରରେ ଶୁକ୍ରଙ୍କ ପ୍ରଭାବରୁ ଅଶେଷ ସଫଳତା ମିଳେ। ଅଷ୍ଟମସ୍ଥ ଚାରି ଗ୍ରହକୁଟ ଅମିତାଭଙ୍କ ଜାତକରେ ଅନେକ ରାଜଯୋଗ ସୃଷ୍ଟି କରନ୍ତି। ସୂର୍ଯ୍ୟ ସପ୍ତମାଧିପତି(କେନ୍ଦ୍ର), ମଙ୍ଗଳ ଦଶାମାଧିପତି(କେନ୍ଦ୍ର), ବୁଧ ପଞ୍ଚମାଧିପତି(ତ୍ରିକୋଣ), ଶୁକ୍ର ଚତୁର୍ଥ(କେନ୍ଦ୍ର) ଏବଂ ନବମ( ତ୍ରିକୋଣ)ର ଅଧିପତି ହୋଇଥିବାରୁ ଅନେକ ସାର୍ଥକ ଯୋଗ ସୃଷ୍ଟି କରନ୍ତି। ଯାହା ତାଙ୍କୁ ରାଜଯୋଗର ଫଳ ପ୍ରଦାନ କରେ। ତାଙ୍କ କୁଣ୍ଡଳୀରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ଅଷ୍ଟମସ୍ଥ ଗ୍ରହମାନେ କେବଳ ଖରାପ ଫଳ ଦିଅନ୍ତି ଏହା ଏକ ଭ୍ରାନ୍ତ ଧାରଣା। ଯଦି ସେମାନଙ୍କର ସଂଯୋଗ ଶୁଭ ରାଶି ଓ ଶୁଭ ନକ୍ଷତ୍ରରେ ହୁଏ ତେବେ, ସେମାନେ ଅଶେଷ ଭଲ ଫଳ ଦିଅନ୍ତି। ଯେପରିକି, କନ୍ୟା ରାଶି ପ୍ରତ୍ୟେକ ଗ୍ରହ ପାଇଁ ଅନୁକୂଳ ଅବସ୍ଥା ସୃଷ୍ଟି କରେ। ଚଳିତ ଶୁକ୍ର ମହାଦଶା, ଶୁକ୍ର ଭାଗ୍ୟାଧିପତି ଓ ସେ କର୍ମାଧିପତି ମଙ୍ଗଳଙ୍କ ସହ ଯୁକ୍ତ। ଫଳତଃଳ ବିଗ୍ ବି ଙ୍କୁ ଉଚ୍ଚ ଫଳ ପ୍ରଦାନ କରିବ( ୦୨-୦୫-୨୦୧୪ରୁ ୦୨-୦୫-୨୦୩୪)। ମଙ୍ଗଳଙ୍କ ପ୍ରଭାବରେ ଅମିତାଭ ୮୩ ବର୍ଷ ବୟସରେ ମଧ୍ୟ କଠିନ ପରିଶ୍ରମ କରିବାକୁ ସକ୍ଷମ ହେବେ। ପୁନଃ ଏହି ଚାରି ଗ୍ରହଙ୍କର କନ୍ୟା ରାଶିରେ ଅବସ୍ଥାନ ସହ ରାହୁ ଏବଂ ଚନ୍ଦ୍ରମା ଏହି ଗ୍ରହଙ୍କର ଦୁଇ ପାର୍ଶ୍ୱରେ ଥିବାରୁ ଚଳିତ ଶୁକ୍ର ମହାଦଶା ଅମିତାଭଙ୍କୁ ସଫଳତାର ନୂତନ ଶିଖରରେ ପହଞ୍ଚାଇବ। ବିଗ୍ ବି ଏପରି ତାଙ୍କର ଯାଦୁ ପ୍ରଦର୍ଶନ କରୁଥାନ୍ତୁ, ସୁସ୍ଥ ରୁହନ୍ତୁ, ଗ୍ରହମାନଙ୍କ ଆର୍ଶୀବାଦରୁ ସେ ଆମକୁ ଆହୁରି ବିମୋହିତ କରନ୍ତୁ। ଏଭଳି ଶୁଭକାମନା ଆମର ଅମିତାଭଙ୍କ ଉଦ୍ଦେଶ୍ୟରେ, ସ୍ୱାଧୀନତା ଦିବସ ଅବସରରେ। ଭାରତ ବର୍ଷର ପ୍ରତ୍ୟେକ ବ୍ୟକ୍ତି ନିଜ କ୍ଷେତ୍ରରେ ସଫଳ ହୁଅନ୍ତୁ, ନିରୋଗୀ ହୁଅନ୍ତୁ ଏବଂ ଦୀର୍ଘାୟୁ ହୁଅନ୍ତୁ। ଏପରି କାମନା ସହ।

**''ପଶ୍ୟେମ ଶରଦଃ ଶତମ୍, ଜୀବେମ ଶରଦଃ ଶତମ୍''।**

ଫୋନ୍:୯୩୩୮୦୧୭୧୩୪

ଆମ ଓଡ଼ିଶା ବ୍ୟୁରୋ

# ବିବାଦରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

# ବୁଲା କୁକୁରଙ୍କୁ ତଡ଼ିପାର୍!



ଗତ ସୋମବାର ଦିନ ମାନ୍ୟବର ସୁପ୍ରିମ କୋର୍ଟ ଏଭଳି ଏକ ଆଦେଶ ଜାରି କଲେ ଯାହାକୁ ନେଇ ଦେଶରେ ଏକ ବିତର୍କର ସୂତ୍ରପାତ ହୋଇଛି । ଜଷ୍ଟିସ ଜେ ବି ପାର୍ଡିୱାଲା ଏବଂ ଆର. ମହାଦେବନଙ୍କ ଏକ ବେଞ୍ଚ ଦିଲ୍ଲୀ ସରକାର ତଥା ନୋଏଡ଼ା, ଗୁରୁଗ୍ରାମ ଓ ଗାଜିଆବାଦ ପୌରପାଳିକାକୁ ରାଷ୍ଟ୍ରୀୟ ରାଜଧାନୀ ଅଞ୍ଚଳ (ନେସନାଲ କ୍ୟାପିଟାଲ ରିଜିଅନ ବା ଏନ୍ ସି ଆର)ରେ ଥିବା ସମସ୍ତ ବୁଲା କୁକୁରଙ୍କୁ ଧରି ସେମାନଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଲେ ।

ସୁପ୍ରିମ କୋର୍ଟଙ୍କ ଏହି ନିର୍ଦ୍ଦେଶ ଭ୍ରୂକୁଞ୍ଚନ ସୃଷ୍ଟି କରିବାର ଅନେକ କାରଣ ରହିଛି । ପ୍ରଥମ: ଏହା କୌଣସି ବ୍ୟକ୍ତି ବା ଅନୁଷ୍ଠାନ ଦ୍ୱାରା ଦାୟର କରା ଯାଇଥିବା ମାମଲା ଉପରେ ଦିଆଯାଇ ନ ଥିଲା; ବରଂ ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟକୁ ନିଜ ଆଡୁ ବିଚାରକୁ ନେଇ କୋର୍ଟ ଏହି ଆଦେଶ ଜାରି କରିଥିଲେ । ଫେବୃଆରୀ ୨୪, ୨୦୨୫ ସୁଦ୍ଧା ସୁପ୍ରିମ କୋର୍ଟରେ ୮୧, ୨୭୪ ମାମଲା ବିଚାର ପାଇଁ ପଡ଼ି ରହିଥିଲା ବେଳେ କୋର୍ଟ ଏଭଳି ଏକ ବିଷୟକୁ କାହିଁକି ବିଚାରକୁ ନେବା ଜରୁରୀ ମନେକଲେ ତାହା ସ୍ୱଭାବିକ ଭାବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଦ୍ୱିତୀୟ: ନିଜ ଆଦେଶରେ କୋର୍ଟ କହିଲେ ଯେ ଏହି ଆଦେଶ ପାଳନ କରିବା ଦିଗରେ ଯଦି କୌଣସି ବଳବତ୍ତର ଥିବା ଆଇନ, କାନୁନ ଅନ୍ତରାୟ ସୃଷ୍ଟି କରୁଛି, ତେବେ ତାକୁ "ଅଣଦେଖା କର"! କହିବା ବାହୁଲ୍ୟ ଏହା ଏକ ଅସାଧାରଣ ନିର୍ଦ୍ଦେଶ ଥିଲା କାରଣ ସାଧାରଣ ଲୋକଙ୍କ ଧାରଣା ଯେ ଦେଶର ପ୍ରଚଳିତ ଆଇନର ପାଳନ ଓ ସୁରକ୍ଷା କରିବା ଦେଶର ଉଚ୍ଚତମ ନ୍ୟାୟାଳୟର ପ୍ରଧାନ କର୍ତ୍ତବ୍ୟ । କିନ୍ତୁ ଏ କ୍ଷେତ୍ରରେ ନିଜେ ସୁପ୍ରିମ କୋର୍ଟ ହିଁ ଆଇନର ଉଲ୍ଲଂଘନ କରିବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି । ପ୍ରକାଶ ଥାଉ କି ପ୍ରିଭେନ୍‌ଶନ ଅଫ କ୍ରୁଏଲ୍ଟି ଟୁ ଆନିମଲ୍ ଏକ୍ଟ (ଜୀବଜନ୍ତୁଙ୍କ ପ୍ରତି ଅତ୍ୟାଚାର ନିରୋଧ ଆଇନ)ରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ ବୁଲା ଜୀବଜନ୍ତୁଙ୍କୁ ସ୍ଥାନାନ୍ତର କରାଯାଇ ପାରିବ ନାହିଁ । ସେମାନଙ୍କୁ ବନ୍ଧ୍ୟାକରଣ କରାଯାଇ ପାରିବ କିନ୍ତୁ ବନ୍ଧ୍ୟାକରଣ ପରେ ସେମାନଙ୍କୁ ପୁଣି ତାଙ୍କୁ ତାଙ୍କ ପୂର୍ବ ସ୍ଥାନକୁ ଫେରାଇ ନିଆଯିବ । ନିଜେ ସୁପ୍ରିମ କୋର୍ଟ ଏହି ନିୟମକୁ ବାରମ୍ବାର ଠିକ୍ ବୋଲି ଦର୍ଶାଇଛନ୍ତି । ଏଭଳି ସ୍ଥିତିରେ ନ୍ୟାୟମୂର୍ତ୍ତି ପାର୍ଡିୱାଲା ଏହି ନିୟମକୁ "ଅଯୌକ୍ତିକ" ଦର୍ଶାଇବା ନିଶ୍ଚିତ ଭାବେ ଦ୍ୱନ୍ଦ୍ୱ ସୃଷ୍ଟି କରିବ ।

**ତୃତୀୟ:** ଏ ମାମଲାରେ ପକ୍ଷଭୁକ୍ତ ହେବାକୁ ଚାହୁଁଥିବା ଏବଂ ଜୀବଜନ୍ତୁଙ୍କ ଅଧିକାରର ସୁରକ୍ଷା ଦିଗରେ କାର୍ଯ୍ୟରତ ଥିବା ଅନୁଷ୍ଠାନମାନଙ୍କ ଆବେଦନକୁ ମାନ୍ୟବର କୋର୍ଟ ଆଦୌ ଗ୍ରହଣ କଲେନାହିଁ । ଉଭୟ ପକ୍ଷକୁ ଶୁଣିବା ପରେ ହିଁ କୌଣସି ମାମଲାରେ ନିଷ୍ପତ୍ତି ଶୁଣାଇବା ନ୍ୟାୟ ବ୍ୟବସ୍ଥାର ମୂଳମନ୍ତ୍ର । କିନ୍ତୁ ଏ କ୍ଷେତ୍ରରେ ପ୍ରତିବାଦୀଙ୍କୁ ତାଙ୍କ ପକ୍ଷ ରଖିବାର ସୁଯୋଗ ଦେବାକୁ ସଫା ମନା କରିଦେବା ନିଶ୍ଚିତ ଭାବେ ଏହି ସର୍ବମାନ୍ୟ ନିୟମର ବିରୁଦ୍ଧାଚରଣ କରୁଛି । ବୁଲା କୁକୁର ମାନେ ଜାଣନ୍ତି ନାହିଁ ଯେ ତାଙ୍କ ବିରୁଦ୍ଧରେ ଏଭଳି ଏକ ଆଦେଶ ଦିଆ ଯାଇଛି କି ସେମାନେ ଏହାର ପ୍ରତିବାଦ କରି ପାରିବେ ନାହିଁ କାରଣ ସେମାନେ କଥା କହି ପାରନ୍ତି ନାହିଁ । ତେଣୁ ଏ କ୍ଷେତ୍ରରେ ନ୍ୟାୟ ବ୍ୟବସ୍ଥାରେ ଥିବା "ଲୋକସ ପାରେଣ୍ଟି" ନୀତି ଅନୁଯାୟୀ ଜୀବ ଜନ୍ତୁଙ୍କ ସୁରକ୍ଷା ପାଇଁ କାମ କରୁଥିବା ସଂଗଠନମାନଙ୍କୁ ତାଙ୍କ ପକ୍ଷ ରଖିବାର ସୁଯୋଗ ଦେବା ସ୍ୱଭାବିକ ନ୍ୟାୟିକ ପ୍ରକ୍ରିୟାର ଅଂଶବିଶେଷ ହେବାକଥା । ତେଣୁ ସୁପ୍ରିମ କୋର୍ଟ ଏଭଳି ସଂସ୍ଥାଙ୍କ ପକ୍ଷ ଶୁଣିବା ପାଇଁ ସଫା ମନା କରିଦେବା ଉଭୟ କୁକୁରମାନଙ୍କ ପ୍ରତି ଓ ସେମାନଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ଅନୁଷ୍ଠାନ ମାନଙ୍କ ପ୍ରତି ଅନ୍ୟାୟ ।

**ଏବଂ ଚତୁର୍ଥ:** ଏହି ଆଦେଶ ପାଳନ କରିବା ଦିଲ୍ଲୀ ସରକାର ଏବଂ ବୃହତ୍ତର ଦିଲ୍ଲୀର ପୌର ସଂସ୍ଥା ମାନଙ୍କ ପକ୍ଷରେ ଅସମ୍ଭବ । କୋର୍ଟ ନିଜ ଆଦେଶରେ ଆଗାମୀ ୬-୮ ସପ୍ତାହ ମଧ୍ୟରେ ୫,୦୦୦ ରୁ ୬,୦୦୦ ବୁଲା କୁକୁରଙ୍କ ପାଇଁ ସମସ୍ତ ଆନୁସଙ୍ଗିକ ସୁବିଧା ସୁଯୋଗ ଥିବା ଆଶ୍ରୟସ୍ଥଳ ନିର୍ମାଣ କରିବା ପାଇଁ କହିଛନ୍ତି । ଏକ ଆକଳନ ଅନୁଯାୟୀ ବୃହତ୍ତର ଦିଲ୍ଲୀରେ ବର୍ତ୍ତମାନ ପ୍ରାୟ ୧୦ ଲକ୍ଷ ବୁଲା କୁକୁର ଅଛନ୍ତି । ଅପର ପକ୍ଷରେ ଆଶ୍ରୟ ସ୍ଥଳ ସଂଖ୍ୟା ଶୂନ । ତେଣୁ ଏତେ ସଂଖ୍ୟକ କୁକୁରଙ୍କ ପାଇଁ ଆଶ୍ରୟ ସ୍ଥଳ ନିର୍ମାଣ କରିବା ପାଇଁ କେତେ ବର୍ଷ ଲାଗିବ, ତାହା ସହଜରେ ଅନୁମେୟ। ଏହାଛଡ଼ା ରହିଛି ଏହି ଭିତ୍ତିଭୂମି ନିର୍ମାଣ ପାଇଁ ଆବଶ୍ୟକ ବ୍ୟୟବରାଦର ପ୍ରଶ୍ନ । ସରକାରଙ୍କ ପାଖରେ ସବୁ ନାଗରିକଙ୍କ ପାଇଁ ରାସ୍ତା, ବିଜୁଳି, ପାନୀୟ ଜଳ ଇତ୍ୟାଦି ମୌଳିକ ସୁବିଧା ଯୋଗାଇ ଦେବାପାଇଁ ଯଥେଷ୍ଟ ଅର୍ଥ ନ ଥିଲା ବେଳେ କୁକୁରଙ୍କ ଥଇଥାନ ପାଇଁ ଆବଶ୍ୟକ ହଜାର ହଜାର କୋଟି ଟଙ୍କା ଆସିବ କେଉଁଠୁ ?

ଏହା ବ୍ୟତୀତ ସୁପ୍ରିମ କୋର୍ଟଙ୍କ ଏହି ଆଦେଶ ଅନ୍ୟ ଏକ ପ୍ରଶ୍ନ ମଧ୍ୟ ଉତଥାପନ କରୁଛି । ବୁଲା କୁକୁର ସମସ୍ୟା କଣ କେବଳ ଦିଲ୍ଲୀରେ ସୀମିତ ? ଯଦି ନୁହେଁ, ତେବେ କେବଳ ଦିଲ୍ଲୀ ପାଇଁ ଏଭଳି ଆଦେଶ ଜାରି କରି ସୁପ୍ରିମ୍ କୋର୍ଟ ଅନ୍ୟ ରାଜ୍ୟମାନଙ୍କ ପ୍ରତି ପକ୍ଷପାତ ଆଚରଣ କରି ନାହାଁନ୍ତି କି ?

ସ୍ୱାଭାବିକ ଭାବେ ଜୀବ ସୁରକ୍ଷା ପାଇଁ କାମ କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନ ମାନେ ସୁପ୍ରିମ କୋର୍ଟଙ୍କ ଏହି ଆଦେଶର ବିରୋଧ କରିଛନ୍ତି । ଏହି ଆଦେଶ ଜାରି ହେବା ଦିନ ହିଁ ଏଭଳି ଅନେକ ସଂଗଠନର କର୍ମକର୍ତ୍ତା ମାନେ ଦିଲ୍ଲୀର ଇଣ୍ଡିଆ ଗେଟ ଠାରେ ଏହା ବିରୁଦ୍ଧରେ ପ୍ରତିବାଦ ଓ ବିକ୍ଷୋଭ କରିଥିଲେ । ଜୀବଜନ୍ତୁଙ୍କ ଅଧିକାରର ସୁରକ୍ଷା ପାଇଁ ବହୁଦିନରୁ କାର୍ଯ୍ୟରତ ଦେଶର ପୂର୍ବତନ ପରିବେଶ ମନ୍ତ୍ରୀ ମାନେକା ଗାନ୍ଧୀ କହିଛନ୍ତି ଯେ ସୁପ୍ରିମ କୋର୍ଟ ସ୍ଥିର ଚିତ୍ତରେ ବିଚାର ପରେ ନୁହେଁ, ବରଂ "କ୍ରୋଧ"ର ବଶବର୍ତ୍ତୀ ହୋଇ ଏଭଳି ନିର୍ଦ୍ଦେଶ ଜାରି କରିଛନ୍ତି । ସେହିପରି ପିପୁଲ୍ ଫର୍ ଏଥିକାଲ ଟ୍ରିଟମେଣ୍ଟ ଅଫ ଆନିମାଲ୍ସ (ପେଟା)ର ବରିଷ୍ଠ ନିର୍ଦ୍ଦେଶକ (ଭାରତ) ମିନି ଆରବିନ୍ଦନ୍ କହିଛନ୍ତି ଯେ ଏତେ ସଂଖ୍ୟାରେ କୁକୁରଙ୍କୁ ସ୍ଥାନାନ୍ତର କରିବା ଦ୍ୱାରା ସେମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେବେ ।

ଅବଶ୍ୟ ଏକଥା ଅନସ୍ୱୀକାର୍ଯ୍ୟ ଯେ ବୁଲା କୁକୁର ଅନେକ ସମୟରେ ମଣିଷ ଜୀବନ ପ୍ରତି - ବିଶେଷ କରି ଶିଶୁଙ୍କ ପାଇଁ - ବିପଦ ସୃଷ୍ଟି କରିଥାନ୍ତି । କୁକୁର କାମୁଡ଼ା ଯୋଗୁଁ ଜଳାତଙ୍କ (ରାବିଜ୍) ରୋଗ ବ୍ୟାପିଥାଏ, ଯାହାର କୌଣସି ଉପଚାର ଏପର୍ଯ୍ୟନ୍ତ ଉଦ୍ଭାବନ ହୋଇନାହିଁ । ଯେଉଁଦିନ ସୁପ୍ରିମ କୋର୍ଟ ଏହି ନିର୍ଦ୍ଦେଶ ଦେଲେ ସେହିଦିନ ହିଁ ଓଡ଼ିଶାର ବଲାଙ୍ଗୀର ଜିଲ୍ଲା ଚିଞ୍ଚେଡ ଗ୍ରାମର ଦୁଇ ଜଣ ବ୍ୟକ୍ତି କୁକୁର କାମୁଡ଼ା ଯୋଗୁଁ ମୃତ୍ୟୁ ବରଣ କଲେ । କିନ୍ତୁ ବୁଲା କୁକୁରଙ୍କ ସମୂହ ବିସ୍ଥାପନ ଏହାର ସମାଧାନ ଆଦୌ ନୁହେଁ । ବରଂ ସମୂହ ଟୀକାକରଣ ଜରିଆରେ ଏହି ସମସ୍ୟାର ନିରାକରଣ କରାଯାଇ ପାରିବ। ଏହାଦ୍ୱାରା କେବଳ ଯେ ମଣିଷଙ୍କୁ ଜଳାତଙ୍କ ରୋଗରୁ ଓ ବୁଲା କୁକୁରଙ୍କୁ ଯନ୍ତ୍ରଣାରୁ ରକ୍ଷା କରାଯାଇ ପାରିବ, ତା ନୁହେଁ । ବରଂ ଏଭଳି ଏକ ଯୋଜନା କାର୍ଯ୍ୟକାରୀ କରିବା ସମ୍ଭବ ଓ ଏଥିରେ ଖର୍ଚ୍ଚ ମଧ୍ୟ ଯଥେଷ୍ଟ କମ ହେବ ।

ଆଶ୍ୱାସନାର ବିଷୟ ହେଉଛି ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ବି ଆର ଗଭଇ ଏହି ନିଷ୍ପତ୍ତିର ଅସଙ୍ଗତିକୁ ବିଚାରକୁ ନେଇ ଏହାର ପୁନର୍ବିଚାର ପାଇଁ ଜଷ୍ଟିସ ବିକ୍ରମ ନାଥଙ୍କ ଅଧ୍ୟକ୍ଷତାରେ ଏକ ତିନି ଜଣିଆ ବେଞ୍ଚ ଗଠନ କରିଛନ୍ତି । ଏହି ନୂତନ ବେଞ୍ଚ ଗୁରୁବାର ଦିନ ପୂର୍ବ ଆଦେଶ ଉପରେ ଶୁଣାଣି କରିବ । ଆଶା କରାଯାଇ ପାରେ ଯେ ଏହି ନୂତନ ବେଞ୍ଚ ଜୀବ ଜନ୍ତୁଙ୍କ ଅଧିକାରର ସୁରକ୍ଷା ପାଇଁ କାମ କରୁଥିବା ଅନୁଷ୍ଠାନ ମାନଙ୍କୁ ତାଙ୍କ ପକ୍ଷ ରଖିବାର ସୁଯୋଗ ଦେବ ।

## ପ୍ରଥମ ପୃଷ୍ଠାରୁ...

# କାହା ଚାପରେ ଅଟକିଛି...

ଖସିଯିବା ତାଙ୍କ ପାରିବାପଣିଆର ଅନ୍ୟତମ ନିଦର୍ଶନ। ଠାକ୍‌ରେଙ୍କ ଭଳି ପାଣ୍ଡିଆନ୍‌ଙ୍କ ହୁକୁମରେ ଡିଏମ୍‌ଏଫ୍ ପାଣ୍ଠିର ଆଖିବୁଜା ହେରଫେର୍ କରିଥିବା ସୁନ୍ଦରଗଡ଼ ସମେତ ଆଉ କିଛି ଖଣିଜ ବହୁଳ ଜିଲ୍ଲାର ତତ୍କାଳୀନ ଜିଲ୍ଲାପାଳମାନେ ମଧ୍ୟ ଅନୁରୂପ ଭାବେ ନିରାପଦ। ଡିଏମ୍‌ଏଫ୍ ମହାଘୋଟାଲାର ଚେର ସବୁ ଜିଲ୍ଲାକୁ ବ୍ୟାପିଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦୂରେ ଥାଉ, ଏ ପର୍ଯ୍ୟନ୍ତ କୌଣସି ତଦନ୍ତ ମଧ୍ୟ ଆରମ୍ଭ ହୋଇ ନାହିଁ। ଏପରିକି ଡିଏମ୍‌ଏଫ୍ ପରିଚାଳନାରେ ସ୍ୱଚ୍ଛତା ନଥିବା ନେଇ ସିଏଜି ନିୟମିତ ଭାବେ ଆପତ୍ତି ଉଠାଇଥିଲେ ମଧ୍ୟ ଓଡ଼ିଶାରେ ଏ ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ଶୂନ। ତେବେ କାହା ଚାପରେ ଅବା କେଉଁ ବାଧ୍ୟବାଧକତାରେ ରାଜ୍ୟ ସରକାର ଡିଏମ୍‌ଏଫ୍ ମହାଘୋଟାଲାର ତଦନ୍ତ ନକରି କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି- ତାହାକୁ ନେଇ ସନ୍ଦେହ ଘନୀଭୂତ ହେବାରେ ଲାଗିଛି।

ଡିଏମ୍‌ଏଫ୍ ପାଣ୍ଠି ଅର୍ଥକୁ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରିବା କ୍ଷମତା ରାଜ୍ୟ ସରକାର କିମ୍ବା କୌଣସି ରାଜ୍ୟସ୍ତରୀୟ କର୍ତ୍ତୃପକ୍ଷଙ୍କର ନାହିଁ ବୋଲି ସ୍ପଷ୍ଟ ନିୟମ ଥିଲେ ମଧ୍ୟ ତାହାକୁ ଖୋଲା ଉଲ୍ଲଂଘନ କରି ରାଜ୍ୟର ତତ୍କାଳୀନ ସ୍ୱେଚ୍ଛାଚାରୀ ସରକାର କୋଭିଡ୍ ରୋକିବା ନାମରେ ଖର୍ଚ୍ଚ କରିଥିଲେ ୪୬୩ କୋଟି ୭୩ ଲକ୍ଷ ଟଙ୍କା। ସେଥିରୁ ସିଂହଭାଗ ଯାଇଥିଲା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ। ଖଣି କ୍ଷତିଗ୍ରସ୍ତଙ୍କ ପାଇଁ ଉଦ୍ଦିଷ୍ଟ ଡିଏମ୍‌ଏଫ୍ ପାଣ୍ଠିରୁ ପାଖାପାଖି ୩୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା ରାଉରକେଲା ହକି ଷ୍ଟାଡିୟମ୍ ନିର୍ମାଣ ଓ କଳିଙ୍ଗ ଷ୍ଟାଡ଼ିୟମ୍‌ର ବିକାଶ ବାବଦରେ। ଝାରସୁଗୁଡ଼ା ବିମାନ ବନ୍ଦରରେ ବିଦ୍ୟୁତ ସଂଯୋଗ ଲାଗି ଏହି ପାଣ୍ଠିରୁ ଯାଇଥିଲା ୨୦ କୋଟି। ପୁଣି ଖଣି ଅଞ୍ଚଳଠାରୁ ବହୁ ଦୂରରେ ଥିବା ସହରାଞ୍ଚଳରେ ପାଇପ୍ ଜଳ ପ୍ରକଳ୍ପ ପାଇଁ ବେଆଇନ୍ ଭାବେ ଏହି ପାଣ୍ଠିରୁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇଥିଲା। ଏଭଳି କିଛି ନିର୍ଦ୍ଦିଷ୍ଟ ଅଭିଯୋଗ ପାଇବା ପରେ କେନ୍ଦ୍ର ଖଣି ମନ୍ତ୍ରାଳୟ ରାଜ୍ୟ ସରକାରଙ୍କୁ ତାଗିଦ୍ କରି ଏହାର ପୁନରାବୃତ୍ତିକୁ ବରଦାସ୍ତ କରାଯିବ ନାହିଁ ବୋଲି ଚେତାବନୀ ଦେଇଥିଲେ। ମାତ୍ର ଏହାକୁ ଖାତିର୍ ନକରି ସ୍ୱେଚ୍ଛାଚାରୀ ରାଜ୍ୟ ସରକାର ଡିଏମ୍‌ଏଫ୍ ପାଣ୍ଠିକୁ ବେଆଇନ୍ ଭାବେ ଅନ୍ୟ କ୍ଷେତ୍ରରେ ବ୍ୟୟ କରି ଚାଲିଥିଲେ। ସ୍ମରଣଯୋଗ୍ୟ, ଜିଲ୍ଲା ମହକୁମା ହସ୍ପିଟାଲ୍‌କୁ ମେଡ଼ିକାଲ୍ କଲେଜରେ ରୂପାନ୍ତରିତ କରିବା ଲାଗି କେନ୍ଦ୍ର ସରକାର ଜାତୀୟ ଯୋଜନା ଘୋଷଣା କରିଥିଲେ। ତଦନୁଯାୟୀ ସେ ବାବଦରେ କେନ୍ଦ୍ର ୮୦% ସହାୟତା ଦେଉଥିବା ବେଳେ ରାଜ୍ୟ ୨୦% ଅର୍ଥ ବହନ କରିବାକୁ କୁହାଯାଇଥିଲା। ଏହି ଯୋଜନାରେ ରାଜ୍ୟର ଅନ୍ୟ କେତେକ ଜିଲ୍ଲାରେ ମେଡ଼ିକାଲ୍ କଲେଜ ନିର୍ମିତ ହୋଇଥିଲେ ମଧ୍ୟ କେବଳ ରାଜନୈତିକ ଉଦ୍ଦେଶ୍ୟ ସାଧନ ଲକ୍ଷ୍ୟରେ ଯାଜପୁର ଓ କେନ୍ଦୁଝର ମେଡ଼ିକାଲ୍ କଲେଜ ପାଇଁ ଡିଏମ୍‌ଏଫ୍ ପାଣ୍ଠିରୁ ଶହ ଶହ କୋଟି ଟଙ୍କା ଦିଆଯାଇଥିଲା; ଯାହା କେନ୍ଦ୍ରର ଯୋଜନାର ସ୍ପଷ୍ଟ ଉଲ୍ଲଂଘନ। ଏହାଛଡ଼ା କେଉଁଠି ଜିଲ୍ଲାପାଳଙ୍କ ଆବାସିକ ଅଫିସ୍‌ର ନବକଳେବର ତ କେଉଠି ଅତିଥି ଭବନ ନିର୍ମାଣ ଓ ପୁଣି କେଉଁଠି ପାଟ୍ରୋଲିଂ ନାମରେ ପୁଲିସ୍ ପାଇଁ ବ୍ୟୟବହୁଳ ଗାଡ଼ି କିଣା ବାବଦରେ ଡିଏମ୍‌ଏଫ୍ ପାଣ୍ଠିକୁ ସାହାଣମେଲା କରିଥିଲେ ପୂର୍ବ ସରକାର। ଏହା ବାଦ୍ ପାଣ୍ଡିଆନ୍‌ଙ୍କ ଆତ୍ମପ୍ରଚାର ପାଇଁ ଡିଏମ୍‌ଏଫ୍ ପାଣ୍ଠିର ଗୁରୁତର ଦୁରୁପଯୋଗ ହାଟରେ ପଡ଼ି ଦାଣ୍ଡରେ ଗଡୁଥିଲେ ହେଁ ନୂଆ ସରକାର ଏ ପର୍ଯ୍ୟନ୍ତ ତଦନ୍ତର ନାଁ ନ ଧରିବା ଅଧିକ ବିସ୍ମୟଜନକ।

ଯଦି ଡିଏମ୍‌ଏଫ୍ ପାଣ୍ଠିର ସଦୁପଯୋଗ ହୋଇଛି, ତେବେ ଖଣି କ୍ଷତିଗ୍ରସ୍ତମାନେ ଏ ପର୍ଯ୍ୟନ୍ତ ଭୋକର ଭୂଗୋଳରୁ ନିସ୍ତାର ନପାଇବାର କାରଣ କ'ଣ। ନୀତି ଆୟୋଗଙ୍କ ରିପୋର୍ଟ ଅନୁସାରେ ଖଣିଜ ଜିଲ୍ଲା ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ମାଲକାନଗିରି, ରାୟଗଡ଼ା ଓ କୋରାପୁଟରେ ଯଥାକ୍ରମେ ୩୮%, ୨୬.୮%, ୩୦.୫%, ୪୫%, ୩୪% ଓ ୩୩.୫%

| ଖଣିଜ ଜିଲ୍ଲାରେ ସ୍ୱାସ୍ଥ୍ୟ ସୂଚକାଙ୍କ | | | | | |
|---|---|---|---|---|---|
| ଜିଲ୍ଲା | | ରକ୍ତହୀନତା% | ଶାରିରୀକ ଦୁର୍ବଳତା (କମ୍ ଓଜନ/ବାଙ୍ଗରା)% | ନିଶା ସେବନ (୧୫ ବର୍ଷରୁ ଅଧିକ)% | |
| | | | | ତମାଖୁ | ମଦ |
| କେନ୍ଦୁଝର | ମହିଳା | ୬୮ | | ୩୪.୯ | ୧୩.୬ |
| | ଗର୍ଭବତୀ | ୭୪.୭ | | | |
| | ଶିଶୁ | ୬୪.୬ | ୩୭.୧/୩୬.୨ | | |
| | ପୁରୁଷ | | | ୬୪.୨ | ୪୩.୨ |
| ସୁନ୍ଦରଗଡ଼ | ମହିଳା | ୬୯.୮ | | ୨୧.୯ | ୧୧.୫ |
| | ଗର୍ଭବତୀ | ୬୮.୪ | | | |
| | ଶିଶୁ | ୭୭.୧ | ୩୪.୭/୩୨.୯ | | |
| | ପୁରୁଷ | | | ୫୨.୨ | ୪୫.୯ |
| କୋରାପୁଟ | ମହିଳା | ୫୮.୨ | | ୩୨.୭ | ୧୧.୫ |
| | ଗର୍ଭବତୀ | ୫୯.୩ | | | |
| | ଶିଶୁ | ୬୯.୭ | ୩୩.୫/୪୩.୧ | | |
| | ପୁରୁଷ | | | ୫୮.୧ | ୩୭.୩ |
| ଅନୁଗୁଳ | ମହିଳା | ୭୫.୮ | | ୧୭.୨ | ୩.୯ |
| | ଗର୍ଭବତୀ | ୭୫.୭ | | | |
| | ଶିଶୁ | ୭୫.୩ | ୩୦.୫/୨୮.୧ | | |
| | ପୁରୁଷ | | | ୫୬.୯ | ୩୨.୯ |

ଲୋକେ ବହୁମୁଖୀ ଦାରିଦ୍ର୍ୟର ସମ୍ମୁଖୀନ। ମାତ୍ର ଲୁହାପଥର ଓ ମାଙ୍ଗାନିଜ୍ ଭଣ୍ଡାର ଭାବେ ବିବେଚିତ ଯୋଡ଼ା ବ୍ଲକ୍‌ରେ ୭୦%ରୁ ଅଧିକ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ (ବିପିଏଲ୍) ବାସ କରନ୍ତି। ସେହିପରି ଲୁହାପଥର ଓ ମାଙ୍ଗାନିଜ୍‌ର ଗନ୍ତାଘର ସୁନ୍ଦରଗଡ଼ ଜିଲ୍ଲାର କୋଇଡ଼ା ବ୍ଲକ୍‌ରେ ଦାରିଦ୍ର୍ୟର ଚିତ୍ର ଆହୁରି ଉଦ୍‌ବେଗଜନକ। ସେଠାରେ ୭୩%ରୁ ଅଧିକ ପରିବାର ବିପିଏଲ୍ ଅନ୍ତର୍ଭୁକ୍ତ। ମୁଖ୍ୟତଃ ରାଜ୍ୟର ପ୍ରାୟ ସବୁ ଖଣି ଅଞ୍ଚଳରେ ଦାରିଦ୍ର୍ୟ ହାର ସର୍ବାଧିକ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଦ୍ୱାରା ଇତିମଧ୍ୟରେ ପ୍ରକାଶିତ ଜାତୀୟ ପରିବାର ସର୍ଭେ-୫ ରିପୋର୍ଟକୁ ଅନୁଧ୍ୟାନ କଲେ ସମ୍ପୃକ୍ତ ଖଣିଜ ଜିଲ୍ଲାଗୁଡ଼ିକରେ ବହୁମୁଖୀ ଦାରଦ୍ର୍ୟର ବାସ୍ତବ ଚିତ୍ର କେତେ ଦୟନୀୟ ତାହା ଅନୁମାନ କରାଯାଇପାରେ।

ମାଟି ତଳେ ଖଣିଜର ପ୍ରାଚୁର୍ଯ୍ୟ ଓ ମାଟି ଉପରେ ବିପୁଳ ଜଂଗଲ ସଂପଦ, ମାତ୍ର ଏହାର ଭୂମିପୁତ୍ରମାନେ ଆଜି ବି ଦରିଦ୍ର! ସ୍ୱାଧୀନତାର ୭୮ ବର୍ଷ ପରେ ବି ଏଭଳି ଐତିହାସିକ ବିଡ଼ମ୍ବନା ଅପରିବର୍ତ୍ତିତ ରହିବା ଉଦ୍‌ବେଗଜନକ ନୁହେଁ କି? ସଂଶୋଧିତ ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ଆଇନ-୨୦୧୫ ଆଧାରରେ ଓଡ଼ିଶା ସମେତ ଦେଶର ୨୩ଟି ଖଣିଜ ରାଜ୍ୟରେ ଡିଏମ୍‌ଏଫ୍ କାର୍ଯ୍ୟକାରୀ ହେବା ପରେ ସେହି ନିଷ୍ପେସିତ ବର୍ଗଙ୍କ ଭାଗ୍ୟର ପରିବର୍ତ୍ତନ ଘଟିବ ବୋଲି ଯେଉଁ ଆଶା ସଞ୍ଚାର ହୋଇଥିଲା, ତାହା ସୁଦୂର ପରାହତ। ଓଡ଼ିଶାରେ ୨୦୧୫ ଅଗଷ୍ଟ ୧୮ରୁ କାର୍ଯ୍ୟକାରୀ ହେଲା ଡିଏମ୍‌ଏଫ୍। ନିର୍ଦ୍ଧାରିତ ଆଇନ ଅନୁସାରେ ୨୦୧୫ ପୂର୍ବରୁ ଖଣି ପାଇଥିବା ଲିଜ୍‌ଧାରୀ ଦାଖଲ କରୁଥିବା ରୟାଲ୍‌ଟିର ୩୦% ଡିଏମ୍‌ଏଫ୍‌ରେ ଜମା କରିବେ। ଏହାପରେ ଇ-ନିଲାମରେ ଖଣି ନେଇଥିବା ଲିଜ୍‌ଧାରୀ ରୟାଲ୍‌ଟିର ୧୦% ଜମା ଦେବାକୁ ବ୍ୟବସ୍ଥା ଅଛି। ତଦନୁଯାୟୀ ଗତ ୧୦ ବର୍ଷରେ ଦେଶର ୨୩ଟି ଖଣିଜ ରାଜ୍ୟର ଡିଏମ୍‌ଏଫ୍‌କୁ ଆସିଛି ୧ ଲକ୍ଷ ୫୧ ହଜାର ୨୧୪ କୋଟି ୨୯ ଲକ୍ଷ ଟଙ୍କା; ଯାହା ଅନ୍ୟାନ୍ୟ ରାଜ୍ୟ ତୁଳନାରେ ସର୍ବାଧିକ। ଏହି ସମୟରେ ଓଡ଼ିଶା ଡିଏମ୍‌ଏଫ୍ ପାଣ୍ଠିରେ ଜମା ହୋଇଛି ମୋଟ ୪୧ ହଜାର ୭୦୪ କୋଟି ୩୪ ଲକ୍ଷ ଟଙ୍କା। ସେଥିରେ ସିଂହଭାଗ ଅବଦାନ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାର। ଏହି ଦୁଇଟି ଡିଏମ୍‌ଏଫ୍‌ରେ ଜମା ହୋଇଛି ଯଥାକ୍ରମେ ୧୮,୫୭୪ କୋଟି ୩ ଲକ୍ଷ ଓ ୧୩,୨୮୭ କୋଟି ୯୪ ଲକ୍ଷ ଟଙ୍କା। ଏହାପଛକୁ ଅନୁଗୁଳରେ ୩୯୭୨.୪୬ କୋଟି, ଯାଜପୁରରେ ୨୫୮୮.୨୦ କୋଟି, ଝାରସୁଗୁଡ଼ା ଡିଏମ୍‌ଏଫ୍‌ରେ ୧୫୮୮.୬୫ କୋଟି ଟଙ୍କା ଜମା ହୋଇଥିବା ବେଳେ ରାଜ୍ୟର ବକ୍ସାଇଟ୍ ଭଣ୍ଡାର ଭାବେ ବିବେଚିତ କୋରାପୁଟ ଓ ରାୟଗଡ଼ା ଡିଏମ୍‌ଏଫ୍‌କୁ ଏହି ୧୦ ବର୍ଷରେ ଆସିଛି ଯଥାକ୍ରମେ ୫୯୯ କୋଟି ୪୭ ଲକ୍ଷ ଓ ୩୬୧ କୋଟି ୬୯ ଲକ୍ଷ ଟଙ୍କା।

ପାଣ୍ଠି ପରିଚଳନା ଲାଗି ପ୍ରସ୍ତୁତ ନିୟମରେ ଖଣି କାର୍ଯ୍ୟକଳାପ ଯୋଗୁଁ ପ୍ରତ୍ୟକ୍ଷ ଭାବେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ଗମନାଗମନ ବ୍ୟବସ୍ଥା ସମେତ ରୋଜଗାର ବୃଦ୍ଧି ଜରିଆରେ ସେମାନଙ୍କ ଜୀବନଧାରଣ ମାନର ଉନ୍ନତି ଆଣିବାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ତଦନୁଯାୟୀ ଖଣି କ୍ଷତିଗ୍ରସ୍ତଙ୍କ ସାମାଜିକ ଓ ଆର୍ଥିକ ବିକାଶକୁ ଉଚ୍ଚ ଅଗ୍ରାଧିକାର କ୍ଷେତ୍ର (High priority area) ଭାବେ ବର୍ଗୀକୃତ କରାଯାଇ ସମ୍ପୃକ୍ତ ଅଞ୍ଚଳରେ ଡିଏମ୍‌ଏଫ୍ ପାଣ୍ଠିର ସର୍ବନିମ୍ନ ୬୦% ଅର୍ଥ ବିନିଯୋଗ କରାଯିବାକୁ ନିୟମ ରହିଛି। ଅବଶିଷ୍ଟ ୪୦% ଅର୍ଥ ପରୋକ୍ଷ ଭାବେ କ୍ଷତିଗ୍ରସ୍ତ ଅଞ୍ଚଳରେ କ୍ଷୁଦ୍ର ଜଳସେଚନ, ଜଳଛାୟା ପ୍ରକଳ୍ପ ସମେତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ବିକାଶ ଓ ଶିକ୍ଷା ଭିତ୍ତିଭୂମି ବାବଦରେ ବିନିଯୋଗ ହେବାର ବ୍ୟବସ୍ଥା ଅଛି।

ଖଣି କ୍ଷତିଗ୍ରସ୍ତଙ୍କ ସାମାଜିକ-ଆର୍ଥିକ ବିକାଶ ପାଇଁ ଡିଏମ୍‌ଏଫ୍ ପାଣ୍ଠି ପ୍ରମୁଖ ଉତ୍ସ ହୋଇଥିବା ବେଳେ ଓଡ଼ିଶା କ୍ଷେତ୍ରରେ ଆଉ ଏକ ଅତିରିକ୍ତ ଉତ୍ସ ଯୋଡ଼ି-ହୋଇଗଲା। ତାହା ହେଲା- 'ଓଡ଼ିଶା ଖଣିଜ ଧାରକ ଅଞ୍ଚଳ ବିକାଶ ନିଗମ' (ଓମ୍‌ବାଡ୍‌ସି)ର ପାଣ୍ଠି। ଏକଦା ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ଏହି ସ୍ପେଶାଲ୍ ପର୍ପସ୍ ଭେଇକିଲ୍ (ଏସ୍‌ପିଭି) କେବଳ ବନୀକରଣ ଓ ପରିବେଶ ରକ୍ଷାରେ ସୀମିତ ଥିବା ବେଳେ ପ୍ରତିପୂରକ ବନୀକରଣ ପାଣ୍ଠି ଯୋଜନା ପ୍ରାଧିକରଣ (CAMPA)ରୁ କିଛି ଅର୍ଥ ଓମ୍‌ବାଡ୍‌ସିକୁ ଯାଉଥିଲା। ତେବେ ବେଆଇନ୍ ଖଣି କାର୍ଯ୍ୟକଳାପରେ ଅଭିଯୁକ୍ତ ଲିଜ୍‌ଧାରୀଙ୍କ ଠାରୁ ଜରିମାନା ଅସୁଲ ପାଇଁ ସୁପ୍ରମ୍ କୋର୍ଟ ନିର୍ଦ୍ଦେଶ ଦେବାପରେ ପ୍ରାୟ ୨୦ ହଜାର କୋଟିରୁ ଅଧିକ ଟଙ୍କା ଓମ୍‌ବାଡ୍‌ସି ପାଣ୍ଠିକୁ ଆସିଲା। ଏହି ଅତିରିକ୍ତ ଅର୍ଥ ଖଣି କ୍ଷତିଗ୍ରସ୍ତଙ୍କ ସାମାଜିକ-ଆର୍ଥିକ ବିକାଶ ସମେତ ପରିବେଶ ସୁରକ୍ଷା ଦିଗରେ ବିନିଯୋଗ ହେବ ବୋଲି ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ଥିବାରୁ ଖଣି କ୍ଷତିଗ୍ରସ୍ତଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ଉପରୋକ୍ତ ଦୁଇଟି ପାଣ୍ଠିର ପରିମାଣ ୨୦୨୪ ସୁଦ୍ଧା ୬୧ ହଜାର କୋଟି ଟଙ୍କା ଟପିଥିଲା। ଏହାଛଡ଼ା କ୍ରମବର୍ଦ୍ଧିଷ୍ଣୁ ଖଣିଜ ଉତ୍ତୋଳନ ସହ ତାଳଦେଇ ରୟାଲ୍‌ଟି ବଢୁଥିବାରୁ ରାଜ୍ୟରେ ଡିଏମ୍‌ଏଫ୍ ଜମା ମଧ୍ୟ ବଢ଼ିଚାଲିଛି। ହିସାବ ଅନୁସାରେ ପ୍ରତିବର୍ଷ ରାଜ୍ୟ ଡିଏମ୍‌ଏଫ୍‌କୁ ହାରାହାରି ୩ ହଜାର କୋଟି ଟଙ୍କାରୁ ଅଧିକ ଆସିବା ନିଶ୍ଚିତ। ଏହି ନିୟମିତ ପାଣ୍ଠିକୁ ବାଦ୍ ଦେଲେ ଖଣି ଅଞ୍ଚଳରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ କର୍ପୋରେଟ୍ ସାମାଜିକ କର୍ତ୍ତବ୍ୟବୋଧ (ସିଏସ୍‌ଆର୍) ନାମରେ ପାଣ୍ଠି ବିନିଯୋଗ ହେଉଛି। ପୁଣି ରାଜ୍ୟର ଖଣିଜ ବହୁଳ ଅଞ୍ଚଳ ମୁଖ୍ୟତଃ ଅନୁସୂଚିତ ଜନଜାତି ଅଧ୍ୟୁଷିତ ହୋଇଥିବାରୁ ସମ୍ବିଧାନର ୫ମ ପରିଚ୍ଛେଦ ଅନୁଯାୟୀ ସେସବୁ ଅଞ୍ଚଳର ବିକାଶ ପାଇଁ ଜନଜାତି ପରିଯୋଜନାରେ ସ୍ୱତନ୍ତ୍ର ଅନୁଦାନ ଆସୁଛି। ଏହାଛଡ଼ା ରାଜ୍ୟର ୧୨ଟି ଜିଲ୍ଲାରେ ଥିବା ୧୩ଟି ଅବକ୍ଷୟମୁଖୀ ଆଦିମ ଜନଜାତି ସମ୍ପ୍ରଦାୟଙ୍କୁ ସାମାଜିକ ମୁଖ୍ୟସ୍ରୋତକୁ ଆଣିବା ଲକ୍ଷ୍ୟରେ ସ୍ଥାପିତ ୧୭ଟି ଅଣୁ ପ୍ରକଳ୍ପକୁ ୭୦ ଦଶକରୁ ସ୍ୱତନ୍ତ୍ର ସହାୟତା ମଧ୍ୟ ଆସୁଛି। ମୋଟାମୋଟି ଭାବେ ଖଣି-ଶିଳ୍ପ ଯୋଗୁଁ ବହୁଳ ଭାବେ କ୍ଷତିଗ୍ରସ୍ତ ଆଦିବାସୀ/ବନବାସୀଙ୍କ ବିକାଶ ପାଇଁ ଆମ ରାଜ୍ୟରେ ଟଙ୍କାର ଅଭାବ ନାହିଁ। ଏହା ସତ୍ତ୍ୱେ ସେମାନଙ୍କ ଦାରିଦ୍ର୍ୟ ଓ ଅନଗ୍ରସରତା ଦୂର ନହେବାର କାରଣ କ'ଣ? ଏହି ନିଷ୍ପେସିତ ବର୍ଗ କ'ଣ କେବଳ ଭୋଟ୍ ବ୍ୟାଙ୍କ ଭାବେ ବ୍ୟବହୃତ ହେବାକୁ ଅଭିଶପ୍ତ??-ଏମିତି ଅନେକ ପ୍ରଶ୍ନ ତଥାକଥିତ ସଭ୍ୟ ସମାଜକୁ ଆନ୍ଦୋଳିତ ନକରିବା ଘୋର ପରିତାପର ବିଷୟ।

ଡିଏମ୍‌ଏଫ୍ ପାଣ୍ଠିର ସଠିକ ପରିଚାଳନା ଲାଗି ଆଇନ ତଥା ନୀତି-ନିୟମରେ ବହୁପର୍ଯ୍ୟାୟ ବ୍ୟବସ୍ଥା ରହିଛି। ତଦନୁଯାୟୀ ଯେ କୌଣସି ଅଞ୍ଚଳରେ ପ୍ରକଳ୍ପ ଚୂଡ଼ାନ୍ତ ପୂର୍ବରୁ ସ୍ଥାନୀୟ ହିତାଧିକାରୀଙ୍କ ମତାମତକୁ ଗ୍ରାମସଭା ଜରିଆରେ ଅଗ୍ରାଧିକାର ଦିଆଯିବ। ଏହାପରେ ଡିଏମ୍‌ଏଫ୍ ପରିଷଦରେ ପ୍ରତିନିଧିତ୍ୱ କରୁଥିବା ସ୍ଥାନୀୟ ବିଧାୟକ, ସାଂସଦ ଓ ଜିଲ୍ଲା ପରିଷଦର ପ୍ରତିନିଧିଙ୍କ ସହ ଆଲୋଚନା କରାଯାଇ ପ୍ରକଳ୍ପର ଅଟକଳ ଚୂଡ଼ାନ୍ତ ହେବା ପରେ ତାହା ରାଜ୍ୟସ୍ତରୀୟ କମିଟିର ଅନୁମୋଦନ ଲାଭକରେ। ଏହାପରେ ଟେଣ୍ଡର ନିୟମ ଅନୁଯାୟୀ କାର୍ଯ୍ୟାଦେଶ ତ୍ୱରାନ୍ୱିତ କରାଯିବା ନିୟମ ଅଛି। ଶେଷରେ ବିନିଯୋଗ ଅର୍ଥରୁ କ'ଣ ସୁଫଳ ମିଳିଲା, ତାହାର ନିୟମିତ ଅଡ଼ିଟ୍ ମଧ୍ୟ ଆଇନ ପରିସରଭୁକ୍ତ। ମାତ୍ର ପରିତାପର ବିଷୟ ଏହି ଯେ ବର୍ଷକୁ ଅତିକମରେ ଦୁଇଟି ପରିଷଦ ବୈଠକ ବସିବାର ନିୟମ ଥିଲେ ମଧ୍ୟ ଗତ ୧୦ ବର୍ଷରେ ତାହା କେବେ ପାଳନ କରାଯାଇ ନାହିଁ। ଲୋକ ପ୍ରତିନିଧିମାନଙ୍କୁ ଅନ୍ଧାରରେ ରଖି ଜିଲ୍ଲାପାଳମାନେ ଅଧସ୍ତନ ବିଭାଗୀୟ ଅଧିକାରୀଙ୍କ ଦସ୍ତଖତରେ ଡିଏମ୍‌ଏଫ୍ ପରିଚାଳନାର ସର୍ବେସର୍ବା ପାଲଟିଥିଲେ। ଲୋକ ପ୍ରତିନିଧିମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ସେମାନଙ୍କୁ କେବେ କର୍ଣ୍ଣପାତ କରାଗଲା ନାହିଁ। ବରଂ ନବୀନଙ୍କ ନାମରେ ଶାସନ କରିଆସିଥିବା ଭି.କେ ପାଣ୍ଡିଆନ୍‌ଙ୍କ ହୁକୁମ୍‌ରେ ଡିଏମ୍‌ଏଫ୍ ପରିଚାଳିତ ହେବା ପରମ୍ପରା ପାଲଟିଥିଲା। ପରିଣାମସ୍ୱରୂପ ଡିଏମ୍‌ଏଫ୍ ପାଣ୍ଠିର ଆଖିବୁଜା ବିନର୍ବ୍ୟୟ ବ୍ୟତୀତ ହିତାଧିକାରୀଙ୍କ ନିକଟରେ କୌଣସି ସୁଫଳ ପହଞ୍ଚି ନାହିଁ।

ଡିଏମ୍‌ଏଫ୍ ଜାତୀୟ ପୋର୍ଟାଲ୍‌ରେ ୨୦୨୫ ଏପ୍ରିଲ୍ ୨୬ରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଓଡ଼ିଶା ଡିଏମ୍‌ଏଫ୍‌କୁ ଆସିଥିବା ୩୦ ହଜାର ୫୦ କୋଟି ୫୧ ଲକ୍ଷ ଟଙ୍କାରୁ ୧୨ ହଜାର ୪୦୨ କୋଟି ୮୯ ଲକ୍ଷ ଟଙ୍କା ବିନିଯୋଗ ହୋଇଛି, ଅର୍ଥାତ୍ ୧୭ ହଜାର ୬୪୭ କୋଟି ୬୨ ଲକ୍ଷ ଟଙ୍କା ଖର୍ଚ୍ଚ ନହୋଇ ପଡ଼ିରହିଛି। ବିଭିନ୍ନ ଜିଲ୍ଲାର ଡିଏମ୍‌ଏଫ୍ ଟ୍ରଷ୍ଟ ଦ୍ୱାରା ୩୦,୯୪୭ ପ୍ରକଳ୍ପ ପାଇଁ ୨୫ ହଜାର ୯୪୨ କୋଟି ୭୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ସେଥିରୁ ୬୦୩୨ କୋଟି ୪୧ ଲକ୍ଷ ଟଙ୍କାରେ ୧୭୮୮୪ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। କାର୍ଯ୍ୟାଦେଶ ପରେ ୧୭୪୯୧ କୋଟି ୯୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୮୭୯୩ ପ୍ରକଳ୍ପର କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ ଅଛି। ଆଉ ୨୧୯୨ କୋଟି ୧୯ ଲକ୍ଷ ଟଙ୍କାର ୩୨୬୭ ପ୍ରକଳ୍ପର କାର୍ଯ୍ୟ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇ ନାହିଁ। ତେବେ ରାଜ୍ୟ କିମ୍ବା ଜାତୀୟ ପୋର୍ଟାଲ ନିୟମିତ ଅପ୍‌ଡେଟ୍ ହେଉ ନଥିବାରୁ ଏହାକୁ ତାଜା ସୂଚନା ଭାବେ ଗ୍ରହଣ କରାଯାଇ ନପାରେ।



# କଳିଙ୍ଗରେ ଆନ୍ତର୍ଜାତିକ ଆଥଲେଟିକ୍ସ : ଖର୍ଚ୍ଚ କେତେ, ଲାଭ କେତେ ?



ସନାତନ ପାଣି

ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଆନୁକୁଲ୍ୟରେ ଏବଂ ଆଥଲେଟିକ୍ସ ଫେଡେରେସନ ଅଫ ଇଣ୍ଡିଆ ସହଯୋଗରେ ଗତ ଅଗଷ୍ଟ ୧୦ ତାରିଖ ଦିନ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମଠାରେ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ବ୍ରୋଞ୍ଜ ଦିନିକିଆ ଆନ୍ତର୍ଜାତିକ ଦୌଡ଼କୁଦ ପ୍ରତିଯୋଗିତା । ଭାରତରେ ପ୍ରଥମ ଥର ପାଇଁ ଆୟୋଜିତ ଏହି ପ୍ରତିଯୋଗିତାରେ ୧୭ ଟି ଦେଶର ପ୍ରାୟ ୧୬୦ ଖେଳାଳି ୧୭ଟି ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ସାମିଲ ଥିଲେ ଓଡ଼ିଶାର ୫ ସମେତ ଭାରତରୁ ୯୦ ଖେଳାଳି ।

କୃତି ପ୍ରତିଯୋଗୀମାନଙ୍କୁ ପଦକ ପ୍ରଦାନର ନିୟମ ନ ଥିଲା। କିନ୍ତୁ ଶୀର୍ଷ ଚାରି ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କ ପାଇଁ ରଖାଯାଇଥିଲା ପ୍ରାୟ ୨୨ ଲକ୍ଷ ଟଙ୍କାର ଅର୍ଥ ପୁରସ୍କାର । ପ୍ରଥମ ଓ ଦ୍ୱିତୀୟ ସ୍ଥାନ ପାଇଁ ଯଥାକ୍ରମେ ୭୦ ହଜାର ଓ ୩୫ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ତୃତୀୟ ଓ ଚତୁର୍ଥ ସ୍ଥାନ ଲାଗି ମିଳିଥିଲା ୨୬ ହଜାର ଓ ୧୭ ହଜାର ୫୦୦ ଟଙ୍କା ।

ମୋଟ ୬୭ଟି ପୁରସ୍କାର ମଧ୍ୟରୁ ୫୩ଟି ଅକ୍ତିଆର କରି ଭାରତୀୟ ପ୍ରତିଯୋଗୀମାନେ ଜାହିର କରିଥିଲେ ଆଧିପତ୍ୟ । ସେଥିମଧ୍ୟରେ ଥିଲା ୧୩ଟି ଲେଖାଏଁ ପ୍ରଥମ, ତୃତୀୟ ଓ ଚତୁର୍ଥ ପୁରସ୍କାର ଏବଂ ୧୪ଟି ଦ୍ୱିତୀୟ ପୁରସ୍କାର । ପାଞ୍ଚ ଜଣ ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଜ୍ଞା ପ୍ରଶାନ୍ତି ସାହୁ ମହିଳା ୧୦୦ ମିଟର ବାଧା ଦୌଡ଼ରେ ପ୍ରଥମ ପୁରସ୍କାର ଲାଭ କରିଥିବାବେଳେ ଛତିଶଗଡ଼ରୁ ଆସି ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବା ଅନିମେଷ କୁଜୁର ପୁରୁଷ ୨୦୦ ମିଟର ଦୌଡ଼ରେ ପ୍ରଥମ ପୁରସ୍କାର ଲାଭ କରିଥିଲେ । ପୁରୁଷ ୧୦୦ ମିଟର ଦୌଡ଼ରେ ଲାଲୁ ପ୍ରସାଦ ଭୋଇ ହାସଲ କରିଥିଲେ ଚତୁର୍ଥ ପୁରସ୍କାର ।

ଉଭୟ ୧୦୦ ଓ ୨୦୦ ମିଟର ଦୌଡ଼ରେ ଜାତୀୟ ରେକର୍ଡର ଅଧିକାରୀ ଥିବା ଅନିମେଷଙ୍କ ଟାଇମିଙ୍ଗ କିନ୍ତୁ ଆଶାନୁରୂପକ ହୋଇପାରି ନଥିଲା । ୧୦୦ ମିଟର ଇଭେଣ୍ଟରେ ସେ ଦୌଡ଼ ଶେଷ ମଧ୍ୟ କରିପାରି ନଥିଲେ । ଓଡ଼ିଶାର ଅନ୍ୟ ଏକମାତ୍ର କୃତି ପ୍ରତିଯୋଗୀ ଭାବେ ଲାଲୁ ପ୍ରସାଦ ଭୋଇ ୧୦୦ ମିଟର ଦୌଡ଼ରେ ଜିତିଥିଲେ ଚତୁର୍ଥ ପୁରସ୍କାର । ଓଡିଶା ମହିଳା ଅଲିମ୍ପିଆନ ଶ୍ରାବଣୀ ନନ୍ଦଙ୍କୁ ୧୦୦ ମିଟର ଦୌଡରେ ୧୧.୮୬ ସେକେଣ୍ଡ ସମୟ ସହିତ ପଞ୍ଚମ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

ଗତ ମାସରେ ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ୭ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଜିତି ଓଡ଼ିଶାକୁ ଗୌରବାନ୍ୱିତ କରିଥିବା ମଧ୍ୟମ-ଦୂର ଧାବକ ଅଶୋକ ଦଣ୍ଡସେନା ଏଠାରେ କେବଳ ୮୦୦ ମିଟର ଇଭେଣ୍ଟରେ ଭାଗନେଇ ଦୌଡ଼ ଶେଷ କରିବାକୁ ମଧ୍ୟ ସମର୍ଥ ହୋଇପାରି ନଥିଲେ।

ରାଜ୍ୟ ସରକାର ପାଣି ଭଳି ପଇସା ଖର୍ଚ୍ଚ କରିବା ଯୋଗୁ ଭାରତରେ ପ୍ରଥମ ଥର ପାଇଁ ଆୟୋଜିତ ଏହି ପ୍ରତିଯୋଗିତା ପ୍ରଚାର ପ୍ରସାର ଓ ବାହ୍ୟ ଆଡମ୍ବର କ୍ଷେତ୍ରରେ ଦୃଷ୍ଟି ଆକର୍ଷଣ କରି ପାରିଥିଲା । ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା ମନ୍ତ୍ରୀ, ଦଳୀୟ ନେତା ଓ ସରକାରୀ ଅଧିକାରୀଙ୍କ ଶତାଧିକ ଫଟୋ ଓ ଭିଡିଓ । ସେଦିନ କଳିଙ୍ଗ ଷ୍ଟାଡିଅମରେ ସେମାନଙ୍କର ବିପୁଳ ସମାଗମ ଦେଖି ମାନେ ହେଉଥିଲା ଆଗକୁ ବୋଧେ କିଛି ନିର୍ବାଚନ ଅଛି ।

ସରକାର ପ୍ରତିଯୋଗିତାର ବଜେଟକୁ ଗୁପ୍ତ ରଖିଥିବା ବେଳେ ତଥ୍ୟାଭିଜ୍ଞ ସୂତ୍ରରୁ ମିଳିଥିବା ଅଟକଳ ଅନୁଯାୟୀ ମୋଟ ବ୍ୟୟ ପରିମାଣ ୧୫ କୋଟି ଟଙ୍କାରୁ କମ ହୋଇ ନ ଥିବ । ପ୍ରଶ୍ନ ଉଠେ: ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏହି ଖର୍ଚ୍ଚର ସୂଚନା ନିଜ ୱେବସାଇଟରେ ପ୍ରକାଶ କରୁ ନାହାଁନ୍ତି କାହିଁକି ?

ଅବଶ୍ୟ ଏକଥା ସତ ଜେ ପ୍ରତିଯୋଗିତାର ଗୁଣାତ୍ମକ ମାନ ବିଚାରକୁ ନେଲେ ଏହା ଭାରତରେ ପ୍ରତି ମାସରେ ଅନୁଷ୍ଠିତ ହେଉଥିବା ଇଣ୍ଡିଆନ ଓପନ କିମ୍ବା ଇଣ୍ଡିଆନ ଗ୍ରାଁ ପ୍ରି ସ୍ତରୀୟ ମନେ ହୋଇଥିଲା । ଜଣେ ଖ୍ୟାତନାମା ଆଥଲେଟଙ୍କ ମତରେ ଆନ୍ତଃରାଜ୍ୟ କିମ୍ବା ଜାତୀୟ ଓପନ ଆଥଲେଟିକ୍ସ ପ୍ରତିଯୋଗିତାରେ ଏହାଠାରୁ ଉନ୍ନତ ପ୍ରଦର୍ଶନ ଦେଖିବାକୁ ମିଳେ ।

ବିଶ୍ୱସ୍ତରୀୟ ତାରକା ଆଥଲେଟଙ୍କ ଛାଡ଼ନ୍ତୁ, ଏସିଆ ମହାଦେଶର କୌଣସି ଖ୍ୟାତନାମା ଆଥଲେଟଙ୍କୁ ମଧ୍ୟ ଏହି ପ୍ରତିଯୋଗିତାରେ ଦେଖିବାକୁ ମିଳି ନ ଥିଲା । ଏପରିକି ଭାରତର ଦୁଇ ଉଜ୍ଜ୍ୱଳତମ ତାରକା ନୀରଜ ଚୋପ୍ରା ଏବଂ ଜ୍ୟୋତି ୟାରାଜି ଏଥିରେ ଅଂଶଗ୍ରହଣ ଲାଗି ଆଗ୍ରହ ପ୍ରକାଶ କରି ନ ଥିଲେ । ଅଂଶଗ୍ରହଣକାରୀ ଦେଶ ଗୁଡ଼ିକର ତାଲିକାରେ ଅଷ୍ଟ୍ରେଲିଆର ନାମ ଶୀର୍ଷରେ ଥିଲା । କିନ୍ତୁ ସେ ଦେଶରୁ ଜଣେବି ଖେଳାଳି ଟ୍ରାକକୁ ଓହ୍ଲାଇ ନ ଥିଲେ ।

ଗ୍ରେଟ ବ୍ରିଟେନ ମାତ୍ର ଗୋଟିଏ ଚତୁର୍ଥ ପୁରସ୍କାର ଜିତିବା ଘଟଣାରୁ ଅନୁମାନ କରାଯାଇ ପାରେ ଯେ ସେ ଦେଶରୁ କେତେ ଦକ୍ଷ ଖେଳାଳି ଭୁବନେଶ୍ୱର ପ୍ରତିଯୋଗିତାରେ ଭାଗ ନେଇଥିଲେ । ଅନ୍ୟ ପକ୍ଷରେ ପ୍ରତିଯୋଗିତାର ମାନ ଏମିତି ଥିଲା ଯେ ଜିବୌଟି ଭଳି ଏକ ସ୍ୱଳ୍ପ ପରିଚିତ ଦେଶର ଜଣେ ପ୍ରତିଯୋଗୀ ପ୍ରଥମ ପୁରସ୍କାର ଜିତିବାକୁ ସମର୍ଥ ହୋଇଥିଲେ । ଓଡ଼ିଶା ପ୍ରତିଯୋଗିତାର ଆୟୋଜନ କରୁଥିବା ବେଳେ ଆୟୋଜକ ରାଜ୍ୟରୁ ମାତ୍ର ପାଞ୍ଚ ଜଣ ଖେଳାଳିଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବାର ସୁଯୋଗ ଦିଆଯିବା ଘଟଣା ନେଇ ବିସ୍ମୟ ପ୍ରକାଶ କରନ୍ତି ଜଣେ ଖ୍ୟାତନାମା ଆଥଲେଟିକ୍ସ ପ୍ରଶିକ୍ଷକ । କେବଳ ସେତିକି ନୁହେଁ । ସେହି ପାଞ୍ଚଜଣଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଛତିଶଗଡ଼ର ଅଧିବାସୀ ।

ସମ୍ପୃକ୍ତ ପ୍ରଶିକ୍ଷକଙ୍କ କହିବା କଥା ହେଲା ଭୁବନେଶ୍ୱର ଭଳି ଆନ୍ତର୍ଜାତିକ ଆମନ୍ତ୍ରଣୀୟ ପ୍ରତିଯୋଗିତା ପାଇଁ ଆନ୍ତର୍ଜାତିକ ମାନ୍ୟତା ଭିତ୍ତିରେ ଖେଳାଳି ମନୋନୟନ କରିବା ସମ୍ପୃକ୍ତ ଜାତୀୟ ଫେଡେରେସନର ଦାୟିତ୍ୱ। ତେବେ ଆୟୋଜକ ରାଜ୍ୟ ବା ଦେଶ ହିସାବରେ ନିଜ ରାଜ୍ୟ କିମ୍ବା ଦେଶର ଅଧିକ ଖେଳାଳିଙ୍କୁ କୋଟା ଭିତ୍ତିରେ ଖେଳିବାର ସୁଯୋଗ ଦେବା ପାଇଁ ବ୍ୟବସ୍ଥା ଥାଏ । କିନ୍ତୁ ବାସ୍ତବରେ ଯାହା ଘଟିଲା ତାହା ସମ୍ପୂର୍ଣ୍ଣ ଓଲଟା । ଓଡ଼ିଶାଠାରୁ ଅନ୍ୟ ରାଜ୍ୟ ଏବଂ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନର ଅଧିକ ସଂଖ୍ୟକ ଖେଳାଳିଙ୍କୁ ମିଳିଲା ଅଂଶଗ୍ରହଣର ସୁଯୋଗ ।

ସବୁଠାରୁ ବଡ଼ ବିସ୍ମୟର କଥା ଯେ ଓଡ଼ିଶାର ଶ୍ରେଷ୍ଠ ପୁରୁଷ ଆଥଲେଟ ତଥା ୧୦୦ ମିଟର ଦୌଡ଼ର ପୂର୍ବତନ ଜାତୀୟ ରେକର୍ଡଧାରୀ ଅମୀୟ କୁମାର ମଲ୍ଲିକଙ୍କୁ ଆଦୌ ସୁଯୋଗ ଦିଆଗଲା ନାହିଁ । ଆଉ କେତେକ ମଧ୍ୟ ଅଂଶଗ୍ରହଣର ସୁଯୋଗ ପାଇଲେ ନାହିଁ। ସେମାନଙ୍କ ମଧ୍ୟରେ ଦଣ୍ଡପତି ମୃତ୍ୟୁମ ଜୟରାମ, ପ୍ରତୀକ ମହାରଣା, ସ୍ୱାଧୀନ ମାଝି, ଓଁକାର ପ୍ରସାଦ ନନ୍ଦ, ଲକ୍ଷ୍ମୀପ୍ରିୟା କିସାନ ଓ ସବିତା ଟପ୍ପୋଙ୍କ ପରି ବହୁ ଉଦୀୟମାନ ଆଥଲେଟ ଅଛନ୍ତି।।

ଆଉ ଗୋଟିଏ ପ୍ରସଙ୍ଗ ହେଲା ଓଡିଶା ଆଥଲେଟିକ୍ସ ଆସୋସିଏସନକୁ ଅଣଦେଖା । ରାଜ୍ୟରେ ଦୌଡ଼କୁଦ ଖେଳର ପରିଚାଳନା ଓ ନିୟନ୍ତ୍ରଣ ପାଇଁ ଏହା ହେଉଛି ସର୍ବୋଚ୍ଚ ସଂଗଠନ ଏବଂ ଜାତୀୟ ସଂଗଠନ ଆଥଲେଟିକ୍ସ ଫେଡେରେସନ ଅଫ ଇଣ୍ଡିଆର ଅନୁବନ୍ଧିତ ରାଜ୍ୟ ଶାଖା । ରାଜ୍ୟରେ ଆଥଲେଟିକ୍ସ ପ୍ରତିଯୋଗିତା ଆୟୋଜନ କରିବା ଏବଂ ଜାତୀୟ ପ୍ରତିଯୋଗିତା ପାଇଁ ରାଜ୍ୟ ଦଳ ମନୋନୟନ କରିବା ହେଉଛି ସଂଘର ଦାୟିତ୍ୱ ।

ଅବଶ୍ୟ ଏସବୁ କାର୍ଯ୍ୟ ପାଇଁ ରାଜ୍ୟ ସରକାର ସହଭାଗିତା କରିବା ସହିତ ଆର୍ଥିକ ସହାୟତା ଯୋଗାଇ ଦିଅନ୍ତି । କିନ୍ତୁ କଳିଙ୍ଗ ଷ୍ଟାଡିଅମରେ ଆୟୋଜିତ 'ବିଶ୍ୱସ୍ତରୀୟ ପ୍ରତିଯୋଗିତା' ସମ୍ପର୍କରେ ସରକାରଙ୍କ ପକ୍ଷରୁ ଗଣମାଧ୍ୟମକୁ ଦିଆଯାଇଥିବା ସୂଚନା କିମ୍ବା ବିଜ୍ଞାପନରେ ରାଜ୍ୟ ସଂଘର ନାମ ଥରଟିଏ ମଧ୍ୟ ଉଲ୍ଲେଖ କରାଯାଇ ନଥିଲା । ପ୍ରଶ୍ନ ହୁଏ ଯଦି ସରକାର ସବୁ କରିବେ ତେବେ ରାଜ୍ୟ ସଂଘର ଆବଶ୍ୟକତା କଣ ?

ଏତେସବୁ ବ୍ୟତିକ୍ରମ ଓ ଅନିୟମିତତା ସତ୍ତ୍ୱେ ରାଜ୍ୟ ସରକାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ ପ୍ରତିଯୋଗିତାର ସଫଳ ଆୟୋଜନ ସହିତ ଓଡିଶା ସୃଷ୍ଟି କରିଛି ଇତିହାସ ଏବଂ ଆଗକୁ ଓଡିଶା ହେବ ବୈଶ୍ୱିକ କ୍ରୀଡ଼ାପେଣ୍ଠ । ତେବେ ପ୍ରଶ୍ନ ଉଠେ: ଓଡ଼ିଶା ବିଶ୍ୱସ୍ତରୀୟ ଖେଳାଳି ସୃଷ୍ଟି ଓ ସେହି ସ୍ତରୀୟ ପ୍ରତିଯୋଗିତାରେ ପଦକ ଅର୍ଜନ ନେଇ କେବେ ଇତିହାସ ସୃଷ୍ଟି କରିବ ?

ବିଶ୍ୱସ୍ତରୀୟ ତ ଦୂରର କଥା, ଚଳିତ ମାସ ଚେନ୍ନାଇରେ ହେବାକୁ ଥିବା ୬୪ତମ ଜାତୀୟ ଆନ୍ତଃରାଜ୍ୟ ବରିଷ୍ଠ ଆଥଲେଟିକ୍ସ ପ୍ରତିଯୋଗିତା ଏବଂ ସେପ୍ଟେମ୍ବର ମାସରେ ରାଞ୍ଚିରେ ହେବାକୁ ଥିବା ୬୪ତମ ଜାତୀୟ ଓପନ ଆଥଲେଟିକ୍ସ ପ୍ରତିଯୋଗିତାରେ ଓଡ଼ିଶା ହାସଲ କରିପାରିବକି କିଛି ଐତିହାସିକ ସାଫଲ୍ୟ ? ଆନ୍ତର୍ଜାତିକ ପ୍ରତିଯୋଗିତା ଆୟୋଜନ ସହିତ ରାଜ୍ୟ ସରକାର କରି ପାରିବେ କି ତୃଣମୂଳ ସ୍ତରରେ ଖେଳାଳିଙ୍କ ଅଭ୍ୟାସ ପାଇଁ ସାଧାରଣ ପଡ଼ିଆର ବ୍ୟବସ୍ଥା ?

ଓଡ଼ିଶାର ସର୍ବକାଳୀନ ଶ୍ରେଷ୍ଠ ଆଥଲେଟ ତଥା ଅଲିମ୍ପିଆନ ଦୁତି ଚାନ୍ଦଙ୍କ ମତରେ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ ସରକାର ନିବେଶ କରୁଛନ୍ତି ବିପୁଳ ପୁଞ୍ଜି । କିନ୍ତୁ ଏହି ଅର୍ଥ "ଦେଖା ସୁନ୍ଦର" ପାଇଁ ହିଁ ବ୍ୟୟ କରାଗଲା ପରି ମନେ ହେଉଛି । ଷ୍ଟାଡିଅମ ଓ ନିମ୍ନମାନର ଆନ୍ତର୍ଜାତିକ ପ୍ରତିଯୋଗିତା ଆୟୋଜନ ପରିବର୍ତ୍ତେ ବିଶ୍ୱସ୍ତରୀୟ ଖେଳାଳି ସୃଷ୍ଟି ଏବଂ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଦିଗରେ ବିନିଯୋଗ ହେବ ଆବଶ୍ୟକ ।

ମୋ: ୯୨୩୮୦୦୩୫୨୪



# ବଙ୍ଗୋପସାଗର ଆମ ପାଇଁ ଅଭିଶାପ ନା ଆଶୀର୍ବାଦ !

ଆମ ଓଡ଼ିଶା ବ୍ୟୁରୋ

ସମୁଦ୍ର କୂଳ ଲଙ୍ଘୁଛି। ଓଡ଼ିଶାର ପୂର୍ବ ଉପକୂଳରେ ୪୮୦ କିମି ଦୀର୍ଘ ବେଳାଭୂମି ସଂପ୍ରସାରିତ ହୋଇ ୫୭୪.୭୧ କିମିରେ ପହଞ୍ଚିଲାଣି। କାହିଁ କେଉଁ ଯୁଗରୁ ଓଡ଼ିଆ ପୁଅ ସାତଦରିଆ ପାରିହୋଇ ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ବାଲି ପ୍ରଭୃତି ଦେଶରେ ବାଣିଜ୍ୟ କରି ଉତ୍କଳର ବିଜୟ ପତାକା ଉଡ଼ାଇଥିଲେ। ଓଡ଼ିଆ ସାଧବପୁଅର ଗୌରବମୟ ନୌବାଣିଜ୍ୟ ଗାଥା ଆଜି ବି ବାଲିରେ ଲୋକେ ମନେପକାନ୍ତି। ଏହି ସମୃଦ୍ଧ ଇତିହାସକୁ କଟକ ବାଲିଯାତ୍ରା, କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଣି ଓ ଆକାଶଦୀପ ଜରିଆରେ ଏପର୍ଯ୍ୟନ୍ତ ଉଜ୍ଜୀବିତ କରି ରଖିଛି ଓଡ଼ିଆ ଜାତି। କେବଳ ଓଡ଼ିଶା କାହିଁକି ମାନବ ସମାଜ ପାଇଁ ସମୁଦ୍ରର ଆବଶ୍ୟକତା ଓ ଅବଦାନ ଅନନ୍ତ। ବିଶ୍ୱର ୭୧ ଭାଗ ଜଳରାଶି, ବିଶ୍ୱ ଅର୍ଥନୀତିର ୫ ଭାଗ ସବୁଜ ଅର୍ଥନୀତିକୁ ନିୟନ୍ତ୍ରଣ କରୁଛି। ସମୁଦ୍ର ଜଳରାଶି ବିଶ୍ୱକୁ ୫୦ ଭାଗ ଅମ୍ଳଜାନ ପ୍ରଦାନ କରୁଥିବା ବେଳେ ୩୦ ଭାଗ ଅଙ୍ଗାରକାମ୍ଳ ଗ୍ରହଣ କରୁଛି। ୯୦ ଭାଗ ଉତ୍ତାପ ଗ୍ରହଣ କରୁଛି। ସେହିପରି ୯୦ ଭାଗ ଜୀବମଣ୍ଡଳକୁ ପ୍ରଭାବିତ କରୁଛି। ସାମଗ୍ରୀ ପରିବହନର ୮୦ ଭାଗ ସମୁଦ୍ର ପଥରେ ହେଉଥିବା ବେଳେ ୩ ବିଲିୟନ୍ ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଉଛି । ତଥାପି ୧୯୯୯ ମସିହା ଅକ୍ଟୋବର ୨୯ ତାରିଖର ମହାବାତ୍ୟାର କରାଳ ରୂପ ଓଡ଼ିଶା ବାସୀଙ୍କର ଜୀବନଜୀବିକା ତଥା ଆର୍ଥିକ ଓ ସାମାଜିକ ସ୍ଥିତିକୁ ଦୋହଲାଇ ଦେଲା। ଏହା ପରଠାରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ଓଡ଼ିଶାର ଚିରସହଚର ପ୍ରାକୃତିକ ବିପର୍ଯ୍ୟୟ ସମୁଦ୍ରତଟ ଦ୍ୱାରା ନିର୍ଦ୍ଧାରିତ ଓ ନିୟନ୍ତ୍ରିତ ହେଉଛି। ବିଶ୍ୱରେ ଉତ୍ତାପ ବୃଦ୍ଧି, ଜଳବାୟୁ ଓ ପରିବେଶ ପରିବର୍ତ୍ତନ ଫଳରେ ବିସ୍ତୀର୍ଣ୍ଣ ବେଳାଭୂମିରେ ସୃଷ୍ଟି ହେଉଥିବା ଭୂକ୍ଷୟ ବିପର୍ଯ୍ୟୟକୁ ନେଇ ରାଜ୍ୟବାସୀ ଚିନ୍ତିତ। ପ୍ରଶ୍ନ ଉଠେ: ବିସ୍ତାରିତ ସମୁଦ୍ରତଟ ଓଡ଼ିଶା ପାଇଁ ଅଭିଶାପ ନା ଆଶୀର୍ବାଦ ?

## ସମୁଦ୍ର ଆଁ ରେ ଗାଁ

ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ପ୍ରଭୃତି ୭ଟି ଉପକୂଳ ଜିଲ୍ଲାର ସାମୁଦ୍ରିକ ତଟକୁ ନେଇ ତିଆରି ହୋଇଛି କୋଷ୍ଟାଲ୍ ଜୋନ୍ ମ୍ୟାନେଜ୍‌ମେଣ୍ଟ ପ୍ଲାନ୍(ସିଜେଡ୍‌ଏମ୍‌ପି)। ଏଥିମଧ୍ୟରୁ ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଞ୍ଜାମ ପ୍ରଭୃତି ଜିଲ୍ଲାରେ ଭୂକ୍ଷୟର ପ୍ରଭାବ ଭୟଙ୍କର। ସମୁଦ୍ର କୂଳ କ୍ଷୟହେବା ଯୋଗୁଁ ୨୫୦୦୦ରୁ ଅଧିକ ଲୋକଙ୍କର ଚାଷ ଓ ବାସ ସମୁଦ୍ର ଗର୍ଭରେ ଲୀନ। ୫୭୪.୭୧ କିମି ସମୁଦ୍ରତଟରୁ ପ୍ରାୟ ୧୫୦ କିଲୋମିଟର (କିମି) ଭୂକ୍ଷୟ ପ୍ରବଣ। ଗତ ୨୦ ବର୍ଷରେ ପ୍ରାୟ ୧୫୦ ଟି ଗାଁକୁ ସମୁଦ୍ର ଗ୍ରାସ କଲାଣି।

ପୁରୀ ଜିଲ୍ଲାର ଅସ୍ତରଙ୍ଗ ଓ କୃଷ୍ଣପ୍ରସାଦ ବ୍ଲକ୍‌ର ଅନେକ ଗ୍ରାମ ସମୁଦ୍ର ଜୁଆରରେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ। ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ଶିଶୁଆ ପଞ୍ଚାୟତର ଉଦୟକଣି, ଛେନୁଆ, ଦଣ୍ଡାହାର କ୍ଷତିଗ୍ରସ୍ତ ହୋଇଥିବା ବେଳେ ଛେନୁଅ ଗାଁ ଏକପ୍ରକାର ନିଶ୍ଚିହ୍ନ। ଛେନୁଅ ଗ୍ରାମର ୫୦ଟି ପରିବାର ବିସ୍ଥାପିତ ହୋଇଛନ୍ତି। ସମୁଦ୍ର ଓ ଚିଲିକା ମଧ୍ୟରେ ପୂର୍ବରୁ ଗୋଟିଏ ମୁହାଣ ଥିଲାବେଳେ ଲହଡ଼ି ମାଡ଼ରେ ଆହୁରି ୬ଟି ନୂଆ ମୁହାଣ ଖୋଲିଯାଇଛି। କୃଷ୍ଣପ୍ରସାଦ ବ୍ଲକ୍‌ର ଅରଖକୁଦ, ସାନପାଟଣା, ମୋଟା, ସିପକୁଦ, ରାମଭର୍ତିଆ ମଧ୍ୟରେ ମାତ୍ର ୧୬ କିମି ଉପକୂଳରେ ଏହି ୬ଟି ମୁହାଣ ଦ୍ୱାରା ୪ଟି ପଞ୍ଚାୟତ ବାରମ୍ବାର କ୍ଷତିଗ୍ରସ୍ତ ହେଉଛି। ଅନ୍ୟ ଗାଁଗୁଡ଼ିକ ଆଶିଂକ ଭାବେ ପ୍ରଭାବିତ। ବାଲେଶ୍ୱର ଜିଲ୍ଲାର ୧୨ଟି ବ୍ଲକ୍‌ରୁ ୫ଟି ବ୍ଲକ୍ ଯଥା: ବାହାନଗା, ସଦର, ବାଲିଆପାଳ, ରେମୁଣା ଓ ଭୋଗରାଇ ସମୁଦ୍ର ପ୍ରଭାବରେ କ୍ଷୟପ୍ରବଣ। ଏହି ୫ଟି ବ୍ଲକ୍‌ର ୬୪ଟି ଗାଁ ବି ସୁନାମିପ୍ରବଣ। ବିଶେଷ କରି ସୁବର୍ଣ୍ଣରେଖା ନଦୀ ମୁହାଣ ଅଧିକ ଭୟଙ୍କର ରୂପ ନେଉଛି। ବାଲିଆପାଳ ଓ ଭୋଗରାଇ ବ୍ଲକ୍ ସୀମାନ୍ତରେ ବିସ୍ତାରିତ ସମୁଦ୍ର ଯୋଗୁଁ ଅଞ୍ଚଳବାସୀ ବିପନ୍ନ ।

କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ଓ ମହାକାଳପଡ଼ା ବ୍ଲକ୍ ସମୁଦ୍ରକୁ ଲାଗି ରହିଛି। ସୁନାମି ରେଡ୍ ଜୋନ୍‌ରେ ରାଜନଗର ବ୍ଲକ୍‌ର ୪୬ ଟି ଓ ମହାକାଳପଡା ବ୍ଲକ୍‌ର ୧୮ ଟି ଗାଁ ରହିଛି। ରାଜନଗରରେ ଥିବା ଜାତୀୟ ଉଦ୍ୟାନ, ଭିତରକନିକା ଅଭୟାରଣ୍ୟର ହେନ୍ତାଳ ଓ ଝାଉଁ ଜଙ୍ଗଲ ରକ୍ଷା କବଚ ସାଜିଥିଲେ ହେଁ ସାତଭାୟାର ବ୍ୟାପକ ଅଞ୍ଚଳ ସମୁଦ୍ର ଗର୍ଭରେ ଲୀନ ହେଲାଣି। ଏହି ପଞ୍ଚାୟତର ୭୧୯ଟି ପରିବାର ଦୁଇଟି ପର୍ଯ୍ୟାୟରେ ବଗପାଟିଆରେ ଥଇଥାନ ହୋଇଛନ୍ତି। ଯେହେତୁ ଏହି ପରିବାରଗୁଡ଼ିକର ଜୀବିକା ସମୁଦ୍ର ଉପରେ ନିର୍ଭରଶୀଳ ଥିଲା, ବିସ୍ଥାପିତ ହେବା ପରେ ସେମାନେ ପାରମ୍ପରିକ ଜୀବିକା ହରାଇଛନ୍ତି। ସମୁଦ୍ର ବାରମ୍ବାର ମାଡ଼ି ଆସୁଥିବାରୁ ହାତୀନା ପଞ୍ଚାୟତର ପେଣ୍ଠ ଅଞ୍ଚଳବାସୀ ଆତଙ୍କିତ। ପେଣ୍ଠରେ ୫୦୫ ମିଟର ଲମ୍ବ ଜିଓସିନ୍ଥେଟିକ୍ ୱାଲ୍ ନିର୍ମାଣ ପରେ ଅଗର୍ନାସୀ ଦ୍ୱୀପ ସମୁଦ୍ରରେ ଲୀନ ହୋଇଛି। ବରୁଣେଇ ମନ୍ଦିର ବି ସତ୍ତା ହରାଇଛି। ପାରାଦୀପ ବନ୍ଦର ଯୋଗୁଁ ସାତଭାୟାବାସୀ ଭିଟାମାଟି ହରାଇଲେ ବୋଲି କହନ୍ତି। ସେହିପରି ଜଗତସିଂହପୁର ଜିଲ୍ଲାର ଏରସମା ଓ କୁଜଙ୍ଗ ବ୍ଲକ୍‌ର ଅନେକ ଗାଁ ସମୁଦ୍ର ଆଁ'ରେ। ମହାବାତ୍ୟାରେ ଏରସମାରେ

**୧୯୯୯ ମସିହା ଅକ୍ଟୋବର ୨୯ ତାରିଖ ମହାବାତ୍ୟାର କରାଳ ରୂପ ଓଡ଼ିଶାବାସୀଙ୍କ ଜୀବନଜୀବିକା, ଆର୍ଥିକ, ସାମାଜିକ ସ୍ଥିତିକୁ ଦୋହଲାଇ ଦେଇଥିଲା। ଏହା ପରଠାରୁ ଓଡ଼ିଶା ଉପକୂଳ ନିୟମିତ ବ୍ୟବଧାନରେ ସାମ୍ନା କରୁଛି ବାତ୍ୟା। ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ସମୁଦ୍ର ଅଶାନ୍ତ। ବିଶେଷକରି ବଙ୍ଗୋପସାଗର ଉପକୂଳ ପାଲଟିଛି ସବୁଠାରୁ ବାତ୍ୟାପ୍ରବଣ। ସମୁଦ୍ରର ଉତ୍ତାଳ ତରଙ୍ଗ ଓଡ଼ିଶାର ବିସ୍ତୀର୍ଣ୍ଣ ବେଳାଭୂମିକୁ ନିୟମିତ ଗ୍ରାସ କରୁଛି। ପ୍ରକୃତିର ଏଭଳି ପ୍ରତିକୂଳ ପରିସ୍ଥିତି ଏକ ପକ୍ଷରେ ଅଭିଶାପ ହେଲେ ମଧ୍ୟ ସେଥିରେ ବି ଭରିରହିଛି ଅନେକ ଆଶୀର୍ବାଦ।**

### ଉପକୂଳ ରାଜପଥର ଅକାଳ ମୃତ୍ୟୁ

୧୯୯୯ରେ ମହାବାତ୍ୟା ପରେ ଦୀଘାରୁ ଗୋପାଳପୁର ଯାଏ ୪୫୦ କିମି ଦୈର୍ଘ୍ୟର ଉପକୂଳ ରାଜପଥ ନିର୍ମାଣ ଲାଗି ପ୍ରସ୍ତାବ ଥିଲା। ୨୦୧୬ ଏପ୍ରିଲ୍‌ରୁ କାର୍ଯ୍ୟକାରୀ ହୋଇଥିବା ସାଗରମାଳା ଯୋଜନାରେ ୨୩ ହଜାର ୮୮୨ କୋଟି ଟଙ୍କା ବ୍ୟୟରେ ଓଡ଼ିଶାରେ ୪୧୩ କିମି ଦୈର୍ଘ୍ୟର ଉପକୂଳ ରାଜପଥ ନିର୍ମାଣ ପ୍ରସ୍ତାବ ଘୋଷିତ ହେଲା। ଶେଷରେ ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଜିଲ୍ଲାର ରାମେଶ୍ୱରଠାରୁ କେନ୍ଦ୍ରାପଡ଼ା ଜିଲ୍ଲାର ରତନପୁର ପର୍ଯ୍ୟନ୍ତ ୭୦୪୦ କୋଟି ଟଙ୍କା ବ୍ୟୟରେ ୧୬୩.୨ କିମି ଦୈର୍ଘ୍ୟ ଉପକୂଳ ରାଜପଥ ନିର୍ମାଣ ଲାଗି ପ୍ରସ୍ତାବ ଚୂଡ଼ାନ୍ତ ହେଲା। ମାତ୍ର ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ୫୩ଟି ଗ୍ରାମର ୨୫୦ ହେକ୍ଟର ଜମି ରେକର୍ଡ଼ରେ ତ୍ରୁଟି ଯୋଗୁଁ ଜମିଅଧିଗ୍ରହଣ ଅଟକିଛି। ପୁଣି ରାଜନୈତିକ କାଦୁଅ ପିଙ୍ଗା ମଧ୍ୟରେ ଜଙ୍ଗଲ ଜମିର କିସମ ପରିବର୍ତ୍ତନ ଗୁରୁତର ଅବହେଳାର ଶିକାର ହେଲା। ଏସବୁ କାରଣରୁ ଉପକୂଳ ରାଜପଥ ସ୍ୱପ୍ନ ପ୍ରସବ ପୂର୍ବରୁ ମୃତ୍ୟୁବରଣ କରିଛି।

## ପାରାଦୀପରେ ବନ୍ଦରଭିତ୍ତିକ ଶିଳ୍ପ ଦିଗରେ ଆଉ ପାଦେ

ବନ୍ଦରଭିତ୍ତିକ ଶିଳ୍ପ ସମ୍ପ୍ରସାରଣ ଯୋଜନାରେ ପାରାଦୀପରେ ୧୯,୪୩୩ କୋଟି ଟଙ୍କା ବ୍ୟୟରେ ୫ଟି ପ୍ରକଳ୍ପ ସ୍ଥାପନ କରାଯିବ। ଏଥିରେ ୧୦ ହଜାର ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ବନ୍ଦର, ଜାହଜ ଚଳାଚଳ ଓ ଜଳ ପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍ ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି। ସୂଚନାନୁସାରେ ୭,୪୬୬ କୋଟି ଟଙ୍କା ଓ ୬,୩୨୫ କୋଟି ଟଙ୍କା ବ୍ୟୟରେ ଯଥାକ୍ରମେ ବାର୍ଷିକ ୨ କୋଟି ୪୦ ଲକ୍ଷ ଟନ୍ ଓ ୧ କୋଟି ୪୦ ଲକ୍ଷ ଟନ୍ ଉତ୍ପାଦନ କ୍ଷମତାର ଦୁଇଟି ପିଲେଟ୍ ପ୍ଲାଣ୍ଟ, କାର୍ଯ୍ୟକ୍ଷମ ହେବ। ଏଥି ସହ ଅଶୋଧିତ ପେଟ୍ରୋଲିୟମ ଆମଦାନୀ ପାଇଁ ୨୩୭୧ କୋଟି ଟଙ୍କା ବ୍ୟୟରେ ୮୦ ଲକ୍ଷ ଟନ୍ କ୍ଷମତାର ଟର୍ମିନାଲ୍ (ସିଓଆଇଟି) ଏବଂ ୩୦୧୧ କୋଟି ଟଙ୍କା ବ୍ୟୟରେ ୪୬ ଲକ୍ଷ ଟନ୍ କ୍ଷମତାର ପେଟ୍ରୋଲିୟମ୍, ଅଏଲ୍ ଓ ଲୁବ୍ରିକାଣ୍ଟ (ପିଓଏଲ୍) ଟର୍ମିନାଲ୍ ବନ୍ଦରରେ ନିର୍ମାଣ ହେବ। ବନ୍ଦର ଅଞ୍ଚଳରେ ବହୁମୁଖୀ ଲଜିଷ୍ଟିକ୍ ସ୍ଥାପନ ଲାଗି ଆଉ ୨୬୦ କୋଟି ବ୍ୟୟରେ ପ୍ରକଳ୍ପ ସ୍ଥାପନ କରାଯିବ। ସାଗରମାଳା କାର୍ଯ୍ୟକ୍ରମରେ ବିକଶିତ ଉନ୍ନତ ଯୋଗାଯୋଗ ଭିତ୍ତିଭୂମି ଯୋଗୁଁ ଆଗାମୀ ଦିନରେ ପାରାଦୀପରେ ବନ୍ଦରଭିତ୍ତିକ ଶିଳ୍ପାୟନର ଉଜ୍ଜ୍ୱଳ ସମ୍ଭାବନା ଅଛି।

ସଂଘଟିତ ବିଭୀଷିକା ଆଜି ବି ଲୋକଙ୍କ ମନରୁ ଯାଇନି। ହଜାର ହଜାର ଲୋକ ସମୁଦ୍ର ଜୁଆରରେ ଭାସିଗଲେ। ଗଞ୍ଜାମ ଜିଲ୍ଲାର ଗଞ୍ଜା, ରଙ୍ଗେଇଲୁଣ୍ଡା, ଚିକିଟି, ଛତ୍ରପୁର ଆଦି ବ୍ଲକ୍‌ର ବିସ୍ତୀର୍ଣ୍ଣ ତଟବର୍ତ୍ତୀ ଅଞ୍ଚଳ ସମୁଦ୍ର ଜୁଆରରେ କ୍ଷତିଗ୍ରସ୍ତ। ଗୋପାଳପୁର ଭଳି ପର୍ଯ୍ୟଟନସ୍ଥଳ ଅନେକ ସମୟରେ ଜୁଆର ମାଡ଼ର ସମ୍ମୁଖୀନ ହେଉଛି।

### ସମୁଦ୍ର ଉପକୂଳର ବିକାଶ ସମ୍ଭାବନା:

ଅନ୍ୟାନ୍ୟ ଜିଲ୍ଲା ଭଳି ଭଦ୍ରକ ଜିଲ୍ଲାର ୭ଟି ବ୍ଲକ୍ ମଧ୍ୟରୁ ଚାନ୍ଦବାଲି ଓ ବାସୁଦେବପୁର ବ୍ଲକ୍‌ର ବ୍ୟାପକ ଅଞ୍ଚଳ ବଙ୍ଗୋପସାଗର ଉପକୂଳରେ। ସେଠାରେ ବହୁଳ ଜନବସତି ନଥିବାରୁ ପ୍ରତ୍ୟକ୍ଷ କ୍ଷୟକ୍ଷତି ନଗଣ୍ୟ। ଅପରପକ୍ଷରେ ଆଶୀର୍ବାଦ ସ୍ୱରୂପ ଧାମରାରେ କାର୍ଯ୍ୟକ୍ଷମ ଗଭୀର ବନ୍ଦର ନୀଳ ଅର୍ଥନୀତିର ବିପୁଳ ସମ୍ଭାବନା ସୃଷ୍ଟି କରିଛି। ଧାମରା ବନ୍ଦର ଦେଇ ଦେଶ-ବିଦେଶକୁ ଆମ ଖଣିଜ ସମ୍ପଦ କୋଇଲା, ଚୁନପଥର ଓ ଲୁହାପଥର ରପ୍ତାନି ହେଉଛି ଓ ବିଦେଶରୁ ଆମଦାନି ହେଉଛି ଫର୍ଣ୍ଣେସ୍ କୋଇଲା ଓ ଅନ୍ୟାନ୍ୟ ସାମଗ୍ରୀ। ଧାମାରା କାର୍ଯ୍ୟକ୍ଷମ ହେବାର ବହୁ ପୂର୍ବରୁ ଏହା ଥିଲା ଆମ ନୌବାଣିଜ୍ୟର ଅନ୍ୟତମ ପ୍ରମୁଖ କେନ୍ଦ୍ର। ସେତେବେଳେ ସଡ଼କପଥ, ରେଳପଥ ନଥିବାରୁ କ୍ଷୁଦ୍ର ତଥା ଅବିକଶିତ ଧାମରା ବନ୍ଦର ଥିଲା ତତ୍କାଳୀନ ଜଳପଥ ଯାତ୍ରା ତଥା ମାଲ୍ ପରିବହନର ଏକମାତ୍ର ବିକଳ୍ପ। ସୁତରାଂ କାହିଁ କେଉଁ ଯୁଗରୁ ଭଦ୍ରକ ଅଞ୍ଚଳର ଆର୍ଥିକ ବିକାଶରେ ଧାମରାର ଅବଦାନ ଥିଲା ଗୁରୁତ୍ୱପୂର୍ଣ୍ଣ। ଧାମରାରେ ବୃହତ ବାଣିଜ୍ୟିକ ବନ୍ଦର କାର୍ଯ୍ୟକ୍ଷମ ହେବା ପରେ ଏହାକୁ ପୂର୍ବ ଭାରତ ବିକାଶର ସୂର୍ଯ୍ୟୋଦୟ ସହ ଯୋଡ଼ାଯାଉଛି। ଆଧୁନିକ ଜ୍ଞାନକୌଶଳ ଉପଯୋଗରେ ଓଡ଼ିଶାର ବିସ୍ତୀର୍ଣ୍ଣ ସମୁଦ୍ରତଟ ଅସରନ୍ତି ବିକାଶର ସମ୍ଭାବନାକୁ ନେଇ ପ୍ରସ୍ତୁତ କରାଯାଇଛି 'ବିକଶିତ ଓଡ଼ିଶା-୨୦୩୬' ଓ 'ବିକଶିତ ଭାରତ-୨୦୪୭'ର ନକ୍ସା। ଶିଳ୍ପାୟନ ଜରିଆରେ ବନ୍ଦର ଅର୍ଥନୀତିକୁ ଉତ୍ସାହିତ କରିବା ଲକ୍ଷ୍ୟରେ ଗୋପାଳପୁର ପରେ ଆଉ କେତେକ ବନ୍ଦର ଅଞ୍ଚଳରେ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ (ଏସ୍ଇଜେଡ୍) ସ୍ଥାପନ ଯୋଜନା ପ୍ରସ୍ତୁତ କରାଯାଇଛି। ବନ୍ଦର ସଂଖ୍ୟା ବୃଦ୍ଧି ଦ୍ୱାରା ଜଳ ପଥ ପରିବହନ ସମ୍ପ୍ରସାରିତ ହେଲେ ସଡ଼କପଥ, ରେଳପଥରେ ଟ୍ରାଫିକ୍ ସମସ୍ୟା, ଦୁର୍ଘଟଣା, ପ୍ରଦୂଷଣ ଭଳି ଅନେକ ଆଶଙ୍କାକୁ ଦୂର କରାଯାଇ ପାରିବ। ଧାମରା ଓ ପାରାଦୀପ ବନ୍ଦର ସହିତ ବ୍ରାହ୍ମଣୀ ଓ ବୈତରଣୀ ନଦୀ ପଥକୁ ଯୋଡ଼ାଯାଇ ପରିକଳ୍ପିତ ଜାତୀୟ ଜଳପଥ-୫ରେ ଆଗାମୀ ଦିନରେ ତାଳଚେରରୁ କୋଇଲା ଓ ସୁନ୍ଦରଗଡ଼ ଏବଂ କେନ୍ଦୁଝରରୁ ଅନ୍ୟାନ୍ୟ ଖଣିଜ ପରିବହନକୁ ଅବାଧ ତଥା ସୁଲଭ କରିବା ସକାଶେ ଲକ୍ଷ୍ୟ ରଖାଯାଇଛି। ପାରାଦୀପ ପରେ ଧାମରା ଓ ଗୋପାଳପୁର ପୂର୍ଣ୍ଣାଙ୍ଗ ବାଣିଜ୍ୟିକ ବନ୍ଦର ଭାବେ କାର୍ଯ୍ୟକ୍ଷମ ହୋଇଥିବା ବେଳେ ସୁବର୍ଣ୍ଣରେଖା, ଜଟାଧାରୀ ଭଳି ଆଉ କେତେକ ବନ୍ଦର ସମେତ ରାଜ୍ୟରେ ପ୍ରାୟ ଡଜନେ ମଧ୍ୟମ ଓ କ୍ଷୁଦ୍ର ବନ୍ଦର ନିର୍ମାଣ ପ୍ରସ୍ତାବ ପାଇପ୍ ଲାଇନ୍‌ରେ ଅଛି। ରାଜ୍ୟର ବନ୍ଦର ଅଞ୍ଚଳରେ ଦ୍ରୁତ ଶିଳ୍ପାୟନ ସହ ବିସ୍ତୀର୍ଣ୍ଣ ଉପକୂଳରେ ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲ୍‌ନାଡୁ, ଗୁଜରାଟ ଓ କେରଳ ଭଳି ପର୍ଯ୍ୟଟନ ବିକାଶ କରାଗଲେ ଓଡ଼ିଶାର ନୀଳ ଅର୍ଥନୀତି ଯେ ସମୃଦ୍ଧ ହୋଇପାରିବ, ସେଥିରେ ସନ୍ଦେହ ନାହିଁ। ଏହି ଲକ୍ଷ୍ୟରେ ପ୍ରସ୍ତୁତ ରୋଡ୍ ମ୍ୟାପ୍ ସରକାରୀ-ଘରୋଇ ଭାଗିଦାରୀ (ପିପିପି)ରେ ଆଗାମୀ ଦିନରେ ଗତିଶୀଳ ହେବା ସମ୍ଭାବନା ଅଛି। ପୁଣି ନିଜସ୍ୱ ଜ୍ଞାନକୌଶଳରେ ଭାରତୀୟ ବିରଳ ମୃତ୍ତିକା ଲିଃ ସମୁଦ୍ରର ଲୁଣିପାଣିକୁ ମଧୁର ଜଳରେ ପରିଣତ କରିବାରେ ସଫଳ ହୋଇଥିବାରୁ ରାଜ୍ୟ ତଥା ଦେଶର ବନ୍ଦର ସହର ସମେତ ସମଗ୍ର ସମୁଦ୍ର ଉପକୂଳରେ ପାନୀୟ ଜଳ ସଙ୍କଟର ଆଶଙ୍କା ରହିବ ନାହିଁ ବୋଲି ଆଶା ପ୍ରକାଶ ପାଇଛି।



### କମ୍ପାନୀଭିତ୍ତିକ ଅର୍ଥନୀତିରେ ସାମୂହିକ ବିକାଶ ଅସମ୍ଭବ



ଜଳ, ଜମି, ଜଙ୍ଗଲ ଓ ଖଣିଜ ସଂପଦ ସହିତ ବିସ୍ତୀର୍ଣ୍ଣ ସମୁଦ୍ର ଉପକୂଳରେ ସମୃଦ୍ଧ ଓଡ଼ିଶା ବେଶ୍ ବିଭବଶାଳୀ, ମାତ୍ର ପ୍ରକୃତିର ଏହି ଅମୂଲ୍ୟ ଅବଦାନର ସର୍ବାଧିକ ମୂଲ୍ୟଯୁକ୍ତ ଉପଯୋଗ ହୋଇପାରି ନଥିବାରୁ ରାଜ୍ୟବାସୀ ଏବେ ବି ଗରିବ। ରାଜ୍ୟର ମୋଟ ଆଭ୍ୟନ୍ତରୀଣ ଉତ୍ପାଦ (ଜିଏସ୍‌ଡ଼ିପି) ଦୃଷ୍ଟିରୁ ଦେଶରେ ଓଡ଼ିଶାର ସ୍ଥାନ ୧୫ରେ। ମୁଣ୍ଡପିଛା ଆୟ ଦୃଷ୍ଟିରୁ ଆମ ରାଜ୍ୟର ସ୍ଥାନ ୨୧ରେ। ସେହିପରି ମାନବସମ୍ବଳ ସୂଚକାଙ୍କରେ ଓଡ଼ିଶା ଦେଶର ୩୨ତମ ସ୍ଥାନରେ। ଏଠାରେ ଦାତା- ଗ୍ରହୀତା ବ୍ୟବସ୍ଥାକୁ ଭାଙ୍ଗି ସହବନ୍ଧିତା ଅର୍ଥନୀତିକୁ ଆପଣାଇଲେ, ସ୍ଥିର ଅର୍ଥନୀତି ଓଡ଼ିଶାକୁ ସମୃଦ୍ଧ କରିବ। ଆଦାନି ଆମ୍ବାନି ହାତରେ ବନ୍ଦର ବିଭବ ଟେକିଦେଲେ ଅର୍ଥନୀତି ଗତିଶୀଳ ହୋଇପାରେ, ମାତ୍ର ସମୂହ ବିକାଶ ଅସମ୍ଭବ। ଅର୍ଦ୍ଧ ଓ ଉର୍ଦ୍ଧ୍ୱ ବ୍ୟବସ୍ଥା ଭାଙ୍ଗିବାକୁ ହେଲେ ବୈଷମ୍ୟ, ଦୁର୍ନୀତି, ଶୋଷଣକୁ ରୋକିବାକୁ ପଡ଼ିବ। ପୂର୍ବରୁ ଠିକାଦାର ଶୋଷଣ କରୁଥିଲେ। ଏବେ ବାହାର ଦେଶ ତଥା ଅନ୍ୟ ରାଜ୍ୟର କମ୍ପାନୀ/ବ୍ୟବସାୟୀ ଶୋଷଣ କରୁଛନ୍ତି। ୨୦୦୦ ମସିହାରେ ରାଜ୍ୟ ପାହ୍ୟା ହାସଲ କରିଥିବା ଝାଡ଼ଖଣ୍ଡ ଓ ଛତିଶଗଡ଼ ତୁଳନାତ୍ମକ ଭାବେ ସମୃଦ୍ଧ ହୋଇଥିଲେ ହେଁ ଓଡ଼ିଶାବାସୀ ଗରିବ, ମାତ୍ର ଏଠାରେ ବ୍ୟବସାୟ କରୁଥିବା କମ୍ପାନୀଗୁଡ଼ିକର ସମ୍ପତ୍ତି ବଢ଼ିଚାଲିଛି। କମ୍ପାନୀଭିତ୍ତିକ ଅର୍ଥନୀତି ଓଡ଼ିଶା କିମ୍ବା ଭାରତକୁ ବିକଶିତ କରିପାରିବ ନାହିଁ। କେବଳ ବାର୍ଷିକ ଅଭିବୃଦ୍ଧି ତଥ୍ୟକୁ ନେଇ ଆତ୍ମସନ୍ତୋଷ ଲାଭ କରିବା ଅର୍ଥହୀନ। ଆଉ ୧୧ ବର୍ଷ ପରେ ଭାଷାଭିତ୍ତିକ ଓଡ଼ିଶା ଗଠନକୁ ଶହେ ବର୍ଷ ପୂରିବ। ମାତ୍ର ତ୍ରୁଟିପୂର୍ଣ୍ଣ ଅର୍ଥନୀତି ଯୋଗୁଁ ଓଡ଼ିଶା ଯେମିତିକୁ ସେମିତି ପଛୁଆ।

**ଡକ୍ଟର କୁମରବର ଦାସ, ଅର୍ଥନୀତିଜ୍ଞ,**
**ପୂର୍ବତନ କୁଳପତି, ଫକୀରମୋହନ ବିଶ୍ୱବିଦ୍ୟାଳୟ**

### ବିପର୍ଯ୍ୟୟ ରୋକିପାରିବ ହେନ୍ତାଳ ବଣ



ସମୁଦ୍ର ତଟରେ ବିପର୍ଯ୍ୟୟ ମଧ୍ୟରେ ବିକାଶର ଅନେକ ସମ୍ଭାବନା ରହିଛି। ସୁନାମିର ଆଶଙ୍କା ଓ ସମୁଦ୍ରତଟର କ୍ଷୟକୁ ରୋକିବା ପାଇଁ ଜ୍ଞାନକୌଶଳକୁ ବିନିଯୋଗ କରିବା ସହିତ ହେନ୍ତାଳ ବଣ ସୃଷ୍ଟି ଦ୍ୱାରା ବିପର୍ଯ୍ୟୟକୁ ନିୟନ୍ତ୍ରଣ କରାଯାଇପାରିବ। ପେଣ୍ଠ ଭଳି ସମୁଦ୍ରତଟ ଥିବା ସ୍ଥାନକୁ ପରିବେଶ ପର୍ଯ୍ୟଟନ ଶିଳ୍ପରେ ବିକାଶ କରାଯାଇପାରିବ। ଭିତରକନିକାର ଅଭୟାରଣ୍ୟର ପର୍ଯ୍ୟଟନସ୍ଥଳୀ ପ୍ରତି ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ବ୍ୟାପକ ସୁଯୋଗ ରହିଛି।

**ଧ୍ରୁବ ଚରଣ ସାହୁ, ବିଧାୟକ,**
**ରାଜନଗର, କେନ୍ଦ୍ରାପଡ଼ା**

**ଓଡ଼ିଆ ପୁଅ ପ୍ରଶାନ୍ତନୁ ମହାପାତ୍ର ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ "ଦ କେରଲା ଷ୍ଟୋରୀ" ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ସିନେମାଟୋଗ୍ରାଫର ପୁରସ୍କାରରେ ସମ୍ମାନିତ ହେବା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ । କିନ୍ତୁ କ୍ଷୋଭର ବିଷୟ ହେଉଛି ପ୍ରଶାନ୍ତନୁଙ୍କ ଏ ବିରଳ ସଫଳତାକୁ ଓଡ଼ିଶାର ଗଣମାଧ୍ୟମ ଯଥାଯଥ ସ୍ୱୀକୃତି ଦେଲାନାହିଁ । ଏଥର "ଆମ ଅତିଥି" ସ୍ତମ୍ଭରେ "ଆମ ଓଡ଼ିଶା" ସହ ଏହି ସାକ୍ଷାତକାରରେ ପ୍ରଶାନ୍ତନୁ ସିନେମାଟୋଗ୍ରାଫି, ସେ ପୁରସ୍କାର ପାଇଥିବା "ଦ କେରଲା ଷ୍ଟୋରୀ" ତଥା ଭାରତୀୟ ସିନେମାର ଗତି ଓ ସ୍ଥିତି ସମ୍ପର୍କରେ ଆଲୋକପାତ କରିଛନ୍ତି ।**



# 'ଦ କେରଲା ଷ୍ଟୋରୀ' ପ୍ରୋପାଗାଣ୍ଡା ଫିଲ୍ମ ନୁହେଁ

**◆ 'ଦ କେରଲା ଷ୍ଟୋରୀ' ପାଇଁ ଜାତୀୟ ପୁରସ୍କାର ମିଳିବ ବୋଲି ଆଶା ଥିଲା ନା ଏହା ଆପଣଙ୍କୁ ଆଶ୍ଚର୍ଯ୍ୟ କଲା ?**

ମନ ଭିତରେ କେଉଁଠି ଆଶାଟିଏ ତ ଥିଲା ନିଶ୍ଚୟ କାରଣ ଏ ଫିଲ୍ମ ପାଇଁ ମୁଁ ଓ ପୂରା ୟୁନିଟ କଠିନ ପରିଶ୍ରମ କରିଥିଲୁ। କିନ୍ତୁ ପ୍ରତିଯୋଗିତା ମଧ୍ୟ ବେଶ ଜୋରଦାର ଥିଲା । ଅନ୍ୟ ଅନେକ ଚଳଚ୍ଚିତ୍ର ମଧ୍ୟରେ ଶାହରୁଖ ଖାଁ ଅଭିନୀତ "ଜୱାନ୍", "କିଲ୍", "ଟ୍ୱେଲଫଥ ଫେଲ" ଇତ୍ୟାଦି ଚଳଚ୍ଚିତ୍ର ସହ କିଛି ଅତି ଉଚ୍ଚମାନର ମାଲାୟଲମ୍ ଚଳଚ୍ଚିତ୍ର ମଧ୍ୟ ଥିଲା । ପୂର୍ବରୁ ମୁଁ କାମ କରିଥିବା ଅନେକ ଚଳଚ୍ଚିତ୍ର ଜାତୀୟ ପୁରସ୍କାର ପାଇଥିଲା ଯଦିଓ ମୁଁ ନିଜ କାମ ପାଇଁ ପୁରସ୍କାର ପାଇ ନ ଥିଲି । ତେଣୁ ଏଥର ଜାତୀୟ ପୁରସ୍କାର ପାଇବା ନିଶ୍ଚୟ ଏକ ସୁଖଦ ଆଶ୍ଚର୍ଯ୍ୟ ଥିଲା ।

**◆ ଆପଣଙ୍କ ବିଚାରରେ "ଦ କେରଲା ଷ୍ଟୋରୀ" କଣ ଆପଣଙ୍କର ସର୍ବଶ୍ରେଷ୍ଠ କୃତି ଥିଲା ?**

ସର୍ବଶ୍ରେଷ୍ଠ କି ନୁହେଁ, ସେକଥା ମୁଁ କହି ପାରିବି ନାହିଁ । କିନ୍ତୁ ଏକଥା ନିଶ୍ଚୟ ଯେ ଏହା ମୁଁ ପୂର୍ବରୁ କାମ କରିଥିବା ଅନ୍ୟ ସିନେମାଠାରୁ ନିଶ୍ଚୟ ଭିନ୍ନ ଥିଲା । ଏଥିରେ ନିର୍ଦ୍ଦେଶକ ସୁଦୀପ୍ତ ସେନଙ୍କ ସହ ବିସ୍ତୃତ ଆଲୋଚନା, ବିଚାର ବିମର୍ଶ ପରେ କେଉଁ ଧରଣର ସିନେମାଟୋଗ୍ରଫି ହେବ, ଲାଇଟିଂ କେମିତି ହେବ ଏସବୁ ନିର୍ଦ୍ଧାରିତ ହୋଇଥିଲା । ସିନେମାର ବ୍ୟାକରଣକୁ ଅବଲମ୍ବନ କରିବାର ଯଥାସାଧ୍ୟ ଉଦ୍ୟମ କରିଥିଲି ମୁଁ । ସମୁଦାୟ ଫିଲ୍ମଟିରେ ଗୋଟିଏ ପ୍ରକାର "ଲୁକ୍" ଦେବାକୁ ଚେଷ୍ଟା କରିଥିଲି ଯେପରିକି ପ୍ରତି ଫ୍ରେମରେ ମନେ ହେବ ଯେ କେହି ଜଣେ ଏହାକୁ ଦେଖୁଛି । ଏବଂ ଜୁରୀ ଅଧ୍ୟକ୍ଷଙ୍କ ମନ୍ତବ୍ୟରୁ ମୋର ହୃଦବୋଧ ହେଲା ଯେ ଏଥିରେ ମୁଁ ଅନେକାଂଶରେ ସଫଳ ହୋଇଥିଲି ।

**◆ "ଦ କେରଲା ଷ୍ଟୋରୀ"ଏକ ଅତ୍ୟନ୍ତ ସ୍ପର୍ଶକାତର ବିଷୟ ଉପରେ ଆଧାରିତ । ଏହାକୁ ଚଳଚ୍ଚିତ୍ର ରୂପ ଦେଲାବେଳେ କେଉଁ ପ୍ରକାରର ସତର୍କତା ଅବଲମ୍ବନ କରିଥିଲେ ଆପଣ ?**

ଆପଣ ଯାହା କହିଲେ ତାହା ସମ୍ପୂର୍ଣ୍ଣ ଠିକ୍। "ଲଭ୍ ଜିହାଦ" ନିଶ୍ଚିତ ଭାବେ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ତେଣୁ ଏହାକୁ ନିର୍ମାଣ କଲାବେଳେ ଯେଉଁଠି ହିଂସା, ବଳାତ୍କାର ଆଦି ଘଟଣା ଚିତ୍ରଣ କରିବାକୁ ପଡୁଛି ତାହା ଯେପରି ସମ୍ବେଦନଶୀଳ ଢଙ୍ଗରେ ପ୍ରସ୍ତୁତ କରାଯିବ, ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦେଇଥିଲୁ ଆମେ । ଏସବୁ ସିନ ଯେପରି ରୁଚିପୂର୍ଣ୍ଣ ଢଙ୍ଗରେ ସୁଟିଂ ହୁଏ ଓ ଉତ୍ତେଜନା ସୃଷ୍ଟି ନ କରେ, ତାହା ନିଶ୍ଚିତ କରିଥିଲୁ ।

**◆ 'ଦ କେରଲା ଷ୍ଟୋରୀ' ବାବଦରେ ଅନେକ ଲୋକଙ୍କ ମତ ହେଉଛି ଏହା ଏକ ପ୍ରୋପାଗଣ୍ଡା ବା ପ୍ରଚାରଧର୍ମୀ ଫିଲ୍ମ । ଏ ଅଭିଯୋଗର ଆପଣ କି ଉତ୍ତର ଦେବେ ?**

କି ପ୍ରକାର ପ୍ରୋପାଗାଣ୍ଡା ? କାହା ପାଇଁ ପ୍ରୋପାଗଣ୍ଡା ? ମୁଁ କହିବି ଯେଉଁମାନେ କହୁଛନ୍ତି ଏହା ଏକ ପ୍ରୋପାଗଣ୍ଡା ଫିଲ୍ମ, ସେମାନେ ଏହାକୁ ଦେଖି ନାହାଁନ୍ତି । ଦର୍ଶକଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ମୁଁ ମହାରାଷ୍ଟ୍ରର ଅନେକ ଛୋଟ ଛୋଟ ସହରରେ ଥିବା ସିନେମା ହଲକୁ ଯାଇଛି । ଦେଖିଛି ଦର୍ଶକଙ୍କ ମଧ୍ୟରେ ଅଧିକାଂଶ ଥିଲେ ମହିଳା ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଆଖିରେ ଥିଲା ଲୁହ । ଏହାର ଅର୍ଥ ସେମାନେ ଫିଲ୍ମ ସହ, ଫିଲ୍ମର ଚରିତ୍ର ସହ ଭାବଗତ ଭାବେ ଯୋଡ଼ି ହୋଇଛନ୍ତି । ତେଣୁ ପ୍ରୋପାଗଣ୍ଡା ଅଭିଯୋଗଟି ମୋ ବିଚାରରେ ନିରାଧାର। ଅବଶ୍ୟ ଏକଥା ସତ ଯେ ଏହାକୁ ନିର୍ଦ୍ଦିଷ୍ଟ ମତବାଦର କିଛି ଲୋକ ଏକ ପ୍ରୋପାଗଣ୍ଡା ଫିଲ୍ମ ବୋଲି ପ୍ରଚାର କରିବା ଫିଲ୍ମଟିକୁ ପରୋକ୍ଷରେ ସାହାଯ୍ୟ କଲା । ଏହାକୁ ଅନେକ ଲୋକ ଦେଖିଲେ ଓ ଏହା ହିଟ୍ ହୋଇଗଲା ।

**◆ ଏବେ ଯେହେତୁ ଆପଣ ଜାତୀୟ ପୁରସ୍କାର ପାଇ ସାରିଛନ୍ତି, ଆପଣ ଆଶା କରୁଛନ୍ତି କି ଯେ ଏଥର ଆପଣ ଆହୁରି ଅନେକ ବଡ଼ ବଡ଼ ବ୍ୟାନରରେ ଭଲ ଭଲ ନିର୍ଦ୍ଦେଶକଙ୍କ ସହ ଭଲ ଭଲ ଫିଲ୍ମରେ କାମ କରିବାର ସୁଯୋଗ ପାଇବେ ?**

ମୁଁ ତ ବଡ଼ ବଡ଼ ବ୍ୟାନର ଛାଡ଼ି ଡକ୍ୟୁମେଣ୍ଟାରୀ ଏବଂ ସମାନ୍ତରାଳ ଚଳଚ୍ଚିତ୍ର କାମରେ ଲାଗିଥିଲି । ମରାଠୀ, ଓଡ଼ିଆ ଓ ବଙ୍ଗଳା ଆଦି ଆଞ୍ଚଳିକ ଭାଷାରେ ହେଉଥିବା ସିନେମାରେ କାମ କରୁଥିଲି । ମୁଖ୍ୟସ୍ରୋତର ମୁମ୍ବାଇ ସିନେମାରେ ଏହା ମୋର ପ୍ରଥମ କାମ ।

**◆ କାହିଁକି କରୁ ନ ଥିଲେ ?**

କେବଳ ମନୋରଞ୍ଜନଧର୍ମୀ କାମ କରିବା ମୋତେ କେବେ ପସନ୍ଦ ନ ଥିଲା । ଏଠି ଧର୍ଷଣ ମଧ୍ୟ ମନୋରଞ୍ଜନର ଅଂଶବିଶେଷ । ହାତଗଣତି କିଛି ନିର୍ଦ୍ଦେଶକ ହିଁ କିଛି ଭଲ ଚଳଚ୍ଚିତ୍ର କରୁଥିଲେ । ଏବେ କିନ୍ତୁ ଚିତ୍ର କିଛି ପରିମାଣରେ ବଦଳିବା ପରି ମନେ ହେଉଛି । ବଡ଼ ବ୍ୟାନର ଓ ବଜେଟର ଅନେକ ଫିଲ୍ମ ବକ୍ସ ଅଫିସରେ ଧୂଳି ଚାଟିଛି । ତେଣୁ ଆଶା କରାଯାଇ ପାରେ ଯେ ଆଗାମୀ ଦିନରେ କିଛି ଭଲ ଚଳଚ୍ଚିତ୍ର ନିର୍ମାଣ ହେବ। ସତ କଥା ହେଲା "ଦ କେରଲା ଷ୍ଟୋରୀ" ରେ କାମ କରିବା ପୂର୍ବରୁ ଭଲ କାମର ସନ୍ଧାନରେ ମୁଁ କେବଳ ନିଜ ପାଇଁ - ଅର୍ଥାତ୍ ଉଭୟ ନିର୍ଦ୍ଦେଶକ ଓ ସିନେମାଟୋଗ୍ରଫର ଭାବେ - କାମ କରିବାକୁ ସ୍ଥିର କରିଥିଲି ଓ ସେ ଦିଗରେ କିଛି ପ୍ରାରମ୍ଭିକ କାମ ମଧ୍ୟ କରିଥିଲି ।

**◆ ଏବେ କଣ ସେ ନିଷ୍ପତ୍ତିର ପୁନର୍ବିଚାର କରିବେ ? ଅର୍ଥାତ ଭଲ ନିର୍ଦ୍ଦେଶକଙ୍କ ସହ କାମ କରିବାର ସୁଯୋଗ**

## ସଂକ୍ଷେପରେ ପ୍ରଶାନ୍ତନୁ

ରୂପସାରେ ଜନ୍ମ । ବାଲେଶ୍ୱର ଓ ଭୁବନେଶ୍ୱରରେ ଶିକ୍ଷା ଲାଭ । ପିଲାବେଳୁ ନିଜ ପାରିବାରିକ ମାଲିକାନାରେ ଥିବା ଫୋଟୋ ଷ୍ଟୁଡ଼ିଓରୁ ଫୋଟୋଗ୍ରାଫି ପ୍ରତି ଆଗ୍ରହ ସୃଷ୍ଟି ହୁଏ ପ୍ରଶାନ୍ତନୁଙ୍କ ମନରେ । କିଛି ସମୟ "ସମ୍ବାଦ"ରେ ସହ ସମ୍ପାଦକ ଭାବେ କାର୍ଯ୍ୟ କଲାପରେ ଫୋଟୋଗ୍ରାଫିରେ ତାଙ୍କ ଝୁଙ୍କ ତାଙ୍କୁ ଟାଣିନିଏ ପୁଣେର ଜାତୀୟ ଫିଲ୍ମ ଓ ଟେଲିଭିଜନ ପ୍ରତିଷ୍ଠାନ (ଏଫ୍ ଟି ଆଇ ଆଇ)କୁ । ୧୯୯୦ ମସିହାରେ ସେଠାରୁ ସିନେମାଟୋଗ୍ରଫିରେ ଡିଗ୍ରୀ ହାସଲ କଲାପରେ ସେ ନିଜ ବୃତ୍ତିଗତ ଆରମ୍ଭ କରନ୍ତି ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ମଣି କୌଲଙ୍କ "ଇଡିଅଟ" ଚଳଚିତ୍ରରୁ। ପରବର୍ତ୍ତୀ ସମୟରେ ସେ ସୁଧୀର ମିଶ୍ରଙ୍କ "ଇସ ରାତ୍ କି ସୁବହ ନହିଁ"ରେ ଆସିଷ୍ଟାଣ୍ଟ ଭାବେ କାମ କରନ୍ତି । ଯଦିଓ "ଦ କେରଳ ଷ୍ଟୋରୀ" ପାଇଁ ସେ ପ୍ରଥମ ଥର ସିନେମାଟୋଗ୍ରାଫି ଜାତୀୟ ପୁରସ୍କାର ପାଇଛନ୍ତି, ସେ ଚିତ୍ରତୋଳନ କରିଥିବା "ଆମୁଖ" (୧୯୯୧), "ଅନୁକମ୍ପନ" (୧୯୯୯), "ନୀଳମାଧବ" (୨୦୧୧) ଓ "ହେଲୋ ଆର୍ସି" (୨୦୨୮) ପରି ଅନେକ ଚଳଚ୍ଚିତ୍ର ପୂର୍ବରୁ ଜାତୀୟ ସ୍ତରରେ ପୁରସ୍କୃତ ହୋଇ ସାରିଛି । ୧୯୯୯ ରେ ରିଲିଜ୍ ହୋଇଥିବା ସନକ ଦେବତାଙ୍କ "ମା ଓ ମମତା" ଥିଲା ତାଙ୍କର ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର । ପରବର୍ତ୍ତୀ ସମୟରେ ସେ ଦିବଙ୍ଗତ ନିର୍ଦ୍ଦେଶକ ଚକ୍ରଧର ସାହୁଙ୍କ "କେବେ ତୁମେ ନାହଁ କେବେ ମୁଁ ନାହିଁ" ଓ "ମୀମାଂସା"ରେ ମଧ୍ୟ କାମ କରିଛନ୍ତି । ତାଙ୍କର ସର୍ବଶେଷ ଓଡ଼ିଆ ଚଳଚ୍ଚିତ୍ର ଥିଲା ୨୦୨୪ ରେ ମୁକ୍ତିଲାଭ କରିଥିବା "ଅପରେସନ ୧୨/୧୭"। ଏତଦ୍ ବ୍ୟତୀତ ପ୍ରଶାନ୍ତନୁ ଓଡ଼ିଶାର ମୁଣ୍ଡପୋତା କେଳାଙ୍କ ଜୀବନଧାରାକୁ ନେଇ କପିଳାସ ଭୂୟାଁଙ୍କ ନିର୍ଦ୍ଦେଶିତ "ବ୍ରିଦିଂ ୱିଦାଉଟ ଏୟାର" (୨୦୦୪), ସ୍ୱର ସାମ୍ରାଜ୍ଞୀ ସୁନନ୍ଦା ପଟ୍ଟନାୟକଙ୍କ ଜୀବନ ଉପରେ ଆଧାରିତ ଦିଲ୍ଲୀପ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ "ନୀଳମାଧବ" ତଥା ରାବଣଛାୟା ଲୋକନୃତ୍ୟ ଉପରେ ଆଧାରିତ ଗିରିଜା ପଟ୍ଟନାୟକଙ୍କ "ଡିଭାଇନ ସାଡୋ" ଆଦି ଅନେକ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ରରେ ନିଜ କାମ ପାଇଁ ବେଶ ପ୍ରଶଂସା ସାଉଁଟିଛନ୍ତି ।

## ଜୁରୀଙ୍କ ମତରେ...

ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ପ୍ରଶାନ୍ତନୁଙ୍କୁ ମିଳିଥିବା ଶ୍ରେଷ୍ଠ ସିନେମାଟୋଗ୍ରାଫି ପୁରସ୍କାର ସହ ମିଳିଥିବା ମାନପତ୍ରରୁ: "For masterfully capturing each frame to enhance the the emotional gravity and realism of narrative..."

**ଜୁରି ଅଧ୍ୟକ୍ଷ ଆଶୁତୋଷ ଗୌୱାରିକର**



"The cinematography of "The Kerala Story" is very stark and realistic. It didn't try to overpower the narrative; the images were created within the realm of things . So we applauded it."

**ମିଳିଲେ ତାହା ଗ୍ରହଣ କରିବେ ?**

ନିଶ୍ଚୟ । କିନ୍ତୁ ସର୍ତ୍ତ ହେଉଛି ସିନେମାଟୋଗ୍ରାଫର ଭାବେ ନିର୍ଦ୍ଦେଶକ ମୋର ଇନ୍ ପୁଟ ନେବେ । ପୂର୍ବରୁ ମଧ୍ୟ ମୁଁ ଆଞ୍ଚଳିକ ସିନେମାରେ କାମ କରିଛି । ଏବେ ହୁଏତ ଆହୁରି କିଛି ଅଫର ଆସିପାରେ ।

**◆ ଲୋକେ ଆଉ ପୂର୍ବପରି ଥିଏଟରକୁ ଯାଇ ସିନେମା ଦେଖୁ ନାହାଁନ୍ତି । ଓ ଟି ଟି ଏବେ ଦର୍ଶକଙ୍କ ପ୍ରଥମ ପସନ୍ଦ ପାଲଟିଛି । ଓ ଟି ଟି ର ବ୍ୟାପକ ଲୋକପ୍ରିୟତା ସମ୍ପର୍କରେ ଆପଣ କଣ କହିବେ ?**

ଏକଥା ସତ ଯେ ଓ ଟି ଟି ରେ କିଛି ନୂଆ ଧରଣର କାହାଣୀ ନୂଆ ଢଙ୍ଗରେ ପ୍ରସ୍ତୁତ କରା ଯାଉଛି ଏବଂ ଏଭଳି ଅନେକ ଫିଲ୍ମ ଓ ସିରିଜ ଦର୍ଶକଙ୍କ ଆଦୃତି ମଧ୍ୟ ଲାଭ କରୁଛି। କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ସେଗୁଡ଼ିକ ମଧ୍ୟରୁ ଅନେକ ସିନେମା ପଦବାଚ୍ୟ ନୁହେଁ; ସେଥିରେ ସିନେମାଟିକ୍ ଗୁଣର ଅଭାବ ରହିଛି। କଦବା କେମିତି ଗୋଟିଏ ଅଧେ ଭଲ ଫିଲ୍ମ ଆସୁଛି । ମୁଁ ବିଶ୍ୱାସ କରେ ଯେ ପ୍ରତ୍ୟେକ ସିନେମା ଥିଏଟରରେ ପ୍ରଦର୍ଶିତ ହେବା ଉଚିତ ।


**◆ ଓଡ଼ିଆ ସିନେମାରେ କଣ ସମସ୍ୟା ରହୁଛି ? କାହିଁକି ଏହା ଆଶାନୁରୂପ ଭାବେ ଦର୍ଶକଙ୍କ ଆଦୃତି ଲାଭ କରିପାରୁ ନାହିଁ ?**

ଏହାର ମୁଖ୍ୟ କାରଣ ହେଉଛି ନିର୍ମାତା ନିର୍ଦ୍ଦେଶକ ମାନଙ୍କ ପାଖରେ ବୈଶ୍ୱିକ ଦୃଷ୍ଟିକୋଣ, କଳା ଏବଂ ସୃଜନଶୀଳତାର ଅଭାବ । ଅଧିକାଂଶ କ୍ଷେତ୍ରରେ ସେମାନେ ତାଙ୍କ ଆଇଡିଆ ଅନ୍ୟ ଆଞ୍ଚଳିକ ବା ଆନ୍ତର୍ଜାତିକ ଭାଷାର ଫିଲ୍ମରୁ ଧାର ଆଣୁଛନ୍ତି । ତାକୁ ଅବିକଳ ନକଲ କରୁଛନ୍ତି ଯାହା ଫଳରେ ସେଥିରେ କୌଣସି ମୌଳିକତା ରହୁନାହିଁ !

**◆ କିନ୍ତୁ କୁହା ଯାଉଛି ଯେ ଗତ ଦୁଇ ତିନି ବର୍ଷ ମଧ୍ୟରେ ସ୍ଥିତିରେ କିଛିଟା ପରିବର୍ତ୍ତନ ଆସିଛି । କିଛି ଭଲ ସିନେମା ତିଆରି ହେଉଛି । ଏ ବିଷୟରେ ଆପଣ କଣ କହିବେ ? ନିକଟ ଅତୀତରେ ପ୍ରଦର୍ଶିତ କୌଣସି ଓଡ଼ିଆ ଫିଲ୍ମ ଆପଣଙ୍କୁ ଭଲ ଲାଗିଛି କି ?**

"ପୁଷ୍କରା" ନିଶ୍ଚିତ ଭାବେ ଏକ ନୂଆ ପ୍ରକାର କାହାଣୀ ଏବଂ ଏହାକୁ ନୂଆ ଢଙ୍ଗରେ ପ୍ରସ୍ତୁତ କରା ଯାଇଛି । କିନ୍ତୁ ଦେଖା ଯାଉଛି ଯେ ଅନେକ କ୍ଷେତ୍ରରେ ଚରିତ୍ର ଗୁଡ଼ିକର ଜଟିଳତା (କଂପ୍ଲେକ୍ସିଟି) ସିନେମାରେ ଯଥାଯଥ ଭାବେ ପ୍ରତିଫଳିତ ହୋଇ ପାରୁନାହିଁ ।

**◆ ଆପଣଙ୍କ ଭଳି ବେଶ କିଛି ଓଡ଼ିଆ କଳାକାର ମୁମ୍ବାଇ ଫିଲ୍ମ ଇଣ୍ଡଷ୍ଟ୍ରିରେ କାମ କରୁଛନ୍ତି । ସେମାନଙ୍କ ମଧ୍ୟରୁ କିଛି ବେଶ ପ୍ରସିଦ୍ଧି ମଧ୍ୟ ଲାଭ କରିଛନ୍ତି । ଫିଲ୍ମ ଦୁନିଆରେ କାମ କରୁଥିବା ଓଡ଼ିଆ ଲୋକଙ୍କ ଭିତରେ ମଝିରେ ମଝିରେ ଭାବ ବିନିମୟ ହୁଏ ?**




ନା, ନିୟମିତ ଭାବେ ସେଭଳି କିଛି ବୈଠକ ହୁଏନାହିଁ । ଅବଶ୍ୟ ଯେଉଁମାନେ ଏଫ୍ ଟି ଆଇ ଆଇ ରୁ ପଢ଼ି ଆସିଛନ୍ତି ସେମାନଙ୍କ ମଧ୍ୟରେ ଦେଖା ସାକ୍ଷାତ ହୁଏ, ବସାଉଠା ହୁଏ । ଏଠି କାମ କରୁଥିବା ଓଡ଼ିଆ କଳାକାର ଓ ଟେକନିସିଆନଙ୍କର ଏକ ସଂଗଠନ ମଧ୍ୟ ଅଛି । କିନ୍ତୁ ମୋତେ ଲାଗୁନାହିଁ ଯେ ଏହା ଖୁବ୍ ଚଳଚଞ୍ଚଳ । ହଁ, ଓଡ଼ିଆ ମାନଙ୍କର ସଂଗଠନ ନିଶ୍ଚୟ ଅଛି ଏବଂ ମଝିରେ ମଝିରେ - ବିଶେଷ କରି ଗଣେଶ ପୂଜା, ଦୁର୍ଗା ପୂଜା, ରଜ ଆଦି ଧାର୍ମିକ/ସାଂସ୍କୃତିକ ଅବସରରେ - ସେମାନେ କାର୍ଯ୍ୟକ୍ରମ କରନ୍ତି ଓ ଫିଲ୍ମରେ କାମ କରୁଥିବା ଆମ ଭଳି ଲୋକଙ୍କୁ ଡାକନ୍ତି । କିନ୍ତୁ ସେସବୁ କାର୍ଯ୍ୟକ୍ରମରେ ମୁଖ୍ୟତଃ ଓଡ଼ିଶୀ ନାଚ ବା ହିନ୍ଦୀ ସିନେମା ଗୀତ ଉପରେ ଆଧାରିତ ନାଚ, ଗୀତ ହୁଏ । ସିନେମା ସମ୍ପର୍କରେ କୌଣସି ଆଲୋଚନା ହୁଏନାହିଁ ।

**◆ ଓଡ଼ିଆ ସିନେମା କରିବାକୁ କେବେ ଇଚ୍ଛା ହୁଏନାହିଁ ?**

ନିଶ୍ଚୟ ହୁଏ ଏବଂ ଉପଯୁକ୍ତ ଅଫର ମିଳିଲେ ନିଶ୍ଚୟ କରିବି । ଯଦି କରିବି ତେବେ ତାହା ନୂଆ ପିଢ଼ି ପାଇଁ । ଆମର ସମସ୍ୟା ହେଉଛି ଓଡ଼ିଆ ଫିଲ୍ମଟିଏ ବାହାରୁ - ଉଦାହରଣ ସ୍ୱରୂପ କାନ ବା ଅନ୍ୟ କୌଣସି ପ୍ରତିଷ୍ଠିତ ଫିଲ୍ମ ଫେଷ୍ଟିଭାଲରେ - ସ୍ୱୀକୃତି ପାଇଲେ ହିଁ ଓଡ଼ିଶାରେ ଦର୍ଶକଙ୍କ ଆଦୃତି ପାଏ।

**◆ ଏତେ ବର୍ଷ ମୁମ୍ବାଇ ଇଣ୍ଡଷ୍ଟ୍ରିରେ ସଂଘର୍ଷ କରିବା ଭିତରେ କେବେ ହତାଶା ଗ୍ରାସ କରିନାହିଁ ଆପଣଙ୍କୁ ?**

ହଁ, କରିଛି । ମଝିରେ ହତାଶ ହୋଇ ଓଡ଼ିଶା ଫେରି ଯାଇଥିଲି ମୁଁ । ପ୍ରାୟ ପାଞ୍ଚ ବର୍ଷ କାଳ ରହିଗଲି ସେଠି। କିନ୍ତୁ ସେଇ ପାଞ୍ଚ ବର୍ଷ ଭିତରେ ବାବୁଲା ଭାଇ (ନୀରଦ ମହାପାତ୍ର)ଙ୍କ ସହ ଦୁଇଟି ପ୍ରକଳ୍ପରେ କାମ କରିବାର ସୁଯୋଗ ପାଇଲି ଏବଂ ସିନେମାକୁ ପୁନଃ ଆବିଷ୍କାର କଲି।


ନିର୍ଦ୍ଦେଶକ ସୁଦୀପ୍ତ ସେନ୍‌ଙ୍କ ସହ ପ୍ରଶାନ୍ତନୁ

**◆ ଆପଣ ଯେଉଁ ସିନେମାଟୋଗ୍ରାଫରଙ୍କ ଠାରୁ ପ୍ରେରଣା ପାଇଛନ୍ତି ?**

ମୁଁ ସିନେମାଟୋଗ୍ରାଫରଙ୍କ ଠାରୁ ନୁହେଁ, ସିନେମାରୁ ପ୍ରେରଣା ପାଇଛି । ୯୧ ତମ ଓସ୍କାର ପୁରସ୍କାରରେ ଉଭୟ ଶ୍ରେଷ୍ଠ ବିଦେଶୀ ଫିଲ୍ମ ଓ ଶ୍ରେଷ୍ଠ ସିନେମାଟୋଗ୍ରାଫି ପୁରସ୍କାର ପାଇଥିବା ଆଲଫନସୋ କୁଆରୋନଙ୍କ ସ୍ପାନିଶ ସିନେମା "ରୋମା" ମୋତେ ଖୁବ୍ ଅନୁପ୍ରାଣିତ କରିଥିଲା ।

**◆ କୌଣସି ଭାରତୀୟ ଫିଲ୍ମ ?**

୨୦୨୩ ରେ ମୁକ୍ତିଲାଭ କରିଥିବା ଅବିନାଶ ଅରୁଣଙ୍କ ନିର୍ଦ୍ଦେଶିତ ତଥା ଶେଫାଳୀ ଶାହ, ଜୟଦୀପ ଅହଲାୱତ ଓ ସାନନ୍ଦ କିରକିରେ ଅଭିନୀତ "ଥ୍ରୀ ଅଫ ଅସ" ଏବଂ କାନ୍ ରେ ପୁରସ୍କୃତ ହୋଇଥିବା ପାୟଲ କପାଡ଼ିଆ ନିର୍ଦ୍ଦେଶିତ "ଅଲ୍ ୱି ଇମାଜିନ ଏଜ୍ ଲାଇଟ୍" ମୋତେ ଖୁବ୍ ଭଲ ଲାଗିଥିଲା। ଉଭୟ ଫିଲ୍ମରେ "ମ୍ୟାଜିକ ରିଏଲିଜମ"ର ବେଶ ସୁନ୍ଦର ପ୍ରୟୋଗ କରା ଯାଇଥିଲା ।

**◆ କେଉଁ ଭାରତୀୟ ନିର୍ଦ୍ଦେଶକଙ୍କ ଦ୍ୱାରା ଆପଣ ଅନୁପ୍ରାଣିତ ହୋଇଛନ୍ତି ?**

ମୁଁ ବିଶ୍ୱାସ କରେ ଯେ ସିନେମା ହେଉଛି କିଛି ଇମେଜ (ଦୃଶ୍ୟ)ର ସମାହାର । ସେ ଦୃଷ୍ଟିରୁ ମଣି କୌଲ, ମୃଣାଳ ସେନ ଏବଂ ସତ୍ୟଜିତ ରାୟ ମୋତେ ପ୍ରଭାବିତ କରିଛନ୍ତି। ସତ୍ୟଜିତ ରାୟଙ୍କର ଶେଷ କିଛି ଫିଲ୍ମ ଦେଖିଲା ପରେ ମୁଁ ବୁଝି ପାରିଲି ଯେ ତାଙ୍କର ପ୍ରିୟ ସିନେମାଟୋଗ୍ରାଫର୍ ସୁବ୍ରତ ମିତ୍ରଙ୍କ ସହ କାହିଁକି ବିଚ୍ଛେଦ ହେଲା ଓ ସେ ନିଜେ କ୍ୟାମେରା ଚାଳନା କରିବାର ନିଷ୍ପତ୍ତି ନେଲେ । ଓଡ଼ିଆ ନିର୍ଦ୍ଦେଶକଙ୍କ ମଧ୍ୟରେ ଦିଲ୍ଲୀପ ପଟ୍ଟନାୟକ ମୋତେ ଖୁବ୍ ଅନୁପ୍ରାଣିତ କରିଛନ୍ତି । "ନୀଳମାଧବ"ର ସୁଟିଂ ବେଳେ ମୁଁ ତାଙ୍କଠାରୁ ଅନେକ କିଛି ଶିଖିଛି ।

**◆ ମୁଖ୍ୟ ସ୍ରୋତର ନିର୍ଦ୍ଦେଶକଙ୍କ ମଧ୍ୟରେ ଏମିତି କେହି ନାହାଁନ୍ତି ?**


ଗୁରୁଦତ୍ତ। ତାଙ୍କ ବିଷୟରେ ଯେଉଁ କଥାଟି ମୋତେ ଭଲ ଲାଗେ ତାହା ହେଲା ସେ ଜଣେ ବିଦ୍ରୋହୀ; ସବୁବେଳେ ପ୍ରଚଳିତ ବ୍ୟବସ୍ଥା ବିରୁଦ୍ଧରେ, ସ୍ଥିତାବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି । ମୋ ବିଚାରରେ ବିଦ୍ରୋହ ହିଁ କଳାର ପରିଚୟ ।

# ଭକ୍ତଙ୍କ 'ଅନାସ୍ଥା' ବାଣ

# କଂଗ୍ରେସ ପାଇଁ ବୁମେରାଂ ?

ଉତ୍କଳ ମିତ୍ର

ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କିଛିଦିନ ତଳେ ରାଜ୍ୟର ପ୍ରମୁଖ ବିରୋଧୀ ଦଳ ବିଜେଡିକୁ ଅସୁବିଧାରେ ପକାଇବାକୁ ଗତ କିଛିଦିନ ତଳେ ବିଜେପି ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣ ନ ହେଲେ କଂଗ୍ରେସ ପକ୍ଷରୁ ଆଗତ ହେବାକୁଥିବା ଅନାସ୍ଥା ପ୍ରସ୍ତାବକୁ ସମର୍ଥନ ଘୋଷଣା କର ବୋଲି ଆହ୍ୱାନ ଦେଇଥିଲେ। ତେବେ ଭକ୍ତବାବୁଙ୍କ ଏଭଳି ଆହ୍ୱାନକୁ ଦଳ ଏକପ୍ରକାର ହରଡ଼ଘଣାରେ ପଡ଼ିଥିବା ଜଣାପଡ଼ିଛି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ଭୁବନେଶ୍ୱରଠାରେ ଅନୁଷ୍ଠିତ ସଫଳ ସଭା ଓ 'ଓଡ଼ିଶା ବନ୍ଦ'ର ଅଭୂତପୂର୍ବ ସଫଳତା ପରେ ଭକ୍ତବାବୁ ବେଶ୍ ଆକ୍ରମକ ହୋଇ ଉଠିଛନ୍ତି। ମାତ୍ର ୬ମାସର କାର୍ଯ୍ୟକାଳ ଭିତରେ ଭକ୍ତବାବୁ ରାଜ୍ୟସ୍ତରରେ ଏକ ସକ୍ରିୟ ସଂଗଠନ ଭାବେ କଂଗ୍ରେସକୁ 'ଅଦୃଶ୍ୟରୁ ପରିଦୃଶ୍ୟ' କରିଛନ୍ତି ବୋଲି ସ୍ୱୀକାର କରିବାକୁ ପଡ଼ିବ। ଏଥିପାଇଁ ସ୍ୱାଭାବିକ ଭାବରେ ଭକ୍ତବାବୁ ଓ ତାଙ୍କର ସମର୍ଥକମାନେ ବେଶ ଉତ୍ସାହିତ ଥିବା ଜଣାପଡୁଛି। କିନ୍ତୁ





ବେଳେ ବେଳେ ଅଧିକ ଉତ୍ସାହିତ ହୋଇ ନେତୃତ୍ୱ ଭୁଲ ନିଷ୍ପତ୍ତି ନେବାର ବହୁ ନଜିର୍ ରହିଛି। ଦଳ ଭିତରରେ ଅନୁଭବୀ ନେତାମାନେ ଭକ୍ତଙ୍କ 'ଅନାସ୍ଥା' ଆହ୍ୱାନ କଂଗ୍ରେସର ଲାଭ ପରିବର୍ତ୍ତେ କ୍ଷତି କରିବ ବୋଲି କହୁଛନ୍ତି।

ଭକ୍ତ ଦାସଙ୍କ ସମର୍ଥକମାନଙ୍କ କହିବା କଥା ହେଲା, ଅନାସ୍ଥା ଜରିଆରେ ବିଜେଡି-ବିଜେପି ମଧ୍ୟରେ ଥିବା ଭିତିରି ସଂପର୍କକୁ ପଦାରେ ପକାଇ ହେବ। ଅନାସ୍ଥା ଆଣିଲେ ରାଜ୍ୟ ବିଜେପି ସରକାର ବିରୋଧରେ ଖୋଲା ଆଲୋଚନା ହେବ। ବିଜେପି ସରକାର ବିରୋଧରେ ବିଜେଡି ଆକ୍ରମକ ହେଲେ, ସରକାର ପ୍ରତିଶୋଧ ପରାୟଣ ହୋଇ ଗତ ୨୪ ବର୍ଷର ବିଜେଡି ସରକାରରେ ଥିବା ବିଭିନ୍ନ ଅନିୟମିତତା ପଦାକୁ ଆଣି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଫଳରେ ବିଜେଡି ବଦନାମ ହେବ; ଯାହା ପ୍ରକାରାନ୍ତରେ କଂଗ୍ରେସକୁ ସୁହାଇବ। କେବଳ ସେତିକି ନୁହେଁ ବିଜେଡି ଯଦି ଅନାସ୍ଥା ନ ଆଣେ ବା କଂଗ୍ରେସ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ ନ କରେ ତେବେ ବିଜେଡିର ବିଜେପି ସହ ଭିତିରି ସଂପର୍କକୁ ନେଇ ପ୍ରଚାର କରାଯାଇ ପାରିବ। ବିଜେଡିକୁ ପରାଜିତ କରି ଶାସନକୁ ଆସିଥିବା ବିଜେପି ଉପରେ ବିଜେଡିର ତୃଣମୂଳସ୍ତରରେ ଥିବା କର୍ମୀମାନେ ଖଡ୍ଗହସ୍ତ ହୋଇ ଅଛନ୍ତି। ଏହି ଅବସରକୁ ବ୍ୟବହାର କରି ବିଜେଡିରେ ଥିବା ବିଜେପିର କଟ୍ଟର ବିରୋଧୀ କର୍ମୀମାନଙ୍କୁ କଂଗ୍ରେସ ମୁହାଁ କରାଯାଇ ପାରିବ। ଭକ୍ତ ଦାସଙ୍କ ରାଜନୈତିକ ରଣନୀତିକାରମାନଙ୍କ ଏଭଳି ଯୁକ୍ତିକୁ କିନ୍ତୁ କଂଗ୍ରେସ ଭିନ୍ନମତାବଲମ୍ବୀମାନେ ଗ୍ରହଣ କରିବାକୁ ନାରାଜ। ସେମାନଙ୍କର କହିବା କଥା ହେଲା ଯେ ନିଜର କିଛି ପୁରୁଣା ସତୀର୍ଥଙ୍କ ପରାମର୍ଶରେ ଭକ୍ତ ଏଭଳି ଆହ୍ୱାନ ଦେଇଛନ୍ତି। ଏକଥା ସମସ୍ତେ ଜାଣିଛନ୍ତି ଯେ ବିଜେଡିର ବହୁ ବରିଷ୍ଠ ନେତା ଭକ୍ତବାବୁ ଜନତା ଦଳରେ ଥିବା ବେଳର ସାଥୀ। ସେମାନେ ଏବେ ବିଜେଡିରେ ଏକପ୍ରକାର କଣଠେସା ହୋଇ ରହିଛନ୍ତି। ଦଳ ଭିତରେ ପାଣି ଗୋଳିଆ ନ ହେଲେ ସେମାନଙ୍କ ଗୁରୁତ୍ୱ ବଢ଼ିବ ନାହିଁ। ତେଣୁ ତାଙ୍କ ଦଳ ଭିତରେ ସେମାନଙ୍କ ଗରୁତ୍ୱ ବଢ଼ାଇବାକୁ ଯୋଜନାବଦ୍ଧ ଭାବେ ସେମାନେ ଭକ୍ତଙ୍କୁ ମୋହରା କରିଛନ୍ତି।

କଂଗ୍ରେସ ଭିନ୍ନମତାବଲମ୍ବୀଙ୍କ ଯୁକ୍ତି ହେଲା- ବିଜେଡି-ବିଜେପିର ଏହି ଭିତିରି ସଂପର୍କକୁ ତେଜାଇ ରଖାଯିବା ଦରକାର। ବିଜେଡି ଗତ ୨୪ ବର୍ଷ ମଧ୍ୟରେ ଯେତେ ଦୁର୍ନୀତି କରିଛି, ତାକୁ ଘୋଡ଼ାଇ ରଖିବା ପାଇଁ ବିଜେପିର ଶରଣାପନ୍ନ ହେବାକୁ ବାଧ୍ୟ। ସେମାନଙ୍କ ଭିତରେ ସଂପର୍କ ଯେତେ ବଢ଼ିବ କଂଗ୍ରେସ ପାଇଁ ସେହି ପରିମାଣରେ ବାଟ ଫିଟିବ। ଓଡ଼ିଶାବାସୀ ଜାଣିଛନ୍ତି ଯେ ବିଜେପି ଓ ବିଜେଡି ହେଉଛନ୍ତି Natural allies (ସ୍ୱାଭାବିକ ସହଯୋଗୀ)। କେନ୍ଦ୍ରୀୟ ବିଜେପିର ସହଯୋଗରେ ବିଜେଡିର ସୃଷ୍ଟି। ବିଜେଡି-ବିଜେପି ମଧ୍ୟରେ ଯେଉଁ ତଥାକଥିତ ରାଜନୈତିକ 'ଲଢ଼େଇ' ହେଉଛି ତାହା ଚଟୁରେ ଚଟୁରେ କୋଳାକୋଳି ବ୍ୟତୀତ ଅନ୍ୟ କିଛି ନୁହେଁ। ବିଜେପି ସହିତ ତୀବ୍ର ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ସତ୍ତ୍ୱେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡି ଯେପରି ଦୁଇଦୁଇ ଥର ସମର୍ଥନ ଦେଇ ନିଜ କୋଟାରୁ ଜିତାଇ ରାଜ୍ୟସଭାକୁ ପଠାଇଲା ତାହା ଏ ପର୍ଯ୍ୟନ୍ତ ରାଜ୍ୟବାସୀ ଭୁଲି ନାହାନ୍ତି। କେବଳ ସେତିକି ନୁହେଁ, ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନରେ ବିଜେଡିକୁ ଶୋଚନୀୟ ଭାବେ ପରାସ୍ତ କରିବା ପରେ ମଧ୍ୟ ବିଜେଡି ଲୋକସଭାରେ ୱାକଫ୍ ବିଲ୍‌ରେ କେନ୍ଦ୍ର ବିଜେପି ସରକାରକୁ ସମର୍ଥନ ଦେବା ପରେ ରାଜ୍ୟର ସଂଖ୍ୟାଲଘୁଙ୍କ ବିଶ୍ୱାସ ହରାଇଛି। ଏହାଛଡ଼ା 'ପେସା' ଆଇନ ଲାଗୁ ନ କରିବାରୁ ଆଦିବାସୀମାନେ ଉଭୟ ଦଳକୁ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ରାଷ୍ଟ୍ରାୟତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ଓ କର୍ପୋରେଟ୍‌ମାନଙ୍କ ଉତ୍ଥାନ ଯୋଗୁ ଦଳିତ ଓ ଆଦିବାସୀମାନଙ୍କ ଚାକିରି ସଂରକ୍ଷଣ ଆଇନ ଦିନକୁ ଦିନ ସଙ୍କୁଚିତ ହେଉଛି। ଫଳରେ ସେମାନେ ବିଜେପି ଉପରେ ଅସନ୍ତୁଷ୍ଟ ଅଛନ୍ତି। ଏହାଛଡ଼ା ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ଦଳିତ ନିର୍ଯାତନା ହଠାତ୍ ବୃଦ୍ଧିପାଇଛି। ଏଭଳି ସ୍ଥିତିରେ କେନ୍ଦ୍ର ବିଜେପି ସରକାରକୁ ସମର୍ଥନ ଫଳରେ ବିଜେଡିର ଦଳିତ ଓ ଆଦିବାସୀ ଭୋଟର ମଧ୍ୟ ଏବେ କଂଗ୍ରେସ ଆଡ଼କୁ ଢ଼ଳୁଛନ୍ତି। ଅର୍ଥାତ୍ ସେମାନଙ୍କ ଭିତିରିଆ ସଂପର୍କକୁ ନେଇ ଯେତେ ପ୍ରଚାର ଓ ପ୍ରସାର ହେବ ବିଜେଡିର ଭୋଟ ବ୍ୟାଙ୍କ ସେତେ ଦୁର୍ବଳ ହେବ। ଏବେ ବିଜେଡି ତାହାର ଭୋଟ ବ୍ୟାଙ୍କ୍‌କୁ ସୁରକ୍ଷିତ ରଖିବାକୁ ପ୍ରାଣପଣେ ଚେଷ୍ଟା କରୁଛି। ଏଭଳି ରାଜନୈତିକ ସମୀକରଣରେ ଭକ୍ତଙ୍କ 'ଅନାସ୍ଥା' ବାଣ ବିଜେଡି ପାଇଁ ଆଶୀର୍ବାଦ ହୋଇପାରେ ବୋଲି କଂଗ୍ରେସର ସେହି ନେତାମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ଯେହେତୁ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ସହିତ ବିଜେଡିର ଭଲ ସଂପର୍କ ଅଛି, ସେମାନଙ୍କୁ ବୁଝାଇ ଦେଇ ଯଦି ବିଜେଡି ଅନାସ୍ଥା ପ୍ରସ୍ତାବ ଆଣିଲା ତେବେ ସଂଖ୍ୟାଲଘୁ, ଦଳିତ ଓ ଆଦିବାସୀମାନଙ୍କ ମଧ୍ୟରେ ବିଜେଡିକୁ ନେଇ ସୃଷ୍ଟି ହୋଇଥିବା ସନ୍ଦେହ କିଛି ପରିମାଣରେ ମୋଚନ ହୋଇଯିବ। ଅର୍ଥାତ୍ ଅନାସ୍ଥା ଗଙ୍ଗାରେ ବୁଡ଼ ପକାଇ ସଂଖ୍ୟାଲଘୁ, ଦଳିତ ଓ ଆଦିବାସୀଙ୍କ ନିକଟରେ ବିଜେଡି ନଜକୁ ଆଉଥରେ ବିଜେପି ତା'ର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ବୋଲି ପ୍ରମାଣିତ କରିବାକୁ ସୁଯୋଗ ପାଇବ। ଫଳରେ କଂଗ୍ରେସକୁ ଢଳୁଥିବା ଉପରୋକ୍ତ ଭୋଟବ୍ୟାଙ୍କ ପୁଣିଥରେ ଭ୍ରମିତ ହେବାର ଆଶଙ୍କା ସୃଷ୍ଟି ହେବ। ତା'ପରେ ଭବିଷ୍ୟତ ରାଜନୈତିକ ସମୀକରଣକୁ ଆକଳନ କରି ରାଜନୈତିକ ସମୀକ୍ଷକମାନେ କୁହନ୍ତି ଯେ ଯଦି ଉଭୟ ବିଜେପି ଓ କଂଗ୍ରେସ ପକ୍ଷରୁ ମେଣ୍ଟ ପାଇଁ ପ୍ରସ୍ତାବ ଆସେ ତେବେ ବିଜେଡି ନିଃସଂକୋଚରେ ବିଜେପିକୁ ହିଁ ଗ୍ରହଣ କରିବ। ଗତ ସାଧାରଣ ନିର୍ବାଚନ ସମୟରେ ସାଂଗଠନିକ ଦୃଷ୍ଟିରୁ ସର୍ବଶକ୍ତିଶାଳୀ ଥିବା ବିଜେଡି କିପରି ସମସ୍ତ ନୀତି ନୈତିକତା ଓ କର୍ମୀମାନଙ୍କ ସ୍ୱାର୍ଥକୁ ପଦାଘାତ କରି ତା'ର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ବିଜେପି ସହିତ ମେଣ୍ଟ କରିବାକୁ ଆଗଭର ଥିଲା ତାହା ସମସ୍ତେ ଦେଖିଛନ୍ତି। ଏଭଳି ସ୍ଥିତିରେ ବିଜେଡିକୁ ରାସ୍ତା ଛାଡ଼ିଦେବା ରାଜନୈତିକ ଅପରିପକ୍ୱତା ହେବ ବୋଲି ଭିନ୍ନମତାବଲମ୍ବୀମାନେ କଂଗ୍ରେସ ହାଇକମାଣ୍ଡକୁ ବୁଝାଇଥିବା କୁହାଯାଉଛି।

ସବୁଠାରୁ ବଡ଼ କଥା ହେଲା, ସଂଖ୍ୟା ଦୃଷ୍ଟିରୁ ବିଜେପି ସରକାର ପ୍ରତି ସେଭଳି କିଛି ବିପଦ ନାହିଁ। ଯଦିଓ କିଛି ବିଜେପି ବିଧାୟକଙ୍କ ଭିତରେ ଅସନ୍ତୋଷ ଅଛି, ତେବେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଦଳ କ୍ଷମତାସୀନ ଥିବାରୁ ସେମାନେ ଆଗକୁ ଆସିବା ସମ୍ଭାବନା ନାହିଁ। ପୁନଶ୍ଚ ବିଧାନସଭାରେ ଅନାସ୍ଥା ପ୍ରସ୍ତାବ ଆଲୋଚନା ଲୋକସଭା କିମ୍ବା ରାଜ୍ୟସଭା ଭଳି ପ୍ରଭାବଶାଳୀ ହୋଇନଥାଏ। କାରଣ ବିଧାନସଭା ଆଲୋଚନାର ସିଧାପ୍ରସାରଣ ଟିଭିରେ ହୋଇନଥାଏ। ଏଣୁ ଓଡ଼ିଶା ବିଧାନସଭାରେ ଅନାସ୍ଥା ଆଲୋଚନା ସେଭଳି କିଛି ବଡ଼ ପ୍ରଭାବ ପକାଇବାର ଅବକାଶ ନାହିଁ। ଯଦି ବି ଆଲୋଚନା ହେଲା, ତେବେ ସମୟ ଅନୁସାରେ ବିଜେପି ସର୍ବାଧିକ ସମୟ ପାଇବ, ତା' ତଳକୁ ମୁଖ୍ୟ ବିରୋଧୀ ଦଳ ବିଜେଡିକୁ ସମୟ ମିଳିବ। ସର୍ବନିମ୍ନ ସମୟ କଂଗ୍ରେସକୁ ମିଳିବ। କଂଗ୍ରେସ ବିଧାୟକମାନଙ୍କ ମଧ୍ୟରେ ସେଭଳି କୌଣସି ପ୍ରଭାବଳଶାଳୀ ବକ୍ତା ନାହାନ୍ତି; ଯାହାର ଭାଷଣ ରାଜ୍ୟବାସୀଙ୍କୁ ପ୍ରଭାବିତ କରିବ। ଅର୍ଥାତ୍ କଂଗ୍ରେସକୁ ସେଭଳି କୌଣସି ଲାଭ ମିଳିବାର ସମ୍ଭାବନା ନାହିଁ। ଏପରିକି ଗଣମାଧ୍ୟମରେ ମଧ୍ୟ କଂଗ୍ରେସର ସରକାର ବିରୋଧୀ ଭାଷଣ ଅଧିକ ଗୁରୁତ୍ୱ ପାଇବା ସମ୍ଭାବନା ମଧ୍ୟ କମ୍। ଏ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ଭାଷଣ ଅଧିକ ପ୍ରସାର ହେବ। ତେଣୁ ଭକ୍ତଙ୍କ ଏହି 'ଅନାସ୍ଥା' ବାଣ କାହା ଉର୍ବର ମସ୍ତିଷ୍କରୁ ଉତ୍ପନ୍ନ ତାହା ବୁଝି ହେଉନାହିଁ।

'ନାରୀ ନ୍ୟାୟ' ପାଇଁ କଂଗ୍ରେସର ବନ୍ଦ ଡାକରାକୁ ଓଡ଼ିଶାବାସୀଙ୍କ ଅଭୂତପୂର୍ବ ସମର୍ଥନ ଦେଖି ବିଜେଡି ଓ ବିଜେପି ଉଭୟ ଆଶଙ୍କିତ ହୋଇ ପଡ଼ିଥିଲେ। କୌଣସି ପ୍ରକାରେ କଂଗ୍ରେସକୁ ବ୍ୟାକ୍ ଫୁଟ୍‌କୁ ଆଣିବା ସହିତ ଦଳ ଭିତରେ ଥିବା ଗୋଷ୍ଠୀ କନ୍ଦଳକୁ ଉସୁକାଇବା ପାଇଁ ଉଭୟ ଦଳ ଚେଷ୍ଟା କରୁଥିଲେ। ବିଲେଇ କପାଳକୁ ସିକା ଛିଣ୍ଡିବା ପରି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆସିବା ପରେ ତାଙ୍କୁ ଗିରଫ କରି କଂଗ୍ରେସର 'ନାରୀ ନ୍ୟାୟ' ବେଲୁନ୍‌କୁ ଫୁଟେଇ ଦେବାରେ ବିଜେପି କିଛି ପରିମାଣରେ ସଫଳ ହେଲା। କେବଳ ସେତିକି ନୁହେଁ, ବିଜେପି ତା'ର ପ୍ରଶାସନିକ ଥିଙ୍କ୍ ଟ୍ୟାଙ୍କ୍ ଜରିଆରେ ଭକ୍ତଙ୍କୁ ବୁଝାଇଦେଲା ଯେ ଉଦିତ୍‌ଙ୍କୁ ଗିରଫ କରିବାରେ କଂଗ୍ରେସର ଗୋଟିଏ ବଡ଼ ଗୋଷ୍ଠୀର ଜଣେ ପ୍ରଭାବଶାଳୀ ଯୁବନେତାଙ୍କ ଷଡ଼ଯନ୍ତ୍ର ରହିଛି। ଦଳରେ ବଢ଼ୁଥିବା ତାଙ୍କର ଲୋକପ୍ରିୟତାକୁ ସହି ନପାରି ଉକ୍ତ ପ୍ରଭାବଶାଳୀ ଗୋଷ୍ଠୀ ଉଦିତ୍‌ଙ୍କୁ ଫସାଇବା ସହିତ ଭକ୍ତଙ୍କ 'ନାରୀ ନ୍ୟାୟ' ଆନ୍ଦୋଳନକୁ ରାଜ୍ୟବାସୀଙ୍କ ସାମ୍ନାରେ ବିଫଳ କରାଇଛନ୍ତି। ଭକ୍ତବାବୁ ଏଭଳି କଥାକୁ ଭଲଭାବେ ତର୍ଜମା ନ କରି ବା ସତ୍ୟାସତ୍ୟର ଅନୁସନ୍ଧାନ ନ କରି ତରବରିଆ ଭାବେ ପ୍ରଭାବଶାଳୀ ଯୁବନେତାଙ୍କ ବିରୋଧରେ କଂଗ୍ରେସ ହାଇକମାଣ୍ଡଙ୍କ ନିକଟରେ ଅଭିଯୋଗ କରିଦେଲେ। ହିନ୍ଦୀଭାଷୀ ରାଜ୍ୟମାନଙ୍କରେ ବିଜେପି ନେତାମାନଙ୍କର ସାଂଗଠନିକ ଦକ୍ଷତା ସଂପର୍କରେ 'ଚାଇନା ଗେଟ୍' ସିନେମାର ଏକ ଲୋକପ୍ରିୟ ସଂଳାପ 'ହମ୍‌ସେ ଲଢ଼ନେ କା ହିମତ୍ ତୋ ଜୁଟାଲୋଗେ, ପର୍ ମେରେ ଯେସା କମିନାପନ କାହାଁ ସେ ଲାଓଗେ' ସଂପର୍କରେ ବହୁତ ଆଲୋଚନା ହୁଏ। ସେସବୁ ରାଜ୍ୟମାନଙ୍କରେ କଂଗ୍ରେସର ପ୍ରଭାରୀଭାବେ କାର୍ଯ୍ୟ କରିଥିବା ଭକ୍ତଙ୍କ ଭଳି ଜଣେ ଅନୁଭବୀ ନେତା କିଭଳି ବିଜେପି ଟ୍ରାପ୍‌ରେ ପଡ଼ି ନିଜ ଗୋଡ଼ରେ କୁରାଢ଼ି ମାରିଲେ, ତାହାକୁ ନେଇ କଂଗ୍ରେସ ଭିତରେ ଜୋରଦାର୍ ଆଲୋଚନା ଚାଲିଛି।

କଂଗ୍ରେସ ଦଳର ତୃଣମୂଳ ସ୍ତରରେ ସଂଗଠନ ଆଦୌ ନାହିଁ କହିଲେ ଚଳେ। ୱାର୍ଡ, ପଞ୍ଚାୟତ, ଜିଲ୍ଲା ପରିଷଦ, ବ୍ଲକ୍ ଓ ଜିଲ୍ଲାରେ ସଂଗଠନ ସୃଜନ ନ କରି ଭକ୍ତବାବୁ ଉପରେ ଉପରେ ତାଙ୍କ ନେତୃତ୍ୱର ଚକ୍‌ମା ଦେଖାଇବାକୁ ଚାହୁଁଛନ୍ତି। ଏପରିକି ବରମୁଣ୍ଡା ପଡ଼ିଆରେ ରାହୁଲ ଗାନ୍ଧୀଙ୍କ ସଭାକୁ ଐତିହାସିକ ଓ କଂଗ୍ରେସ ଦଳ ପକ୍ଷରୁ ଗତ ପଚାଶ ବର୍ଷ ମଧ୍ୟରେ ଏଭଳି ସଭା ହୋଇନଥିଲା ବୋଲି ମିଡ଼ିଆକୁ କହି ନିଜ ଦଳର ପୂର୍ବତନ ପିସିସି ସଭାପତିମାନଙ୍କୁ ନିଛା ଦେଖାଇବାକୁ ଚେଷ୍ଟା କରିଥିଲେ। ଏଭଳି ଅପମାନ ପରେ ମଧ୍ୟ ବରିଷ୍ଠ ନେତୃବୃନ୍ଦ କଂଗ୍ରେସର ସାମୂହିକ ସଫଳତା ପାଇଁ ଏକାଠି ହୋଇଥିଲେ। ନେତୃତ୍ୱ କୌଣସି କଥା କହିବା ପୂର୍ବରୁ ତା'ର ସକରାତ୍ମକ ଓ ନକରାତ୍ମକ ଦିଗ ପ୍ରତି ଦୃଷ୍ଟି ଦେବା କଥା। କିନ୍ତୁ ଅତ୍ୟଧିକ ଉତ୍ସାହ ଓ ସାମୟିକ ତଥା ଲୋକଦେଖାଣିଆ ସଫଳତା ଭକ୍ତଙ୍କୁ ଧୀରେଧୀରେ ଅହଂକାରୀ କରିଦେଉଛି। ଯାହା ଦଳ ପାଇଁ ବୁମେରାଂ ହେବା ଜଳଜଳ ହୋଇ ଦିଶୁଛି।

## କଥା ଓ ଗାଥା-୪

# କ୍ଷେତ୍ରରାଜ କଥା ଦେବରାଜଙ୍କ ଗାଥା

ଅସିତ ମହାନ୍ତି

'ସ୍କନ୍ଦପୁରାଣ' ଓ 'ବ୍ରହ୍ମପୁରାଣ' ପରି, ଶ୍ରୀଜଗନ୍ନାଥଙ୍କ କଥା ଓ ଗାଥାର ଆଉ ଏକ ଆକରଗ୍ରନ୍ଥ- 'କପିଳ ସଂହିତା'। ତେବେ ଏହା କେବଳ ଶ୍ରୀଜଗନ୍ନାଥଙ୍କ କଥା ଓ ଗାଥାର ମହାନ ଗ୍ରନ୍ଥ ନୁହେଁ; ଏହା ଉତ୍କଳର ଗୌରବଗାଥାର ଏକ ଗ୍ରନ୍ଥ।


'କପିଳ ସଂହିତା'ର ରଚନାକାଳ ସଂପର୍କରେ ଐତିହାସିକ ଓ ଗବେଷକମାନଙ୍କ ମଧ୍ୟରେ ମତଭେଦ ଦେଖାଯାଏ। ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପରି ବିଶିଷ୍ଟ ଐତିହାସିକ ଏହାକୁ ଖ୍ରୀଷ୍ଟୀୟ ପଞ୍ଚଦଶ-ଷୋଡ଼ଶ ଶତାବ୍ଦୀର ରଚନା ବୋଲି କହିଥିବାବେଳେ, ଏଥିରେ ସ୍ଥାନିତ ବିଷୟ ଓ କିଂବଦନ୍ତି ଆଦିର ଆଧାରରେ ଅନ୍ୟ କେତେକ ଗବେଷକ ଏହାର ରଚନାକାଳ ଆହୁରି ପ୍ରାଚୀନ ବୋଲି ଅନୁମାନ କରିଛନ୍ତି।

ଭାରତୀୟ ପୁରାଣ ସାହିତ୍ୟରେ ଓଡ଼ିଶାର ଅନେକ ପ୍ରାଚୀନ କ୍ଷେତ୍ର ସଂପର୍କରେ ବର୍ଣ୍ଣନା ରହିଛି। ସେସବୁ ମଧ୍ୟରେ ଯାଜପୁରର ବିରଜାକ୍ଷେତ୍ର, ଭୁବନେଶ୍ୱରର ଏକାମ୍ରକ୍ଷେତ୍ର, କୋଣାର୍କର ଅର୍କକ୍ଷେତ୍ର, ପୁରୀର ଶ୍ରୀପୁରୁଷୋତ୍ତମକ୍ଷେତ୍ର, ଗଜପତି ଜିଲାର ମହେନ୍ଦ୍ରାଚଳ କ୍ଷେତ୍ର ଆଦି ପ୍ରମୁଖ। ଏହିସବୁ କ୍ଷେତ୍ରମାନଙ୍କ ସଂପର୍କରେ ସ୍ୱତନ୍ତ୍ର ପୁରାଣଗ୍ରନ୍ଥ ମାନ ଏକାଦଶ ଶତାବ୍ଦୀରୁ ଷୋଡ଼ଶ ଶତାବ୍ଦୀ ମଧ୍ୟରେ ଓଡ଼ିଶାରେ, ଓଡ଼ିଆ ପଣ୍ଡିତମାନଙ୍କ ଦ୍ୱାରା ସଂକଳିତ ହୋଇଥିବା ପରିଲକ୍ଷିତ ହୁଏ। ସେସବୁ ମଧ୍ୟରେ 'କପିଳସଂହିତା' ଅନ୍ୟତମ ଓ ପ୍ରମୁଖ।

'କପିଳ ସଂହିତା'କୁ ମୁଖ୍ୟତଃ ଏକାମ୍ରକ୍ଷେତ୍ର ବିଷୟକ ଉପପୁରାଣ ମଧ୍ୟରେ ଗ୍ରହଣ କରାଯାଏ। ତେବେ 'ଏକାମ୍ର ପୁରାଣ', 'ସ୍ୱର୍ଣ୍ଣାଦ୍ରି ମହୋଦୟ' ଓ 'ଏକାମ୍ର ଚନ୍ଦ୍ରିକା' ଏହି କ୍ଷେତ୍ର ବିଷୟକ ଅନ୍ୟ ତିନିଟି ଉପପୁରାଣ ହେଲେ ମଧ୍ୟ, 'କପିଳ ସଂହିତା'ର ସ୍ଥାନ ସେମାନଙ୍କ ମଧ୍ୟରେ ସ୍ୱତନ୍ତ୍ର। କାରଣ, ଅନ୍ୟ ତିନି ଉପପୁରାଣରେ କେବଳ ଏକାମ୍ରକ୍ଷେତ୍ର ସଂପର୍କରେ ବର୍ଣ୍ଣନା ଥିବାବେଳେ, 'କପିଳସଂହିତା'ର ବିଷୟ ବିନ୍ୟାସ ବ୍ୟାପକ।

'କପିଳ ସଂହିତା' ଦୁଇଭାଗରେ ବିଭକ୍ତ। ଏହାର ପ୍ରତି ଭାଗ ୨୧ ଅଧ୍ୟାୟ ବିଶିଷ୍ଟ। ମାତ୍ର ପ୍ରଥମ ଭାଗ ପ୍ରାଚୀନ ରଚନା ହୋଇଥିବାବେଳେ, ଦ୍ୱିତୀୟ ଭାଗ ପରବର୍ତ୍ତୀ କାଳର ରଚନା। ଏଥିମଧ୍ୟରୁ ପ୍ରଥମ ଭାଗର ମାତ୍ର ତିନିଟି ଅଧ୍ୟାୟରେ ନୀଳାଚଳ ବା ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଓ ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କ ସଂପର୍କରେ ବର୍ଣ୍ଣନା ରହିଛି। ଓଡ଼ିଶାର ପ୍ରସିଦ୍ଧକ୍ଷେତ୍ର ନୀଳାଚଳ ଆଦି ସଂପର୍କରେ ଏହି ଉପପୁରାଣର ବର୍ଣ୍ଣନାକୁ ପ୍ରଥମ ଓ ପ୍ରାମାଣିକ ଭାବରେ ଗ୍ରହଣ କରାଯାଏ।

ଏହି ସୁପ୍ରସିଦ୍ଧ ଉପପୁରାଣର ଭାଷା ସଂସ୍କୃତ। କିନ୍ତୁ ୧୯୨୮ ମସିହାରେ ଏହାର ପ୍ରଥମ ପ୍ରକାଶ ହୋଇଥିଲା ଓଡ଼ିଆ ଲିପିରେ। ଶ୍ରୀରାଧାକୃଷ୍ଣ ବସୁ, ଏମ୍.ଏ.ଙ୍କ ଦ୍ୱାରା ସଂଶୋଧିତ ହୋଇ, ଶ୍ରୀମନ୍ମଥନାଥ ବସୁ, ଏମ୍.ଏ., ଡେପୁଟି ମାଜିଷ୍ଟ୍ରେଟ୍‌ଙ୍କ ଆନୁକୂଲ୍ୟରେ କଟକର ଦତ୍ତ ପ୍ରେସ୍‌ରୁ ଏହା ପ୍ରଥମେ ପ୍ରକାଶ ପାଇଥିଲା। ତାହାର ପ୍ରକାଶକ ଥିଲେ ପଣ୍ଡିତ ଶ୍ରୀରତ୍ନାକର ଗର୍ଗବଟୁ। ପରବର୍ତ୍ତୀ କାଳରେ, ୧୯୯୨ ମସିହାରେ ଶ୍ରୀଜଗବନ୍ଧୁ ପାଢ଼ୀଙ୍କ ଦ୍ୱାରା ତାହାର ଗଦ୍ୟାନୁବାଦ କରାଇ ମୂଳପାଠ ସହିତ ପ୍ରକାଶ କରିଥିଲେ କେଦାର ନାଥ ଗବେଷଣା ପ୍ରତିଷ୍ଠାନର ସଂପାଦକ ପଣ୍ଡିତ ନୀଳମଣି ମିଶ୍ର। ଉଲ୍ଲେଖ ଆବଶ୍ୟକ, ଯେ ସେତେବେଳକୁ ମଧ୍ୟ ଏହି ପ୍ରଖ୍ୟାତ ଉପପୁରାଣର ଦ୍ୱିତୀୟ ଭାଗର ଅନ୍ୟ ୨୧ଟି ଅଧ୍ୟାୟ ଲୋକଲୋଚନକୁ ଆସି ନ ଥିଲା। ୧୯୯୯ରେ ହିଁ ପଣ୍ଡିତ ଶଶଧର ମିଶ୍ରଙ୍କ ଦ୍ୱାରା ସଂପାଦିତ ହୋଇ ତାହା ପ୍ରକାଶ ପାଇଲା। ତେବେ ସୂଚନା ଅନୁସାରେ, ଏହି ଦୁଇଭାଗର ୪୨ ଅଧ୍ୟାୟ ପରେ, ୪୩ ଅଧ୍ୟାୟରୁ ୧୦୦ ଅଧ୍ୟାୟ ପର୍ଯ୍ୟନ୍ତ ଏହାର ଆଉ ୫୮ଟି ଅଧ୍ୟାୟ ମଧ୍ୟ ରଚିତ ହୋଇଥିଲା। କିନ୍ତୁ ଅଦ୍ୟାବଧି ତାହା ଲୋକଲୋଚନକୁ ଆସିପାରି ନାହିଁ।


କପିଳ ସଂହିତା।

ଶ୍ରୀରାଧାକୃଷ୍ଣ ବସୁ ଏମ୍. ଏ. ଙ୍କ ଦ୍ୱାରା
ସଂଶୋଧିତ।

ଶ୍ରୀମନ୍ମଥନାଥ ବସୁ ଏମ୍. ଏ.
ଡେପୁଟି ମାଜିଷ୍ଟ୍ରେଟ ମହୋଦୟଙ୍କ ଆନୁକୂଲ୍ୟରେ
ପଣ୍ଡିତ ଶ୍ରୀରତ୍ନାକର ଗର୍ଗବଟୁଙ୍କଦ୍ୱାରା
ପ୍ରଥମବାର ପ୍ରକାଶିତ।

Printed By H. M. Dutta.
At the Dutta Press,
Cuttack
1928,

ମୂଲ୍ୟ ୧୵

ରାଜା ସତ୍ୟଜିତ୍ ଓ କପିଳମୁନିଙ୍କ କଥୋପକଥନ ଆଧାରରେ 'କପିଳ ସଂହିତା' ବର୍ଣ୍ଣିତ। ସତ୍ୟଜିତ୍ କପିଳମୁନିଙ୍କୁ ପଚାରିଛନ୍ତି- ହେ ମହାତ୍ମା! ଆପଣଙ୍କଠାରୁ ଅନେକ ପବିତ୍ର ଓ ପାପନାଶକ କ୍ଷେତ୍ର ବିଷୟରେ ମୁଁ ଶୁଣିଛି। ବର୍ତ୍ତମାନ ମୁଁ ଉତ୍କଳରେ ଥିବା କ୍ଷେତ୍ରମାନଙ୍କ ସଂପର୍କରେ ଶୁଣିବାକୁ ଚାହୁଁଛି। ସେହି କ୍ଷେତ୍ରମାନଙ୍କରେ ଯେତେ ଯେତେ ପବିତ୍ର ତୀର୍ଥ ଅଛି, ଯେଉଁ ଯେଉଁ ଦେବତାମାନେ ଅଧିଷ୍ଠିତ ହୋଇଛନ୍ତି, ଯେଉଁ ଯେଉଁ ଆଶ୍ରମମାନ ଅଛି, ଏବଂ ଯେଉଁସବୁ ପୂତସଲିଳା ନଦୀମାନେ ପ୍ରବାହିତ ହେଉଛନ୍ତି, ସେସବୁ ବିଷୟରେ ମୋତେ କହନ୍ତୁ! ହେ ମହାମୁନି! ଆପଣଙ୍କ ଅନୁଗ୍ରହରୁ ଏସବୁ କଥା ଶୁଣି ମୁଁ କୃତାର୍ଥ ହେବି।

ଏହାର ଉତ୍ତରରେ, କପିଳମୁନି କହିଛନ୍ତି- ହେ ରାଜା! ମୁଁ ସେହିସବୁ ରହସ୍ୟ ତୁମ ଆଗରେ କହୁଛି। ତୁମେ ଏକମନା ହୋଇ ତାହା ଶ୍ରବଣ କର। ଏସବୁର ସ୍ମରଣ ମାତ୍ରେ ନିଶ୍ଚିତ ଭାବରେ ପାପକ୍ଷୟ ହୋଇଥାଏ।

ଏହି ପ୍ରସଙ୍ଗରେ କପିଳମୁନି ରାଜା ସତ୍ୟଜିତ୍‌ଙ୍କୁ କହିଛନ୍ତି ଉତ୍କଳଦେଶର କଥା ଓ ଗାଥା। ଏହାର ଆଦ୍ୟ ଉଦ୍‌ବୋଧନୀ ଭାବରେ ଉତ୍କଳ ଦେଶ ସଂପର୍କରେ ଯେଉଁ ଶ୍ଲୋକଟି ବହୁଳ ଭାବରେ ଉଦ୍ଧୃତ ଓ କଥିତ ହୋଇଥାଏ, ତାହା ହେଉଛି-

"ବର୍ଷାଣାଂ ଭାରତଃ ଶ୍ରେଷ୍ଠୋ
ଦେଶାନାମୁତ୍କଳଃ ସ୍ମୃତଃ।
ଉତ୍କଳସ୍ୟ ସମୋ ଦେଶୋ
ଦେଶୋନାସ୍ତି ମହୀତଳେ।"
(କ.ସଂ., ୧/୮)

ଅର୍ଥାତ୍, କପିଳ ମୁନି କହିଲେ- ହେ ରାଜା! ଏହି ପୃଥିବୀପୃଷ୍ଠରେ ଯେତେ ବର୍ଷ (ଅଞ୍ଚଳ) ରହିଛି, ସେମାନଙ୍କ ମଧ୍ୟରେ ଭାରତବର୍ଷ ଶ୍ରେଷ୍ଠ ଏବଂ ଭାରତବର୍ଷରେ ଯେତେ ଦେଶ (ରାଜ୍ୟ) ରହିଛି, ସେମାନଙ୍କ ମଧ୍ୟରେ ଉତ୍କଳ ବିଖ୍ୟାତ। ଉତ୍କଳ ପରି ପବିତ୍ର ଦେଶ ସମଗ୍ର ପୃଥିବୀରେ ନାହିଁ।

ତେବେ, କପିଳମୁନି କେବଳ ଯେ ଉତ୍କଳକୁ ଶ୍ରେଷ୍ଠ ବୋଲି କହିଛନ୍ତି, ତାହା ନୁହେଁ; ସେ ଶ୍ରୀକ୍ଷେତ୍ର ବା ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଓ ଶ୍ରୀଜଗନ୍ନାଥ ବା ଶ୍ରୀପୁରୁଷୋତ୍ତମଙ୍କୁ ମଧ୍ୟ ଶ୍ରେଷ୍ଠ ବୋଲି କହିଛନ୍ତି। 'କପିଳ ସଂହିତା'ର ସେହି ସୁପ୍ରସିଦ୍ଧ ଶ୍ଲୋକଟି ହେଉଛି-

"ସର୍ବେଷାଂ ଚୈବ କ୍ଷେତ୍ରାଣାଂ
ରାଜା ଶ୍ରୀପୁରୁଷୋତ୍ତମଃ।
ସର୍ବେଷାଂ ଚୈବ ଦେବାନାଂ
ରାଜା ଶ୍ରୀପୁରୁଷୋତ୍ତମଃ ॥
(କ.ସଂ., ୫/୩୯)

ଅର୍ଥାତ୍, କପିଳ ମୁନି କହିଲେ- ହେ ରାଜା। ସକଳ କ୍ଷେତ୍ରମାନଙ୍କ ମଧ୍ୟରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ରାଜା ଏବଂ ସକଳ ଦେବତାଙ୍କ ମଧ୍ୟରେ ଶ୍ରୀପୁରୁଷୋତ୍ତମ ରାଜା।

'କପିଳ ସଂହିତା'ର ତୃତୀୟ, ଚତୁର୍ଥ ଓ ପଞ୍ଚମ ଅଧ୍ୟାୟରେ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କର ଏହି କଥା ଓ ଗାଥା ବର୍ଣ୍ଣିତ ହୋଇଛି। ଉତ୍କଳଦେଶର ଗୌରବଗାଥା କ୍ରମରେ ବର୍ଣ୍ଣିତ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କର ଏହି ଗୌରବଗାଥା ଏକଦା ଋଷିମାନଙ୍କୁ କହିଥିଲେ ବିଦ୍ୱାନ୍ ତଥା ଧୀମାନ୍ ମହର୍ଷି ଭରଦ୍ୱାଜ। ତାହା ହିଁ ଦ୍ୱିଜମାନଙ୍କ ଆଗରେ ବର୍ଣ୍ଣନା କରିଛନ୍ତି କପିଳମୁନି।

ଋଷିମାନେ ଏକଦା ମହର୍ଷି ଭରଦ୍ୱାଜଙ୍କୁ ପଚାରିଥିଲେ- ହେ ମହାତ୍ମା! ଆପଣ ଆମକୁ ପୂର୍ବରୁ କହିଛନ୍ତି, ଯେ ପବିତ୍ର ଉତ୍କଳ ବା ଉଡ୍ରଦେଶରେ ଶ୍ରୀକୃଷ୍ଣ, ସୂର୍ଯ୍ୟଦେବ ଏବଂ ପାର୍ବତୀ ଓ ଶିବ ଭିନ୍ନ ଭିନ୍ନ କ୍ଷେତ୍ରରେ ଅବସ୍ଥାନ କରୁଛନ୍ତି। ଆପଣ ସେମାନଙ୍କର ସେହି କ୍ଷେତ୍ର ଓ ତୀର୍ଥର ମାହାତ୍ମ୍ୟ ଆମକୁ ବିସ୍ତୃତ ଭାବରେ କହନ୍ତୁ।

ତାହାର ଉତ୍ତରରେ ଭରଦ୍ୱାଜ ସେମାନଙ୍କୁ ପ୍ରଥମେ ଶ୍ରୀକୃଷ୍ଣ ବା ଦାରୁରୂପୀ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ଓ ତୀର୍ଥ ସଂପର୍କରେ କହିଛନ୍ତି। ସେହି ବର୍ଣ୍ଣନା ହେଉଛି- ଦାରୁରୂପୀ ଶ୍ରୀକୃଷ୍ଣଙ୍କ କ୍ଷେତ୍ରର ନାମ ନୀଳାଚଳ। ଏହା ଅତ୍ୟନ୍ତ ପବିତ୍ର କ୍ଷେତ୍ର। ଏହି କ୍ଷେତ୍ରରେ ଦେହତ୍ୟାଗ କଲେ ମନୁଷ୍ୟ ବୈକୁଣ୍ଠ ପ୍ରାପ୍ତ ହୋଇଥାଏ। ଏହି ନୀଳାଚଳ ମହାପୁଣ୍ୟକର ଓ ମହାନ୍। ଏହାର ଆୟତନ ଦଶଯୋଜନ ପର୍ଯ୍ୟନ୍ତ ବିସ୍ତୃତ। ଏହା ସାକ୍ଷାତ୍ ବୈକୁଣ୍ଠସ୍ୱରୂପ (ମର୍ତ୍ତ୍ୟବୈକୁଣ୍ଠ)। ଏହି ପୁରୁଷୋତ୍ତମ କ୍ଷେତ୍ର ନିଦ୍ରା, ସମାଧି, ସତ୍‌କର୍ମ, ପରମାନନ୍ଦ ତଥା ସଂସାରନିବୃତ୍ତି ଆଦି ସକଳ କର୍ମପାଇଁ ପ୍ରଶସ୍ତ। ଏହି କ୍ଷେତ୍ରରେ ବ୍ରହ୍ମା ପ୍ରଭୃତି ଦେବଗଣ ବାସ କରିବା ସହିତ ମହୋଦଧି ତୀର୍ଥରେ ସ୍ନାନ କରି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରନ୍ତି। ହେ ବିପ୍ରଗଣ! ପୂର୍ବେ ନୀଳପ୍ରସ୍ତରରୂପ (ନୀଳମଣି ବିଗ୍ରହ ଶ୍ରୀନୀଳମାଧବ ରୂପ) ଧାରଣ କରିଥିବା ଶ୍ରୀଜଗନ୍ନାଥ ନୀଳାଚଳ କ୍ଷେତ୍ରରେ ଦାରୁସ୍ୱରୂପରେ ବିରାଜମାନ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ତୃତୀୟ ଅଧ୍ୟାୟରେ ନୀଳାଚଳର ମାହାତ୍ମ୍ୟ ଓ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଭଗବାନଙ୍କ ବରଦାନ, ଚତୁର୍ଥ ଅଧ୍ୟାୟରେ ଇନ୍ଦ୍ରଦ୍ୟୁମ୍ନଙ୍କ ନୀଳାଚଳ ଆଗମନ, ଦାରୁମୟୀ ଚତୁର୍ଦ୍ଧାମୂର୍ତ୍ତି ପ୍ରତିଷ୍ଠା ଓ ଇନ୍ଦ୍ରଦ୍ୟୁମ୍ନଙ୍କ ମୋକ୍ଷପ୍ରାପ୍ତି ଏବଂ ପଞ୍ଚମ ଅଧ୍ୟାୟରେ ନୀଳାଚଳର ବିଭିନ୍ନ ତୀର୍ଥ ଓ ଉପ ସ୍ଥାନ ସଂପର୍କରେ ବର୍ଣ୍ଣିତ ହୋଇଛି।

ଏହି କ୍ଷେତ୍ରରାଜ ଶ୍ରୀପୁରୁଷୋତ୍ତମ ଓ ଦେବରାଜ ଶ୍ରୀଜଗନ୍ନାଥଙ୍କ ସଂପର୍କରେ ପରିଶେଷରେ ମହର୍ଷି ଭରଦ୍ୱାଜ କହିଛନ୍ତି- ଏ କ୍ଷେତ୍ରରେ କଳ୍ପବଟ ମୂଳରେ ବଟେଶ ବିରାଜିତ ଏବଂ ସେ ସର୍ବପାପରୁ ମୁକ୍ତିକାରକ ଅଟନ୍ତି। ଯଦିଓ ଉତ୍କଳ ଦେଶରେ ବାରାଣସୀ କ୍ଷେତ୍ର ତୁଲ୍ୟ ଶ୍ରୀଏକାମ୍ରକ୍ଷେତ୍ର ରହିଛି, ତଥାପି ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ସମକକ୍ଷ କ୍ଷେତ୍ର ସମଗ୍ର ତ୍ରୈଲୋକ୍ୟମଣ୍ଡଳରେ ନାହିଁ। ଏ ସଂପର୍କରେ ଆଉ ଅଧିକ କହିବା ନିଷ୍ପ୍ରୟୋଜନ।

ସେ ଆହୁରି ମଧ୍ୟ କହିଛନ୍ତି- ହେ ଦ୍ୱିଜଗଣ! ଶ୍ରୀପୁରୁଷୋତ୍ତମ (ଶ୍ରୀଜଗନ୍ନାଥ)ଙ୍କ ମାହାତ୍ମ୍ୟ ବର୍ଣ୍ଣନା କରିବାପାଇଁ ଶତ ଶତ ବର୍ଷରେ ମଧ୍ୟ କେହି ସମର୍ଥ ହୋଇପାରିବେ ନାହିଁ। ଏଣୁ ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ଗମନ ନିମନ୍ତେ ପ୍ରଯତ୍ନ କରିବା ଏବଂ ଆତ୍ମାର ମୁକ୍ତିପାଇଁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସମସ୍ତଙ୍କର ବିଧେୟ।

# ଭୋର ରାତିର ସ୍ୱାଧୀନତା





ଭାସ୍କର ପରିଚ୍ଛା

୧୯୪୭। ବ୍ରିଟିଶ ଔପନିବେଶିକ ଶାସନରୁ ସ୍ୱାଧୀନ ହେବା ପରେ ଦୁଇଟି ରାଷ୍ଟ୍ରରେ ବିଭାଜିତ ହୋଇ ଏକ ପରିବର୍ତ୍ତନଶୀଳ ସମୟ ଦେଇ ଗତି କରିଥିଲେ ଭାରତ ଏବଂ ପାକିସ୍ତାନ। ମହାତ୍ମା ଗାନ୍ଧୀ, ଜବାହରଲାଲ ନେହରୁ ଏବଂ ସୁଭାଷ ଚନ୍ଦ୍ର ବୋଷଙ୍କ ପରି ବ୍ୟକ୍ତିତ୍ୱଙ୍କ ନେତୃତ୍ୱରେ ଦୀର୍ଘ ବର୍ଷର ସଂଗ୍ରାମ ପରେ ଦୁଇ ଶତାବ୍ଦୀର ବ୍ରିଟିଶ ଶାସନରୁ ଭାରତ ମୁକ୍ତିଲାଭ କରିଥିଲା।

ବ୍ରିଟିଶ ସଂସଦ ଦ୍ୱାରା ଗୃହିତ ଭାରତୀୟ ସ୍ୱାଧୀନତା ଅଧିନିୟମ ଆନୁଷ୍ଠାନିକ ଭାବରେ ଏହି ଔପନିବେଶିକ ଶାସନକୁ ସମାପ୍ତ କରିଥିଲା ଏବଂ ଭାରତ ଏକ ସାର୍ବଭୌମ ରାଷ୍ଟ୍ରରେ ପରିଣତ ହୋଇଥିଲା। ଜବାହରଲାଲ ନେହରୁ ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ଯେଉଁ ଅବିସ୍ମରଣୀୟ "ଟ୍ରାଇଷ୍ଟ ୱିଥ୍ ଡେଷ୍ଟିନି" ଭାଷଣ ଦେଇଥିଲେ ତାହା ବ୍ରିଟିଶ ଶାସନର ପରିସମାପ୍ତିକୁ ବଜ୍ର କଣ୍ଠରେ ଘୋଷଣା କରିଥିଲା।

ଏହି ମହାନ ସଂଗ୍ରାମରେ ବିଭିନ୍ନ ସାମାଜିକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ଦେଶର ଶିକ୍ଷିତ ଓ ଅଭିଜାତ ଗୋଷ୍ଠୀ କିନ୍ତୁ ସେମାନଙ୍କ ନିଜ ନିଜ କଳ୍ପନା ଅନୁଯାୟୀ ଏହି 'ସ୍ୱାଧୀନତା'କୁ ମୂଲ୍ୟାଙ୍କନ କରିଥିଲେ।ସ୍ୱାଧୀନତାକୁ ନେଇ ସଂଖ୍ୟାଲଘୁମାନେ ଅତ୍ୟନ୍ତ ଦ୍ୱନ୍ଦ୍ୱପୂର୍ଣ୍ଣ ସ୍ଥିତିରେ ଥିଲେ। ଅସଂଖ୍ୟ ଚାପ ଓ ସଂଖ୍ୟାଧିକ ଗୋଷ୍ଠୀରେ ବିଭକ୍ତ ହୋଇଥିବା ଭାରତ ଭଳି ଦେଶ ପାଇଁ 'ସ୍ୱାଧୀନତା' ର ଅର୍ଥ ଭିନ୍ନ ଭିନ୍ନ ଥିଲା । ସ୍ୱାଧୀନତାକୁ ବ୍ୟାଖ୍ୟା କରିବା ବାସ୍ତବରେ କଷ୍ଟକର ଥିଲା।

କମ୍ୟୁନିଷ୍ଟମାନେ ତ ଏହି ସ୍ୱାଧୀନତାକୁ 'ଝୁଟି ଆଜାଦି' (ମିଥ୍ୟା ସ୍ୱାଧୀନତା) ଭାବରେ ଘୋଷଣା କରିଥିଲେ! ସେମାନେ ବିଶ୍ୱାସ କରୁଥିଲେ ଯେ ବୁର୍ଜୁଆମାନଙ୍କ ଦ୍ୱାରା ପ୍ରାପ୍ତ ଏହି ସ୍ୱାଧୀନତା ସାମ୍ରାଜ୍ୟବାଦୀ ଉପନିବେଶବାଦୀମାନଙ୍କ ଠାରୁ ଭାରତୀୟ ପୁଞ୍ଜିବାଦୀ ଶ୍ରେଣୀକୁ କ୍ଷମତା ହସ୍ତାନ୍ତର ବ୍ୟତୀତ ଆଉ କିଛି ନୁହେଁ।

ଗାନ୍ଧୀବାଦୀମାନେ କିନ୍ତୁ ବିଶ୍ୱାସ କରୁଥିଲେ ଯେ ଏହା ଆଉ ଏକ ଯୁଦ୍ଧର ଆରମ୍ଭ ମାତ୍ର। ସେମାନଙ୍କର ହୃଦବୋଧ ହୋଇଥିଲା ଯେ ,ଅଧିକ ସ୍ୱାଧୀନତା ତଥା ଅଧିକ ବିକାଶ ମାର୍ଗରେ ନୂଆ ଯୁଦ୍ଧର ସୂତ୍ରପାତ କରିବ ଏହି ଦେଶମୁକ୍ତି। ସ୍ୱାଧୀନତାର ପ୍ରାପ୍ତିରେ ଜନସାଧାରଣଙ୍କ ଆନନ୍ଦର ସୀମା ହିଁ ନଥିଲା। ସ୍ୱାଧୀନତା ପ୍ରାପ୍ତିରେ ରାଜା ଏବଂ ଜମିଦାରମାନେ କିନ୍ତୁ ସବୁଠାରୁ ଅଧିକ ଦୁଃଖରେ ଥିଲେ।

ତେବେ, ୧୯୪୭ ମସିହାରେ ଓଡ଼ିଶା କିଭଳି ଥିଲା ? ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧରୁ ଶହ ଶହ ବର୍ଷ ଧରି ଓଡିଶା ଏକ ବିଖଣ୍ଡିତ ଇଲାକା ଥିଲା।ମୋଗଲ୍ ଏବଂ ବଙ୍ଗଳାର ନିଜାମ, ମରାଠା ଏବଂ ବ୍ରିଟିଶମାନଙ୍କ ଦ୍ୱାରା ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକ ଗୋଟିଏ ପରେ ଗୋଟିଏ ଅଧିକୃତ ହୋଇ ଚାଲିଥିଲା। ଏକ ପ୍ରାଚୀନ ଜାତି ହଠାତ୍ ତାର ନିଜତ୍ୱ ହରାଇ ବସିଥିଲା। ଏକ ଉଜ୍ଜ୍ୱଳ ମଧ୍ୟଯୁଗୀୟ ରାଜନୈତିକ, ସାଂସ୍କୃତିକ ଏବଂ ସାମାଜିକ ବ୍ୟବସ୍ଥା ଦ୍ୱାରା ସୃଷ୍ଟି ହୋଇଥିବା ଓଡ଼ିଆ ପରିଚୟକୁ ଧୀରେ ଧୀରେ ବିସ୍ମୃତିକୁ ଠେଲି ଦିଆଯାଇଥିଲା ଏବଂ ଓଡିଆମାନେ ସୁପ୍ତ ହୋଇଯାଇଥିଲେ।

ଯଦି କେହି ମଧ୍ୟଯୁଗୀୟ ଓଡ଼ିଶାର ନବ ମୂଲ୍ୟାଙ୍କନ କରନ୍ତି, ଏହାର ସାମନ୍ତବାଦୀ ବ୍ୟବସ୍ଥା, ଶୋଷଣର ବ୍ୟାପକତା ଏବଂ ପଛୁଆପଣ ଦ୍ୱାରା ନିରାଶ ହୋଇପାରନ୍ତି। କିନ୍ତୁ ଏକ ଜନପ୍ରିୟ ଭାଷା ଏବଂ ଲୋକାଭିମୁଖୀ ସାହିତ୍ୟ ଯେଉଁଭଳି ସମୃଦ୍ଧ ଅବସ୍ଥାରେ ଥିଲା ଏବଂ ଯେଉଁ ସମୃଦ୍ଧ ସାଂସ୍କୃତିକ ସଫଳତା ସେହି ସମୟରେ ରାଜୁତି କରୁଥିଲା ତାହାକୁ ପ୍ରଶଂସା ନକରି ରହିପାରିବେ ନାହିଁ। ପୂର୍ବେ ବଳକା ରାଜସ୍ୱ ରାଜ୍ୟ ଭିତରେ ଖର୍ଚ୍ଚ ହେଉଥିଲା । ପରବର୍ତ୍ତୀ ସମୟରେ ବିଦେଶୀ ଶାସକମାନେ ଏହି ଅଞ୍ଚଳର ରାଜସ୍ୱ ସମ୍ପୂର୍ଣ୍ଣ ଲୁଟି ନେଇଯାଇଥିଲେ। ଫଳରେ ପରିସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇପଡିଥିଲା।

ଭାରତର ସ୍ୱାଧୀନତା ସମୟରେ ଓଡ଼ିଶା ଏକ ଜଟିଳ ଐତିହାସିକ ଏବଂ ରାଜନୈତିକ ସମୟ ଦେଇ ଗତି କରୁଥିଲା। ବ୍ରିଟିଶ ଔପନିବେଶିକ ଶାସନ ଅଧୀନରେ ଥିଲାବେଳେ ଓଡ଼ିଶାର କିଛି ଅଂଶ ସିଧାସଳଖ ବେଙ୍ଗଲ ପ୍ରେସିଡେନ୍ସିର ଅଂଶ ଭାବରେ ପରିଚାଳିତ ହୋଇଥିଲା ଏବଂ ପରେ ବିହାର ଏବଂ ଓଡ଼ିଶା ପ୍ରଦେଶ ସୃଷ୍ଟି ହେଲା। ଏହାବ୍ୟତୀତ, ଓଡ଼ିଶାରେ ମୟୂରଭଞ୍ଜ, କେନ୍ଦୁଝର ଏବଂ ଢେଙ୍କାନାଳ ଭଳି ଦେଶୀୟ ରାଜ୍ୟ ବ୍ରିଟିଶ ଆଧିପତ୍ୟ ଅଧୀନରେ ସ୍ଥାନୀୟ ରାଜାମାନଙ୍କ ଦ୍ୱାରା ପରୋକ୍ଷ ଭାବେ ଶାସିତ ହେଉଥିଲା।

୧୯୩୬ ମସିହା ଏପ୍ରିଲ ପହିଲାରେ ଓଡ଼ିଶା ଏକ ପୃଥକ ପ୍ରଦେଶ ଭାବେ ଗଠିତ ହୋଇଥିଲା। ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଏବଂ କୃଷ୍ଣ ଚନ୍ଦ୍ର ଗଜପତିଙ୍କ ଭଳି ଓଡ଼ିଆ ନେତାଙ୍କ ଉଦ୍ୟମ ଯୋଗୁଁ ଏହା ସମ୍ଭବ ହେଲା।। ଓଡ଼ିଆ ଭାଷାଭାଷୀଙ୍କ ସ୍ୱତନ୍ତ୍ର ଭାଷାଗତ ଏବଂ ସାଂସ୍କୃତିକ ପରିଚୟକୁ ସ୍ୱୀକୃତି ଦେବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା।ତେବେ, କେତେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ପ୍ରଦେଶ ବାହାରେ ରହି ହିଁ ଗଲା ।

୧୯୪୭ ବେଳକୁ ଓଡ଼ିଶା ମୁଖ୍ୟତଃ ଏକ କୃଷିଭିତ୍ତିକ ରାଜ୍ୟ ଥିଲା । ଅଧିକାଂଶ ଲୋକ କୃଷି ଏବଂ ଆନୁସଙ୍ଗିକ କାର୍ଯ୍ୟକଳାପରେ ନିୟୋଜିତ ଥିଲେ। ଶିଳ୍ପ ସୀମିତ ଥିଲା ଏବଂ ରାଜ୍ୟ ଅର୍ଥନୈତିକ ଭାବରେ ଅନୁନ୍ନତ ଥିଲା। ୧୮୬୬ ମସିହାର ବିନାଶକାରୀ ନଅଙ୍କ ଦୁର୍ଭିକ୍ଷ ଓଡ଼ିଶାର ଅର୍ଥବ୍ୟବସ୍ଥା ଏବଂ ଜନଜୀବନ ଉପରେ ଦୀର୍ଘସ୍ଥାୟୀ ପ୍ରଭାବ ପକାଇଥିଲା।

ଜାତି-ଆଧାରିତ ସାମାଜିକ ବ୍ୟବସ୍ଥାର ପ୍ରାବଲ୍ୟ ଏବଂ ଆଦିବାସୀ ସମ୍ପ୍ରଦାୟ ମୁଖ୍ୟସ୍ରୋତ ଠାରୁ ଦୂରେଇ ରହିବା ଫଳରେ ସମାଜ ଗଭୀର ଭାବେ ସ୍ତରୀଭୂତ ହୋଇଥିଲା। ବିଶେଷ କରି ଦେଶୀୟ ରାଜ୍ୟ ଏବଂ ପାର୍ବତ୍ୟାଞ୍ଚଳରେ ଏହା ସ୍ପଷ୍ଟ ଦେଖା ଯାଉଥିଲା । ଆଧୁନିକ ଶିକ୍ଷା ଓ ବିଦ୍ୟାଳୟର ନାଁ ଗନ୍ଧ ନଥିଲା ଏବଂ ଶିକ୍ଷାର ସ୍ତର କମ୍ ଥିଲା । ପରେ ଅବଶ୍ୟ ଶିକ୍ଷା ଓ ସମାଜ ସଂସ୍କାର ଆନ୍ଦୋଳନମାନ ଆରମ୍ଭ ହୋଇଥିଲା।

ଭାଷାଗତ ଏକତା ଏବଂ ଏକ ପୃଥକ ପ୍ରଦେଶ ସୃଷ୍ଟି ପାଇଁ ଉଦ୍ଦିଷ୍ଟ ୧୯୦୩ର ଓଡ଼ିଆ ଆନ୍ଦୋଳନ ବିପୁଳ ପ୍ରେରଣା ଯୋଗାଇଥିଲା। ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ଗୋପବନ୍ଧୁ ଦାସ, ହରେକୃଷ୍ଣ ମହତାବ ଏବଂ ନବକୃଷ୍ଣ ଚୌଧୁରୀଙ୍କ ଭଳି ନେତାମାନେ ଭାରତୀୟ ଜାତୀୟ କଂଗ୍ରେସରେ ସକ୍ରିୟ ଥିଲେ ଏବଂ ଅସହଯୋଗ, ଆଇନ ଅମାନ୍ୟ ଏବଂ ଭାରତ ଛାଡ଼ ଆନ୍ଦୋଳନ ପାଇଁ ଲୋକଙ୍କୁ ଏକତ୍ରିତ କରିଥିଲେ।

୧୯୩୦ ମସିହାରେ ଇଞ୍ଚୁଡି ଲବଣ ସତ୍ୟାଗ୍ରହ ଓଡ଼ିଶାରେ ଏକ ଉଲ୍ଲେଖନୀୟ ଘଟଣା ଥିଲା। ଦେଶୀୟ ରାଜ୍ୟଗୁଡ଼ିକରେ ଆଦିବାସୀ ସମ୍ପ୍ରଦାୟ ଏବଂ କୃଷକ ଉଭୟ ବ୍ରିଟିଶ ଶାସନ ଏବଂ ସ୍ଥାନୀୟ ସାମନ୍ତବାଦୀ ଅତ୍ୟାଚାରକୁ ପ୍ରତିରୋଧ କରିଥିଲେ। ପ୍ରଜା ମଣ୍ଡଳ ଆନ୍ଦୋଳନ ଭଳି ଆନ୍ଦୋଳନ ଗଣତାନ୍ତ୍ରିକ ସଂସ୍କାର ଏବଂ ସ୍ୱାଧୀନ ଭାରତ ସହିତ ଏକୀକରଣର ଦାବି ଉଠାଇଥିଲେ।ସ୍ୱାଧୀନତା ପରେ ଓଡ଼ିଶାର ଦେଶୀୟ ରାଜ୍ୟଗୁଡ଼ିକ ଧୀରେ ଧୀରେ ଭାରତୀୟ ସଂଘରେ ସାମିଲ ହୋଇଥିଲେ। ପ୍ରଥମ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଭଳି ନେତାମାନଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ କାରଣରୁ ୧୯୪୮-୪୯ ବେଳକୁ ୨୬ଟି ରାଜୁଡ଼ା ଶାସନ ମଧ୍ୟରୁ ୨୪ଟି ଓଡ଼ିଶା ସହିତ ମିଶ୍ରଣ ହୋଇଯାଇଥିଲେ।

ଆର୍ଥିକ ପଛୁଆପଣ, ବିଭିନ୍ନ ଅଞ୍ଚଳର ଏକୀକରଣ ଏବଂ ଆଦିବାସୀ ଜନସଂଖ୍ୟାର ଆବଶ୍ୟକତାକୁ ସମାଧାନ କରିବା ଭଳି ଆହ୍ୱାନର ସମ୍ମୁଖୀନ ହୋଇଥିଲା ସେତେବେଳର ନେତୃତ୍ୱ। ଆର୍ଥିକ ବିକାଶ, ଭୂମି ସଂସ୍କାର ଏବଂ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପରି ଅନୁଷ୍ଠାନ ପ୍ରତିଷ୍ଠା ଉପରେ ଧ୍ୟାନ ଦିଆଯାଇଥିଲା।

ମୋଟାମୋଟି, ସ୍ୱାଧୀନତା ସମୟରେ ଓଡ଼ିଶା ଏକ ସନ୍ଧିକ୍ଷଣରେ ଛିଡ଼ା ହୋଇଥିଲା। ସମୟକ୍ରମେ ଔପନିବେଶିକ ଏବଂ ସାମନ୍ତବାଦୀ ଢାଞ୍ଚାରୁ ଓହରି ଆସି ଭାରତୀୟ ସଂଘ ମଧ୍ୟରେ ମିଶିବା ସହ ଏକତା ଏବଂ ବିକାଶ ଉପରେ ଧ୍ୟାନ ଦିଆଗଲା। ସେହିଠାରୁ ହିଁ ଏକ ଆଧୁନିକ ରାଜ୍ୟରେ ପରିବର୍ତ୍ତିତ ହେବାକୁ ଆରମ୍ଭ କଲା ଓଡ଼ିଶା ।

ଏହି ୭୮ ବର୍ଷ ଭିତରେ ଓଡ଼ିଶା ଢେର୍ ପ୍ରଗତି କରିଥିଲେ ମଧ୍ୟ, ଆଜି ବି ଆମେ ନଗଡ଼ା କଥା କହୁଚେ, ଶିଶୁ କନ୍ୟା ବିକ୍ରି କଥା ଆଲୋଚନା କରୁଚେ!

**(ଆଧାର ପୁସ୍ତକ: ପ୍ରଶାନ୍ତ କୁମାର ପ୍ରଧାନଙ୍କ Odisha Since 1947)**

**ମୋବାଇଲ୍: ୯୩୩୭୫୦୮୫୯୨**



ତିକ୍ତ ମଧୁର

# ଆମର ନା ତୁମର ?



ଚିନ୍ମୟ ହୋତା

ଆମ ମଣିଷମାନଙ୍କର ଗୋଟେ ଅଦ୍ଭୁତ ସ୍ୱଭାବ ରହିଛି — ଐତିହ୍ୟ, ପରିଚୟ ଓ ସଫଳତାକୁ ନେଇ ଏକ ପ୍ରକାରର "ମାଲିକାନା" ଭାବ। ଆମ ଚାଲି ଚଳଣିରେ ଏହା ପ୍ରାୟତଃ ଗର୍ବ, ସୁରକ୍ଷାବୋଧ ଓ ସତ କଥା କହିବାକୁ ଗଲେ, ରାଜ୍ୟ ଜୟ କିମ୍ବା ଅନ୍ୟର ଇଲାକା ଦଖଲ କରିବା ଭଳି ଏକ ଭୟଙ୍କର ମାନସିକତାର ବାହ୍ୟ ପରିପ୍ରକାଶ ମାତ୍ର। 'ଆମର' ବୋଲି ଧରିନେଇଥିବା ଜିନିଷ ଗୁଡିକ ଉପରେ ଯେଉଁ ମୁହୂର୍ତ୍ତରେ ଆଉ କେହି ଦାବି ଜାହିର କରେ ଆମେ ଅସ୍ୱସ୍ତି ଅନୁଭବ କରୁ। ଆମେ ରକ୍ତ ଚାଉଳ ଚୋବାଉ, ଦାବିଦାରକୁ ନାନା କୁତ୍ସିତ ଢଙ୍ଗରେ ଭର୍ତ୍ସନା କରୁ ଓ ଖଡ଼ଗହସ୍ତ ହୋଇ ଲଢେଇ କରିବାକୁ ବାହାରି ପଡୁ। ଆମ ମୁଣ୍ଡକୁ ହଠାତ ପିତ୍ତ ଉଠିବାର କାରଣ ହୋଇପାରେ କୌଣସି ନିରୀହ ଦର୍ଶନ ଖାଦ୍ୟ ସାମଗ୍ରୀ — ଯାହାକୁ ଆମେ ପିଢ଼ି ପିଢ଼ି ଧରି 'ଆମର' ବୋଲି ଧରି ନେଇଥିଲୁ — ଉପରେ 'କାହାର' ସ୍ୱତ୍ୱ ବା ଅଧିକାର ପ୍ରତିଷ୍ଠାର ଉଦ୍ୟମ। ଆଉ କେବେ ଆମ ମଗଜ ଗରମ ହେବାର କାରଣ ହୋଇପାରେ 'ଆମର' ଠାକୁର, ମହାପୁରୁଷ, କବି କିମ୍ବା ଐତିହାସିକ ଚରିତ୍ର ଗୁଡିକ — ଯେଉଁମାନଙ୍କର ଉତ୍ପତ୍ତି ଅବା ଆଦ୍ୟ ଜୀବନ ଆଜି ବି ରହସ୍ୟାବୃତ୍ତ — ଉପରେ କୌଣସି ପଡ଼ୋଶୀ ଯଦି ମାଲିକାନା ଦେଖାଏ।

ରସଗୋଲାର ଉତ୍ପତ୍ତିକୁ ନେଇ ଓଡିଶା ଓ ପଶ୍ଚିମ ବଙ୍ଗ ଭିତରେ ସୃଷ୍ଟି ହୋଇଥିବା ବିତର୍କ କାହାକୁ ଅଜଣା ନୁହେଁ। ଶେଷରେ ଉଭୟ ରାଜ୍ୟ ଏହି ସ୍ୱାଦିଷ୍ଟ ମିଷ୍ଟକଟି ପାଇଁ ଭୌଗୋଳିକ ସ୍ୱୀକୃତି ବା ଜି. ଆଇ. ଟ୍ୟାଗ ପାଇଲେ। ଅବଶ୍ୟ ସ୍ୱୀକୃତି ମିଳିଥିବା ଖାଦ୍ୟ ପଦାର୍ଥଟିର ବନାନ ଓ ଉଚ୍ଚାରଣ ଉଭୟ କ୍ଷେତ୍ରରେ ଅଲଗା ଅଲଗା ରହିଲା ଓ ଉଭୟ ରାଜ୍ୟର ନାମ ସାଙ୍ଗରେ ଏହାର ନାମ ଯୋଡି ହୋଇ ରହିଲା, ଯେମିତି 'ଓଡ଼ିଶା ରସଗୋଲା' ଓ 'ବଙ୍ଗଳା ରସୋଗୋଲ୍ଲା'। ବିବାଦଟି ମୁଣ୍ଡ ଟେକିଥିବା ସମୟରେ ଉଭୟ ରାଜ୍ୟର ଗବେଷକ ଓ ବୁଦ୍ଧିଜୀବୀମାନେ ଇତିହାସର ପୃଷ୍ଠା ଓଲଟାଇଥିଲେ, ପୁଣି ପୁରାତନ ଶାସ୍ତ୍ରକୁ ଘାଣ୍ଟି ଚକଟି ମିଠାଟିର ଐତିହ୍ୟ ବିଷୟରେ ଅନେକ ଅଜଣା ଓ ବିସ୍ମୃତ ତଥ୍ୟ ଆବିଷ୍କାର କରିଥିଲେ। ଭଲକଥା, ଏହି ପ୍ରକ୍ରିୟା ଫଳରେ ମଣିଷର ଜ୍ଞାନଭଣ୍ଡାର ଉନ୍ନତ ହେଲା। ଏକ ଲୋକପ୍ରିୟ ମିଠା ଖାଦ୍ୟକୁ ନେଇ ଆରମ୍ଭ ହୋଇଥିବା ଓ ମଧୁରେଣ ସମାପନ ହୋଇଥିବା ଏହି ବିତର୍କଟି କିନ୍ତୁ ଏକ ତିକ୍ତ ଅଧ୍ୟାୟ ହୋଇ ସବୁଦିନ ପାଇଁ ରହିଗଲା। ରସଗୋଲାର ଏହି ବିତର୍କଟି ସବୁକାଳ ପାଇଁ 'ଓଡ଼ିଶା ବନାମ ବଙ୍ଗଳା' ବିତର୍କର ପରିଚୟ ପାଇଲା ଓ ଏକ ହାର-ଜିତର ପୃଷ୍ଠଭୂମି ସୃଷ୍ଟି କରିଦେଲା।



ଖାଦ୍ୟ ଜିନିଷକୁ ନେଇ ବିବାଦ କେବଳ ଆମର ନୁହେଁ, ଏହା ସାରା ବିଶ୍ୱରେ ସ୍ଥାନେ ସ୍ଥାନେ ମୁଣ୍ଡ ଟେକିଥାଏ। ଗ୍ରୀସ ଓ ତୁର୍କୀ ବର୍ଷ ବର୍ଷ ଧରି 'ବାକଲାଭା' ବୋଲି ଏକ ସୁମିଷ୍ଟ ଖାଦ୍ୟକୁ ନେଇ ଲଢେଇ କରୁଛନ୍ତି। ସେମିତି ଏକ ଲୋକପ୍ରିୟ ନିରାମିଷ ଡିସ 'କିମଚି' ର ଉତ୍ପତ୍ତିକୁ ନେଇ ଦକ୍ଷିଣ କୋରିଆ ଓ ଚୀନ ମଧ୍ୟରେ ତୁମ୍ବି ତୁଫାନ ଚାଲିଛି କେଉଁ କାଳରୁ। ଆମ ଓଡ଼ିଶାରେ ମଧ୍ୟ କେତେକ ଖାଦ୍ୟ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ଉତ୍ପନ୍ନ ହୋଇଥିବାରୁ ସେ କଥା ସରକାରୀ ସ୍ତରରେ ସ୍ୱୀକୃତି ପାଉ ଓ ତା ପାଇଁ ଗୋଟେ ଦିବସ ଘୋଷଣା କରାଯାଉ ବୋଲି କିଛି ଦାବି ଶୁଣିବାକୁ ମିଳେ। ସେହି ଅଞ୍ଚଳରେ ଏହି ଖାଦ୍ୟର ସୃଷ୍ଟିକୁ ନେଇ କିଛି କାହାଣୀ ମଧ୍ୟ ଖଞ୍ଜି ଦିଆଯାଏ, ଯାହା ସତ କି ମନଗଢା ତାହା ଜାଣିବାର କିଛି ଉପାୟ ନଥାଏ। ଲୋକଙ୍କ ମୁହଁରେ କିଛି କିଛି ଖାଦ୍ୟ ସହିତ କିଛି ସ୍ଥାନର ନାମ ଏମିତି ଦୃଢ ଭାବରେ ଯୋଡି ହୋଇ ଯାଇଥାଏ ଓ ସେଗୁଡିକୁ କିଛି ସିନେମା ଗୀତ ଏତେ ଲୋକପ୍ରିୟ କରିଦିଅନ୍ତି ଯେ ସେଗୁଡିକ ଅବିଚ୍ଛେଦ୍ୟ ହୋଇ ରହିଯାନ୍ତି ସବୁ ଦିନ ପାଇଁ, ଯେମିତି କି 'ବାରିପଦା ଗରମ ମୁଢି', 'ଢେଙ୍କାନାଳ ବରା' ଇତ୍ୟାଦି। କୌଣସି ଅଞ୍ଚଳ ଓ ସେଠିକାର ସ୍ଥାନୀୟ ଖାଦ୍ୟ ଏମିତି ଅଙ୍ଗାଙ୍ଗୀ ଭାବରେ ଜଡିତ ହୋଇଗଲେ ସେ ବିଷୟରେ ସାମାନ୍ୟ ବିବାଦ ମଧ୍ୟ ବିସ୍ଫୋରକ ଆବେଗ ସୃଷ୍ଟି କରିପାରେ।

ଖାଲି କ'ଣ ଖାଦ୍ୟ ପଦାର୍ଥ, ଆଉ କେହି ଆମର ଠାକୁର ଦେବତା କିମ୍ବା ମନ୍ଦିର ଇତ୍ୟାଦି ଉପରେ ଅଭିଳାଷ ରଖିଲେ ଆମେ କ୍ଷୁବ୍ଧ ହୋଇଯାଉ। ଏଣେ ଆମେ କହିଥାଉ ଜଗନ୍ନାଥ ସାରା ବିଶ୍ୱର ଠାକୁର, ସେ ଜାତି ଧର୍ମ ନିର୍ବିଶେଷରେ ସବୁ ଭକ୍ତମାନଙ୍କର, କିନ୍ତୁ କେହି ଯଦି ଶ୍ରୀମନ୍ଦିର ଭଳି ମନ୍ଦିର ତିଆରି କଲା କିମ୍ବା ଏଠାକାର ନାମ ବ୍ୟବହାର କଲା ତେବେ ଆମେ ଅସ୍ୱସ୍ତି ଅନୁଭବ କରୁ। ଆମେ ଭୁଲିଯାଉ ଯେ ବହୁଳ ଅର୍ଥ ଖର୍ଚ୍ଚ କରି କିମ୍ବା ବହୁ ଆଡମ୍ବର କରି ମନ୍ଦିର ଓ ଏଠିକା ପ୍ରଚଳିତ ନୀତିକାନ୍ତି ଇତ୍ୟାଦିର ନକଲ ତ କରିହେବ, କିନ୍ତୁ ଶ୍ରୀକ୍ଷେତ୍ର ଓ ଜଗନ୍ନାଥଙ୍କ ସଂଗେ ଜଡିତ ଭାବନା ଓ ଐତିହ୍ୟ କ'ଣ କେବେ ରାତାରାତି କେହି ତିଆରି କରିଦେଇ ପାରିବ ? ଯଦି ହେଉଥାନ୍ତା ତେବେ ବିପୁଳ ଧନର ଅଧିକାରୀ ଇସ୍କନ ସଂସ୍ଥାର ବର୍ଣ୍ଣାଢ୍ୟ ମନ୍ଦିରଗୁଡିକ ଆଜି ଅନେକ ଭକ୍ତଙ୍କୁ ଟାଣି ନେବାରେ ସକ୍ଷମ ହୋଇ ସାରନ୍ତେଣି। ଆଉ 'ଜଗନ୍ନାଥ ଧାମ'ଟି ଲଗାଇଦେଲେ କୌଣସି ସ୍ଥାନ ଶ୍ରୀକ୍ଷେତ୍ରର ସମ୍ମାନ ଓ ମାନ୍ୟତା ପାଇ ପାରିବ ନାହିଁ। ଏଣୁ ଏସବୁକୁ ନେଇ ତୁଚ୍ଛା ଆଶଙ୍କା ପ୍ରକାଶ କରିବା କିମ୍ବା ବିବାଦ ଛିଡା କରାଇବାର କୌଣସି ଆବଶ୍ୟକତା ନାହିଁ।

ତେବେ ଆମେ ଏମିତି କରୁ କାହିଁକି ? ଆମର ସାଂସ୍କୃତିକ ପ୍ରତୀକ ଗୁଡିକ ବିଷୟରେ ଆମର ତୀବ୍ର ସ୍ପର୍ଶ କାତରତା ପଛରେ ହୁଏତ ରହିଛି ଅତୀତର ଗରିମା ଓ ଗୌରବକୁ ଜାବୁଡି ଧରିବାର ଆମର ପ୍ରବୃତ୍ତି, ଯାହା ଆମକୁ ବର୍ତ୍ତମାନର ନିଦାରୁଣ ବାସ୍ତବତାକୁ କିଛି କ୍ଷଣ ପାଇଁ ଭୁଲାଇ ଦେବାରେ ସାହାଯ୍ୟ କରିଥାଏ। ଦେଖନ୍ତୁ, ଉଭୟ ଗ୍ରୀସ ଓ ତୁର୍କୀ ମହିମାମଣ୍ଡିତ ଅତୀତର ଅଧିକାରୀ ଥିଲେ, ଯାହା ଆଜି ଭୂଲୁଣ୍ଠିତ। ସେମିତି ଓଡିଶା ଓ ବଙ୍ଗଳାର ଗୌରବମୟ ଅତୀତ ଆଜି ପଥଚ୍ୟୁତ। ତେଣୁ ଆମେ ଆମର ମହାନ ସାଂସ୍କୃତିକ ପ୍ରତୀକ, ମହାପୁରୁଷ ଓ କବିମାନଙ୍କୁ କେବଳ ଆମର ସମ୍ପତ୍ତି ବୋଲି ଭାବି ନେଉ ଓ ସେମାନଙ୍କ ଉପରେ ଭାଗ ବସାଇବାକୁ ଚାହୁଁନାହିଁ, ଯଦିଓ ସେମାନଙ୍କର ଖ୍ୟାତି ସାରା ବିଶ୍ୱକୁ ବ୍ୟାପିଗଲେ ଆମେ ପ୍ରଚୁର ଆତ୍ମସନ୍ତୋଷ ଲାଭ କରିଥାଉ।

ମୋବାଇଲ-୯୪୩୭୦୮୯୭୫୫



# ‘ଲାଇଫ୍ ପାର୍ଟନର’ରେ ତିନି ନାୟିକା

ବିଜୟ କାନ୍ଦୋଇଙ୍କ ପ୍ରଯୋଜିତ ତଥା ସଂଗ୍ରାମ ମହାନ୍ତିଙ୍କ ନିର୍ଦ୍ଦେଶିତ ‘ଲାଇଫ୍ ପାର୍ଟନର’ ସିନେମାରେ ନାୟକ ଦୁଷ୍ମନ୍ତଙ୍କ ବିପକ୍ଷରେ ଅଛନ୍ତି ତିନିଜଣ ନାୟିକା। ଗୁଞ୍ଜନ ଗୁଡ଼ି ଚରିତ୍ରରେ, ପୁଣ୍ୟତୋୟା ପିହୁ ଭୂମିକାରେ ଥିବା ବେଳେ ଅୟନା ସାଇନା ଚରିତ୍ରରେ ଅଭିନୟ କରୁଛନ୍ତି। ଦୁଷ୍ମନ୍ତଙ୍କୁ ଏଥିରେ ଜିତ୍ ଭୂମିକାରେ ଦେଖିବାକୁ ପାଇବେ ଦର୍ଶକ।

କାହାଣୀ ଅନୁଯାୟୀ, ତିନି ନାୟିକା ନାୟକଙ୍କ ଜୀବନର ଭିନ୍ନ ଭିନ୍ନ ମୋଡ଼ରେ ଆସିଛନ୍ତି ଓ ପ୍ରେମ ସଂପର୍କରେ ଯୋଡ଼ି ହୋଇଛନ୍ତି। ହେଲେ ପରବର୍ତ୍ତୀ ସମୟରେ କିଏ ରହିଛି ଓ କିଏ ଅଲଗା ରାସ୍ତାରେ ଯାଇଛି, ତାହାକୁ ନେଇ କାହାଣୀରେ ଟ୍ୱିଷ୍ଟ୍ ରହିଛି। ଜିତ୍‌ଙ୍କ ପ୍ରଥମ ପ୍ରେମିକା ଗୁଡ଼ି। ଦୀର୍ଘଦିନର ପ୍ରେମ ସଂପର୍କ ପରେ ବି ଜିତ୍ ପିହୁଙ୍କୁ ବିବାହ କରୁଛନ୍ତି। ହେଲେ ବିବାହର କିଛିଦିନ ପରେ ପିହୁଙ୍କର ମୃତ୍ୟୁ ଘଟୁଛି। ପତ୍ନୀ ବିଚ୍ଛେଦରେ ଭାଙ୍ଗିପଡ଼ନ୍ତି ଜିତ୍। ସେହି ସମୟରେ ଅତ୍ୟାଧୁନିକ ଚିନ୍ତାଧାରାର ଯୁବତୀ ସାଇନା ଜିତ୍ ପ୍ରତି ଆକର୍ଷିତ ହୋଇ ତାଙ୍କୁ ନିଜଆଡୁ ଭଲପାଇ ବସନ୍ତି। ଏଣେ ସାଇନା ଏକପାଖିଆ ପ୍ରେମରେ ଜିତ୍‌କୁ ବାନ୍ଧିବାକୁ ପ୍ରୟାସ କରୁଥିବା ବେଳେ ଏଭଳି ପରିସ୍ଥିତିରେ ଗୁଡ଼ି ବି ଜିତ୍‌ଙ୍କ ଫେରିବା ବାଟକୁ ଅପେକ୍ଷା କରୁଛନ୍ତି। ଶେଷରେ ଜିତ୍ ଗୁଡ଼ିଙ୍କ ପାଖକୁ ଫେରୁଛନ୍ତି ନା ସାଇନାଙ୍କ ପ୍ରେମକୁ ସ୍ୱୀକାର କରୁଛନ୍ତି, ତାହା କାହାଣୀର କ୍ଲାଇମାକ୍ସରେ ଦେଖିବାକୁ ମିଳିବ।



# ବଡ଼ ପରଦାକୁ ଲିପିଙ୍କ ଲେଉଟାଣି

ଆଲବମ୍ କୁଇନ୍ ଭାବେ ଏକଦା ପରିଚିତ ଲିପି କେତେକ ଓଡ଼ିଆ ସିନେମାରେ ନଜର ଆସିଛନ୍ତି। ସେ ପ୍ରଶାନ୍ତ ନନ୍ଦଙ୍କ ‘ଓମ୍ ଶାନ୍ତି ଓମ୍’ ଜରିଆରେ ଓଲିଉଡ୍‌ରେ ପ୍ରବେଶ କରିଥିଲେ। ଏଥିରେ ତାଙ୍କର ନାୟକ ଥିଲେ ଦୀପକ ପରିଡ଼ା। ଏହାପରେ ତାଙ୍କୁ ‘ତୁ ମୋରି ପାଇଁ’, ‘ବ୍ୟାଡଗାର୍ଲ’, ‘ଗଳ୍ପ ନୁହେଁ ଅଳ୍ପ ଦିନର’ ଓ ‘ମୀମାଂସା’ ଆଦି ସିନେମାରେ ନାୟିକା ଭୂମିକାରେ ଦେଖିବାକୁ ମିଳିଛି। ଏପରିକି ସେ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ପ୍ରଯୋଜିତ ତଥା ଚକ୍ରଧର ସାହୁଙ୍କ ନିର୍ଦ୍ଦେଶିତ ‘ମୀମାଂସା’ (୨୦୧୬) ଲାଗି ଶ୍ରେଷ୍ଠ ଅଭିନେତ୍ରୀ ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ଲାଭ କରିଥିଲେ। ହେଲେ ଏହାପରେ ତାଙ୍କୁ ଆଉ ବଡ଼ ପରଦାରେ ଦେଖିବାକୁ ମିଳିନଥିଲା। ଏହା ଅବଶ୍ୟ ଭିନ୍ନ କଥା ଯେ ତାଙ୍କୁ ଛୋଟ ପରଦାରେ ନିୟମିତ ଭାବେ ଦେଖିବାକୁ ମିଳୁଛି।

ସେ ଯାହା ହେଉନା କାହିଁକି, ଏବେ ସେ ପୁଣି ଏକ ଓଡ଼ିଆ ସିନେମାରେ ଅଭିନୟ କରୁଛନ୍ତି। ଏହାର ପ୍ରଥମ ପର୍ଯ୍ୟାୟ ସୁଟିଂ ରାମୋଜି ଫିଲ୍ମସିଟିରେ ଶେଷ ହୋଇଛି। ଏଠାରେ ଯେଉଁ ସିନେମା କଥା କୁହାଯାଉଛି, ତାହାର ଶୀର୍ଷକ ହେଲା ‘ଚ୍ୟାଲେଞ୍ଜ୍’। ଜୀ ସାର୍ଥକ ଓ ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏହି ଏହି ସିନେମାର ନିର୍ଦ୍ଦେଶକ ହେଲେ ସାଇ ମଙ୍ଗରାଜ।

ଲିପିଙ୍କୁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ପାଇବେ ଦର୍ଶକ। କାହାଣୀ ଅନୁଯାୟୀ, ଲିପି ସିନେମାରେ ନାୟକ ଅର୍ଦ୍ଧେନ୍ଦୁଙ୍କ ଭଉଣୀ ଭୂମିକାରେ ଅଭିନୟ କରିଛନ୍ତି। ଏଥିରେ ତାଙ୍କ ବିପକ୍ଷରେ ନଜର ଆସିବେ ପୁପିନ୍ଦର। ମ୍ୟୁଜିକ୍ ଆଲବମ ‘ଜାଇଫୁଲ’ରେ ପୁପିନ୍ଦର-ଲିପି ଯୋଡ଼ି କମାଲ୍ କରିଥିଲେ। ଏବେ ବି ଏହି ଗୀତରେ ଉଭୟଙ୍କ ନାଚକୁ ଭୁଲିନାହାନ୍ତି ସିନେପ୍ରେମୀ। ‘ଚ୍ୟାଲେଞ୍ଜ୍’ରେ ନିଜର ଭୂମିକାକୁ ନେଇ ଲିପି ବେଶ୍ ଉତ୍ସାହିତ ଥିବା ବେଳେ ପୁଣି ପୁପିନ୍ଦର-ଲିପି ପୁରୁଣା ଯୋଡ଼ି ପ୍ରଥମ ଥର ବଡ଼ ପରଦାରେ ଆସୁଥିବା ଜାଣିବା ପରେ ଉଭୟଙ୍କ ପ୍ରଶଂସକ ଉତ୍କଣ୍ଠିତ ହେବେ ନିଶ୍ଚୟ।

ଭରତ ଚନ୍ଦ୍ର ବାରିକ

## ନୂଆ ପାର୍ଟିର ନୂଆ ଚମକ



# ସଜ ହେଲାଣି ଯାତ୍ରା ଓଁକାର

୨୦୨୫-୨୬ ଯାତ୍ରାବର୍ଷର ଶୁଭାରମ୍ଭ ହେଲାଣି। ଅଧିକାଂଶ ଯାତ୍ରାନୁଷ୍ଠାନ ଯାତ୍ରା ମଇଦାନକୁ ଓହ୍ଲାଇ ଦର୍ଶକଙ୍କ ମନ କିଣିବାକୁ ଲାଗିପଡ଼ିଲେଣି । ବିବାଦୀୟ ପରିସ୍ଥିତି ପାଇଁ ଯଲିଉଡ଼ରେ ଅନେକ ଆଶଙ୍କା ଉଙ୍କି ମାରିଥିଲେ ମଧ୍ୟ ଦର୍ଶକ ଓ ଯାତ୍ରାପ୍ରେମୀଙ୍କ ମଧ୍ୟରେ ଏବେ ଉତ୍ସାହ ବୃଦ୍ଧି ପାଇଲାଣି । ଚଳିତ ଯାତ୍ରା-ବର୍ଷରେ ସବୁ ବର୍ଷ ଭଳି ଏଥର ମଧ୍ୟ ନୂଆ ନୂଆ ପାର୍ଟି ମଇଦାନକୁ ଓହ୍ଲାଇବାକୁ ବାହାରିଲେଣି । ଅପେରା ଶ୍ରୀମନ୍ଦିର, ଅପେରା ରାଜ ଦରବାର, ଅପେରା ପ୍ରମୋଦିନୀ, ନାଟ୍ୟ ମଣ୍ଡପ ଭଳି ବହୁ ନୂତନ ଯାତ୍ରାନୁଷ୍ଠାନକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଗଲାଣି । ସବୁ ନୂତନ ଯାତ୍ରାପାର୍ଟି ଭଳି ଯାତ୍ରା ଓଁକାର ମଧ୍ୟ ଯାତ୍ରା ମଂଚରେ ଚମକ ଆଣିବା ପାଇଁ ସବୁ ପ୍ରକାର ପ୍ରସ୍ତୁତି ଜାରି ରଖିଛି । କଟକ ନିକଟ ତ୍ରିଶୁଳିଆ ଠାରେ ଜନ୍ମେଜୟ ପ୍ରଧାନ (ମିଟୁ ବାବୁ)ଙ୍କ ପ୍ରଯୋଜିତ ଯାତ୍ରା ଓଁକାରରେ ନାମକରା ଅଭିନେତା ଅଭିନେତ୍ରୀ ସାମିଲ ହୋଇଛନ୍ତି । ଏଇ ଯେମିତି ଯଲିଉଡ଼ର ସଫଳ ଯୋଡ଼ି ସୁର-ରଂଜି, ବହୁ ଚର୍ଚ୍ଚିତ ନାୟକ ସଂଖାଳୀ, ସିରିଏଲ୍‌ରୁ ଯଲିଉଡ଼ରେ ପାଦ ଥାପିଥିବା ବିଶ୍ୱ, ମିଥୁନ, ଖଳନାୟକ ଲଗେନ, ଜଗା ପଣ୍ଡା, ବହୁ ଚର୍ଚ୍ଚିତ ଚରିତ୍ର ଅଭିନେତା ବାସୁ ମହାନ୍ତି, ହାସ୍ୟାଭିନେତା ଆଦିକନ୍ଦ ଏଥିରେ ସାମିଲ ହୋଇଛନ୍ତି। ଯାତ୍ରା ଜଗତରେ ବିବାଦୀୟ ପରିସ୍ଥିତି ପାଇଁ ମାଲିକ ସଂଘ ପକ୍ଷରୁ ବ୍ୟାନ୍ ହୋଇଥିବା ଚର୍ଚ୍ଚିତ ହାସ୍ୟାଭିନେତା ନରି ପଣ୍ଡା ମଧ୍ୟ ଏହି ପାର୍ଟିରେ ଯୋଗଦେଇ ନିଜ ହାସ୍ୟ ଅଭିନୟର ଚମକ ଦେଖାଇବାକୁ ବାହାରିଛନ୍ତି । ସେହିପରି ଚର୍ଚ୍ଚିତ ନାୟିକା ମାମୁନି ଷଡ଼ଙ୍ଗୀ ନିଜ ସ୍ୱାମୀ ବାପିଙ୍କ ସହିତ ପାର୍ଟିରେ ଯୋଗଦେଇ ପାର୍ଟି ପାଇଁ ସଫଳତା ଆଣିବାକୁ ଉଦ୍ୟମ ଜାରି ରଖିଛନ୍ତି । ନାୟିକା ଲିଜା ପଣ୍ଡା, ପ୍ରିୟଙ୍କା ପ୍ରମୁଖ ନାମକରା ଅଭିନେତ୍ରୀ ମଧ୍ୟ ଯାତ୍ରା ଓଁକାରର ଶକ୍ତି ବୃଦ୍ଧି ପାଇଁ ଲାଗି ପଡ଼ିଛନ୍ତି । ପାର୍ଟି ଏବେ ୩ଟି ନାଟକ ପ୍ରସ୍ତୁତ କରି ନିକଟରେ ଯାତ୍ରା ମଇଦାନକୁ ଓହ୍ଲାଇବାକୁ ସଜ ହେଲାଣି । ପାର୍ଟି ଶୁଭାରମ୍ଭ ପରେ ଚତୁର୍ଥ ନାଟକର କ୍ୟାମ୍ପ ରିହରସାଲ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ନାଟ୍ୟକାର-ନିର୍ଦ୍ଦେଶକ ସଂଘର କଟକଣା ଯୋଗୁଁ ଯାତ୍ରା ଓଁକାରର ରିହରସାଲ ଅଟକି ରହିଥିବା ବେଳେ ଯଲିଉଡ଼ର ବହୁ ଚର୍ଚ୍ଚିତ ନାଟ୍ୟକାର ମନୋଜ ପଣ୍ଡା ପାର୍ଟି ପାଇଁ ଉତ୍ସାହ ଆଣିଛନ୍ତି । ସେ ନିଜ ରଚନା ଓ ନିର୍ଦ୍ଦେଶନାରେ ନାଟକ ‘ବଂଚିବାକୁ ଏଠି ଭୟ ଲାଗୁଛି’ ପ୍ରସ୍ତୁତ କରିଛନ୍ତି । ସେହିପରି ପାର୍ଟିର ଦ୍ୱିତୀୟ ନାଟକ ‘ମଣିଷ ସମୟର ଦାସ’କୁ ବାବୁ ପଟ୍ଟନାୟକ ରଚନା କରିଥିବା ବେଳେ ବିକ୍ରମ ମହାପାତ୍ର ଏହାର ନିର୍ଦ୍ଦେଶନା ଦେଇଛନ୍ତି । ତୃତୀୟ ନାଟକ ‘ଏ ପୁଅ ତୁ କାହା ଝିଅ’କୁ ଶରଣାରବିନ୍ଦ ଓଝା ରଚନା କରିଥିବା ବେଳେ ବିକ୍ରମ ମହାପାତ୍ର ଏହାର ନିର୍ଦ୍ଦେଶନା ଦେଇ ପାର୍ଟି ପାଇଁ ସଫଳତା ଆଣିବାକୁ ଉତ୍ସାହ ପ୍ରକାଶ କରିଛନ୍ତି।

## କଥାଟିଏ କହୁଁ-୪



ପ୍ରଶାନ୍ତ ନନ୍ଦ



# ରାବଣର 'ଧୀର' ପ୍ରଳାପ




କଲିକତା ଇନ୍ଦ୍ରପୁରୀ ଷ୍ଟୁଡ଼ିଓରେ 'ରାମାୟଣ ଚଳଚ୍ଚିତ୍ରର ସୁଟିଂ ଚାଲିଥାଏ। ପ୍ରଯୋଜକ ଥାଆନ୍ତି ଧୀର ବିଶ୍ୱାଳ ଓ ଅନ୍ୟମାନେ। ନିର୍ଦ୍ଦେଶକ ଗୋବିନ୍ଦ ତେଜ୍। ଧୀରଭାଇଙ୍କର ଭାରି ଆଗ୍ରହ ରୋଲ୍ କରିବାକୁ। ସେ ଗୋବିନ୍ଦ ତେଜ୍‌ଦାଙ୍କୁ କହଲେ, 'ଯଦି ମୁଁ ରାବଣ ରୋଲ୍ କରିବି ତେବେଯାଇ ମୁଁ 'ରାମାୟଣ' ଚଳଚ୍ଚିତ୍ର କରିବି।' ତେଜ୍‌ଦା ରାଜି ହେଇଗଲେ। ଧୀର ବିଶ୍ୱାଳ ଦେଖିବାକୁ ପ୍ରକାଣ୍ଡ ଚେହେରାବାଲା। ଉଚ୍ଚତା ଯେତିକି, ଚଉଡ଼ା ତା'ର ଦି'ଗୁଣ। ତେଣୁ ଅସୁବିଧା କିଛି ନଥିଲା।

କଲିକତାରେ ସୁଟିଂ ମାନେ ସବୁକାମ ଧୀରଭାଇଙ୍କର। ସେଟ୍, ସେଟିଂ, କ୍ୟାମେରା, ଖାଇବା (ବିଶେଷକରି ନିଜେ ମାଂସ କିଣିବା) ଏହିପରି ବହୁତ କାମ। ତେଣୁ ସେ ସବୁବେଳେ ଷ୍ଟୁଡ଼ିଓ ବାହାରକୁ ଯିବାଆସିବା କରୁଥିଲେ।

ଦିନେ ସକାଳୁ ତେଜ୍‌ଦା କହିଲେ, ଧୀରବାବୁ, ଆଜି ତିନିଟା ବେଳେ ତୁମର ରୋଲ୍ ଅଛି। ତୁମ ଭାଇ ଖର ଧୂଷଣଙ୍କୁ ପଞ୍ଚବଟୀ ବନରେ ରାମଚନ୍ଦ୍ର ମାରିଦେବାର ଖବର ତୁମକୁ ମିଳିବା ମାତ୍ରକେ ତୁମେ ରାଗରେ ପଞ୍ଚମ ହେଇ ରାମଚନ୍ଦ୍ରଙ୍କ ପ୍ରତି ପ୍ରତିଶୋଧ ନବାର ଗୋଟେ ଡାଇଲଗ୍ ଅଛି। ତାକୁ ଭଲ ଭାବରେ ଘୋଷିଦେବ।' ସବୁ ହଁ ହାଁ ମାରି ଧୀରଭାଇ ଚାଲିଗଲେ ମାର୍କେଟିଂ କରିବାକୁ। ଦଉଡ଼ାଧାପଡ଼ା କରି ଷ୍ଟୁଡ଼ିଓକୁ ଫେରିଲାବେଳକୁ ଦିନ ଦିଇଟା। ଧୀରଭାଇ ଭୋକ ସମ୍ଭାଳି ପାରନ୍ତିନି। ଡେରି ହେଇଯାଇଥିଲା, ଭୋକ ବି ବଢ଼ିଯାଇଥିଲା। ପେଟେ ଭାତ ଆଉ ମାଂସ ତରକାରୀ ସହ ଅଧକେଜିଏ ମିଠା ଦହିକୁ ଚଳୁ କରିଦେଇ ଧୀରଭାଇ ଗଲେ ମେକ୍‌ଅପ୍ ନବାକୁ । ଡ୍ରେସ୍‌ପଟା ପିନ୍ଧି ଫ୍ଲୋର୍‌କୁ ଗଲାବେଳକୁ ସଟ୍ ରେଡ଼ି ହେଇଯାଇଥିଲା।

ଆସିଷ୍ଟାଣ୍ଟ ଡାଇରେକ୍ଟର ଭୀମବାବୁ ତାଙ୍କୁ ଡାଇଲଗ୍ ପଢ଼େଇ ଚାଲିଲେ। ଧୀରଭାଇ ଚିତ୍କାର କରି କରି ଡାଇଲଗ୍ ମୁଖସ୍ଥ କଲେ। ଧୀରଭାଇଙ୍କର ସ୍ମରଣଶକ୍ତି ଟିକେ କମ୍। ପ୍ରଥମ ସଟ୍ ଭୁଲ୍ ହେଲା। ଡାଇଲଗ୍ ଥିଲା, 'କ'ଣ ହେଲା ? ସେ ରାମଚନ୍ଦ୍ର ମୋ ଭାଇ ଖର ଧୂଷଣକୁ ମାରିଦେଲେ ?' କିନ୍ତୁ ସଟ୍ ଯେତେବେଳେ ହେଲା, ସେ ତାଙ୍କ ଡାଇଲଗ୍ ଭୁଲିଯାଇ କହିଲେ, 'କ'ଣ ହେଲା ? ଖର ଧୂଷଣ ମୋ ଭାଇ ରାମଚନ୍ଦ୍ରଙ୍କୁ ମାରିଦେଲେ ?'

''କଟ୍ - କଟ୍ - କଟ୍।''

ନିର୍ଦ୍ଦେଶକ କହିଲେ। ପୁଣିଥରେ ଆରମ୍ଭ ହେଲା ଦ୍ୱିତୀୟ ସଟ୍। ଭଲକରି ଡାଇଲଗ୍ ରିହର୍‌ସଲ୍ କରି ଆରମ୍ଭ ହେଲା ଟେକିଂ (ମାନେ କ୍ୟାମେରା ଅନ୍ ହେଇଗଲା)। ଡାଇକ୍ଟେର କହିଲେ, 'ଆକ୍ସନ, ଡାଇଲଗ୍।'

ଧୀରଭାଇ ପୁଣି ସେମିତି ରାଗି ସିଂହାସନ ଛାଡ଼ି ତମ୍ ତମ୍ ହେଇ ଠିଆ ହେଇଗଲେ। ଆଉ କହିଲେ, 'କ'ଣ ହେଲା ? ସେ ଶଳା ରାମଚନ୍ଦ୍ର....' ଆଗକୁ କ'ଣ କହିବାକୁ ଯାଉଥିଲେ।

''କଟ୍ - କଟ୍ - କଟ୍।''

ତେଜ୍‌ଦା କହିଲେ, 'କ'ଣ କରୁଛ ଧୀରବାବୁ? ରାମଚନ୍ଦ୍ର ପରା ପୁରୁଷୋତ୍ତମ। ସେ ପ୍ରଭୁ, ତାଙ୍କୁ ତମେ ଶଳା ଶବ୍ଦ ପ୍ରୟୋଗ କରୁଛ ?'

ଧୀରଭାଇ ଏକଦମ୍ ନରମହେଇ ହାତଯୋଡ଼ି କହିଲେ, 'ତେଜ୍‌ବାବୁ, ଭୁଲ୍ ହେଇଗଲା। ଠିକ୍ ଅଛି, ଏଥରକ ସଟ୍ ନିଅ, ଜମା ଭୁଲ୍ ହବନାହିଁ।'

ପୁଣିଥରେ ନିର୍ଦ୍ଦେଶକଙ୍କ ଅର୍ଡ଼ର - 'ଆକ୍ସନ'।

ଧୀରଭାଇଙ୍କର ପୁଣିଥରେ ଡାଇଲଗ୍ - 'କ'ଣ ହେଲା ? ପ୍ରଭୁ ରାମଚନ୍ଦ୍ର ମୋ ସାନଭାଇ ଦି'ଟା....'

''କଟ୍ - କଟ୍ - କଟ୍।''

ତେଜ୍‌ଦା ବିରକ୍ତ ହେଇ କହିଲେ, 'ଧୀରବାବୁ, ରାମଚନ୍ଦ୍ରଙ୍କୁ ତୁମେ ପ୍ରଭୁ ରାମଚନ୍ଦ୍ର କାହିଁକି କହିଲ ?' ଧୀରଭାଇ ଉତ୍ତର ଦେଲେ, 'ତୁମେ ତ କହିଲ ରାମଚନ୍ଦ୍ର ହଉଛନ୍ତି ପ୍ରଭୁ।'

ମୁଣ୍ଡକୁ ଜାବୁଡ଼ିଧରି ତେଜ୍‌ଦା ବସିଗଲେ। ଭୀମବାବୁ ଧୀରଭାଇଙ୍କୁ ଆଉଥରେ ଭଲକରି ବୁଝେଇ ଡାଇଲଗ୍ ମୁଖସ୍ଥ କରେଇଲେ। ତେଜ୍‌ଦାଙ୍କୁ ଅନୁରୋଧ କଲେ ଆଉଥରେ ସଟ୍ ନବାକୁ। ଧୀରଭାଇଙ୍କ ମୁହଁ ସାମ୍ନାରେ କ୍ଲାପ୍‌ବୋର୍ଡ଼। କ୍ୟାମେରା ଚାଲିବା ମାତ୍ରକେ ସାଉଣ୍ଡ ବି ଚାଲିଲା।

ଭୀମବାବୁ କ୍ଲାପ୍‌ବୋର୍ଡ଼ ଧରି କହିଲେ ୫୭/୨/୫। ତା'ପରେ କ୍ଲାପ୍‌ବୋର୍ଡ଼ ନେଇ ଚାଲିଗଲେ। ତେଜ୍‌ଦାଙ୍କ ଆଦେଶ ଅନୁସାରେ ଦୂତ ଆସି ଖବରଦେଲା। 'ମହାରାଜ, ଆପଣଙ୍କର ଦୁଇ ଭାଇ ଖର ଧୂଷଣଙ୍କୁ ରାମଚନ୍ଦ୍ର ବଧ କରିଦେଇଛନ୍ତି।' ଯା ପରେ ରାବଣ ଡାଇଲଗ୍ ଆସିବା କଥା। କିନ୍ତୁ ସେତେବେଳକୁ ଦିନସାରା ଖଟି ଖଟି 'ରାବଣ' ନିଘୋଡ଼ ନିଦରେ ଶୋଇ ଯାଇଥିଲେ। ତଥାପି ନିର୍ଦ୍ଦେଶକ ଅପେକ୍ଷା କରୁଥିଲେ ଯେ ଧୀରଭାଇ ତାଙ୍କ ଡାଇଲଗ୍ କହିବେ। ଧୀରଭାଇଙ୍କ ପଛପଟେ ଯୋଉ ଅଙ୍ଗରକ୍ଷୀ ଥିଲା, ସେ ପଛପଟୁ ତାଙ୍କୁ ଜୋର୍‌ରେ କେଞ୍ଚିଦେଲା। ହଠାତ୍ ଧୀରଭାଇଙ୍କ ନିଦ ଭାଙ୍ଗିଗଲା। ବିଳିବିଳେଇ ଉଠି ସେ କହିଉଠିଲେ, 'ଆରେ ମାଂସବାଲା ମତେ ଠକିଦେଲା। ସେ ଶଳା ଚାରି କିଲୋ ମାଂସ ଦେଇ ସାଢ଼େ ପାଞ୍ଚ କିଲୋର ପଇସା ନେଇଗଲା।'

ତା'ପରେ ସମସ୍ତଙ୍କ ହସରେ କମ୍ପିଉଠିଲା ଫ୍ଲୋର୍। ଏମିତିକି ତେଜ୍‌ଦା ହସି ହସି ତଳେ ବସିଗଲେ। କ୍ୟାମେରା ମ୍ୟାନ୍ ବି ଭକୁଆ।

ଭୀମବାବୁ କିନ୍ତୁ ସିରିୟସ୍ ଥିଲେ। କହିଲେ, 'ହଇଓ ଧୀରବାବୁ, ଏ ଯୋଉ ସଂଳାପ ଆପଣ କହିଲେ ତା' ଧୀରଭାଇର କଥା ନା ରାବଣର ପ୍ରଳାପ ?' ସମସ୍ତଙ୍କ ହସ ଦେଖି ଧୀରଭାଇ ବି ହସି ହସି ଲୋଟିଗଲେ।

ଏମିତି ବି ହୁଏ ଚଳଚ୍ଚିତ୍ର ତିଆରି କଲାବେଳେ।

## ଅପରାଜିତାଙ୍କ ପ୍ରଶଂସା



ନାରାୟଣ, ନାରାୟଣ! ରାଜନୀତି ଗୋଟେ ଏଭଳି ବେଉସା, ଯୋଉଠି କାହାକୁ ଗାଳିଦେଲେ କେହି କିଛି ପଚାରିବେ ନାହିଁ, ମାତ୍ର କେହି ଯଦି କାହାକୁ ଦିପଦ ପ୍ରଶଂସା କରିବେ ତାହାହେଲେ ଦଶଜଣ ମୁଣ୍ଡ ବୁଲେଇ ଚାହିଁବେ। କିଛିଦିନ ତଳେ ଦିଲ୍ଲୀରେ ସାଂସଦ ସଂଗୀତା ସିଂହଦେଓଙ୍କ ଘରେ ଭାଜପାର ବରିଷ୍ଠ ନେତାମାନଙ୍କର ଗୋଟେ ବୈଠକ ହେଇଥିଲା। ଆଜିକାଲି ବିଭିନ୍ନ ସାଂସଦଙ୍କ ଘରେ ଏମିତି ବୈଠକ ବସୁଛି। ଆଗରୁ କେଉଁଝର ସାଂସଦ ବାବୁ ଅନନ୍ତ ନାୟକଙ୍କ ଘରେ ଗୋଟେ ବୈଠକ ବସିଥିଲା। ତେବେ ସାଂସଦ ସଂଗୀତା ସିଂହଦେଓଙ୍କ ଘରର ବୈଠକ ଉଭୟ ତାର ଠିକଣା ଓ ପ୍ରସଙ୍ଗ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ସଂଗୀତା ତ କେବଳ ସାଂସଦ ନୁହନ୍ତି, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଧର୍ମପତ୍ନୀ। ତାଙ୍କ ଘର ବୈଠକରେ ମୁଖ୍ୟମନ୍ତ୍ରୀ, ଭାଜପା ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ ମଧ୍ୟ ଯୋଗ ଦେଇଥିଲେ। ଶୁଣିଲୁ ସେହି ବୈଠକରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଢେର୍ ଢେର୍ ପ୍ରଶଂସା କରିଥିଲେ। ତାଙ୍କର ମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ସହ ସଂପର୍କ ଦୃଷ୍ଟିରୁ ଏକଥାଟି ଲଙ୍କାରେ ହରି ଶବ୍ଦ ପରି ଅନେକଙ୍କୁ ମନେ ହୋଇଥିଲା। ଅପରାଜିତା ଅବଶ୍ୟ ମୁଖ୍ୟମନ୍ତ୍ରୀ ମୋହନଚରଣଙ୍କୁ ପ୍ରଶଂସା କରିଥିଲେ, ମାତ୍ର ତାହା ଅପ୍ରତ୍ୟାଶିତ ନଥିଲା। ଏବେ ଅପରାଜିତାଙ୍କର ଧର୍ମେନ୍ଦ୍ରଙ୍କୁ ଅପ୍ରତ୍ୟାଶିତ ପ୍ରଶଂସାକୁ ନେଇ ପଦ୍ମଦଳରେ ଖୁବ୍ ମାନସ ମନ୍ଥନ ଚାଲିଛି। କିଏ କହୁଛି ଅପରାଜିତା ତାଙ୍କର ସ୍ୱାମୀ ବାବୁ ସନ୍ତୋଷ ଷଡ଼ଙ୍ଗୀଙ୍କୁ ମୁଖ୍ୟ ଶାସନ ସଚିବ ପଦରେ ଦେଖିବାକୁ ଚାହୁଁଛନ୍ତି, ଆଉ କିଏ କହୁଛି, ଅପରାଜିତା ଜାଣି ଗଲେଣି ଯେ ଧର୍ମେନ୍ଦ୍ରଙ୍କୁ ଅସନ୍ତୁଷ୍ଟ କରି ବେଶି ଆଗକୁ ଯାଇହେବ ନାହିଁ ତ ଆଉ କିଏ କହୁଛି ଉପରୁ ନିର୍ଦ୍ଦେଶ ଆସିଛି, ଦଳୀୟ ଅସନ୍ତୋଷକୁ ନିଜ ନିଜ ଭିତରେ ଲୁଚେଇ ରଖ, ତାହାକୁ ପବ୍ଲିକ କର ନାହିଁ। ଶେଷ କଥାଟି ସତ ହୋଇଥିବ, କାରଣ ଏବେ ପଦ୍ମଦଳ ଭିତରେ ଅସମ୍ଭବ ମିତ୍ରତା ଓ ବୁଝାମଣାର ଚିତ୍ର ଦେଖିବାକୁ ମିଳୁଛି।

## ମୋହନଙ୍କ ଭରସା



ବାବୁ ମୋହନଚରଣ ମାଝୀ ମୁଖ୍ୟମନ୍ତ୍ରୀ ହେବା ଆଗରୁ ଯାହା ଥିଲେ ବର୍ତ୍ତମାନ ନାହାନ୍ତି, ଠିକ୍ ସେପରି ଏହା ଭିତରେ ତାଙ୍କର ରୂପାନ୍ତର ହୋଇ ସାରିଥିବା ତାଙ୍କର ପାଖଲୋକମାନେ କହୁଛନ୍ତି। ଦାୟିତ୍ୱ ଏବଂ ଲୋକଙ୍କ ପ୍ରତ୍ୟାଶା ତାଙ୍କୁ ପରିପକ୍ୱ କରିଛି। ତେବେ ଏହା ଭିତରେ ତାଙ୍କର ଗୋଟିଏ ଗୁଣ ଅପରିବର୍ତ୍ତିତ ରହିଛି, ତାହା ହେଲା ସ୍ୱଭାବ ସୁଲଭ ବିନୟୀଭାବ। ଖବରକାଗଜ ମାନଙ୍କରେ ତାଙ୍କର ଯେତେ ଲେଖା ବାହାରୁଛି ସବୁଥିରୁ ତାଙ୍କର ବିନୟୀ ଭାବ ଫୁଟି ଉଠୁଛି। ମାତ୍ର ବିରୋଧୀ ଦଳ ଏହାକୁ ତାଙ୍କର ଦୁର୍ବଳତା ବୋଲି ଚିତ୍ରଣ କରିବାକୁ ବ୍ୟସ୍ତ। ନିଜ ଶାସନକାଳ ଭିତରେ ମଉନ ଅବତାର ଧାରଣ କରିଥିବା ବାବୁ ନବୀନ ଏବେ ରାଜ୍ୟରେ ମହିଳାଙ୍କ ସୁରକ୍ଷା ନେଇ ପ୍ରଗଳ୍ଭ ହୋଇଉଠିଛନ୍ତି। ଦିନେ ଛାଡ଼ି ଦିନେ ବିବୃତି ହେଉଛନ୍ତି, ରାଜ୍ୟର ପରିସ୍ଥିତି ଭାରି ଖରାପ। ଏକଥା କହିବାବେଳେ ସେ ତାଙ୍କ ସମୟର କଥା ଟିକିଏ ଭାବୁ ନାହାନ୍ତି। ହଁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକମାନଙ୍କୁ ଭରସା ଦେବାକୁ ଚେଷ୍ଟା କରୁଛନ୍ତି ଯେ, ସିଏ ଦାୟିତ୍ୱରେ ଥିବା ପର୍ଯ୍ୟନ୍ତ ରାଜ୍ୟବାସୀ କେହି ନିରାଶ ହୋଇ ଆତ୍ମହତ୍ୟା ଭଳି ଚରମପନ୍ଥା ବିଷୟରେ ଚିନ୍ତା କରିବା ଉଚିତ ନୁହେଁ। ତାଙ୍କର ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିବା ନିରାଶ ବ୍ୟକ୍ତିଙ୍କୁ ସେ ଏହି କଥା କହୁଛନ୍ତି, ଏହା ସତ୍ୟ। ମାତ୍ର ମୁଖ୍ୟମନ୍ତ୍ରୀ ପ୍ରଥମେ ରାଜ୍ୟର ଡାକ୍ତରଖାନା ଗୁଡ଼ିକରେ ଖାଲିଥିବା ଡାକ୍ତର, ଟେକ୍ନିସିଆନ ପଦ ପଦବୀ ପୂରଣ କରନ୍ତୁ। କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଅବସ୍ଥା ଅତି ଦୟନୀୟ। ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ କରିଥିବେ ଯେ ତାଙ୍କ ପାଖକୁ ଆସୁଥିବା ଅଧିକାଂଶ ନାଗରିକ ନିଜ ପିଲା, ପରିବାରର ସ୍ୱାସ୍ଥ୍ୟ ସମସ୍ୟା ନହେଲେ ଜମିବାଡ଼ି ସମସ୍ୟା ନେଇ ଆସୁଛନ୍ତି। ତାଙ୍କ ମନର କଥା କାର୍ଯ୍ୟରେ କିଭଳି ପରିଣତ ହେବ ସେଥିପ୍ରତି ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବା ଜରୁରି।

## ପୁରୁଣା ରେକର୍ଡ଼, ନୂଆ ଆଗ୍ରହ

ଭାରତୀୟ ଜନତା ପାର୍ଟିର ନୂଆ ବିଧାୟକଙ୍କ ଭିତରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ ବିଭିନ୍ନ ପ୍ରସଙ୍ଗରେ ଦେଉଥିବା ମନ୍ତବ୍ୟ ଓ ବିବୃତିକୁ ଲୋକେ ଗମ୍ଭୀରତାର ସହ ନେଉଛନ୍ତି। ଏବେ କିଛିଦିନ ହେଲା ତାଙ୍କର ଏକ ପୁରୁଣା ରେକର୍ଡ଼ ପ୍ରତି ନୂଆ ଆଗ୍ରହ ଦେଖିବାକୁ ମିଳୁଛି। ଚର୍ଚ୍ଚା ହେଉଛି ଯେ, ବିଜେଡ଼ି ନେତା ନବୀନ ସୁଯୋଗକୁ ଅପେକ୍ଷା କରିଛନ୍ତି, ସରକାର ଟିକିଏ ନଇଁ ପଡ଼ିବା କ୍ଷଣି ସେ ଜବରଦସ୍ତ ବିଧାଟିଏ ଦେବେ। ତାପରେ ସୁପ୍ତ ପ୍ରାୟ ବିଜୁ ଜନତା ଦଳ ବୀର ଦର୍ପରେ ଚେଇଁ ଉଠିବ। ଆଗରୁ ବାବୁ ନବୀନ କେନ୍ଦ୍ରର ମୋଦି ସରକାର ବିରୋଧରେ କିଛି କହୁନଥିଲେ। ବରଂ ସଂସଦରେ କୌଣସି ପ୍ରସଙ୍ଗରେ ସମର୍ଥନ ଦରକାର ପଡ଼ିଲେ, ପଦ୍ମଦଳିଆ ସାଂସଦ ସମର୍ଥନ କରିବା ଆଗରୁ ନବୀନଙ୍କ ଶଂଖଦଳିଆ ଆଗେ ଯାଇ ସମର୍ଥନ ଯୋଗାଇ ଦେଉଥିଲେ। ଏବେ ସେ ରାହୁଲଙ୍କ ସ୍ୱରରେ ସ୍ୱର ମିଳେଇ 'ଭୋଟ୍‌ଚୋରି' ପ୍ରସଙ୍ଗ ଉଠାଉଛନ୍ତି। ତେବେ ଲୋକଙ୍କ କହିବା କଥା, ଯଦି ଭୋଟ୍ ଚୋରି କଥା ସତ ହୋଇଥାଏ, ତାହାହେଲେ ବାବୁ ନବୀନ ଯୋଉ ୨୪ ବର୍ଷ କାଳ କ୍ଷମତାରେ ରହିଥିଲେ ସେତେବେଳେ ସେ କଣ ସେହି ଭୋଟଚୋରିର ହିତାଧିକାରୀ ଭାବେ ନିର୍ବାଚନ ଜିତି ନଥିଲେ କି? ତେବେ ବାବୁ ନବୀନଙ୍କ କଥାକୁ ଗୁରୁତ୍ୱ ଦେବା ଉଚିତ ନୁହେଁ ବୋଲି ବିଧାୟକ ବାବୁ ସିଂହ କହୁଛନ୍ତି। ଏବେ ତାଙ୍କର ଏକ ପୁରୁଣା ଭାଷଣ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବାଜୁଛି; ଯୋଉଠି ବାବୁ ସିଂହ କହିଥିଲେ ଯେ, ବାପା ବିଜୁଙ୍କ ପ୍ରତି ନବୀନଙ୍କର ସେହି ପ୍ରକାର ସମ୍ମାନ ଥିଲା ଯୋଉ ପ୍ରକାର ସମ୍ମାନ ଅଧିକାଂଶ ସିଂହାସନ ଆଶାୟୀ ମୋଗଲ ସମ୍ରାଟଙ୍କର ନିଜ ନିଜ ପିତାଙ୍କ ପାଇଁ ଥାଏ। ବାବୁ ନବୀନ ଏକଦା ବିଜୁଙ୍କ ନାମ ନବୀନ ନିବାସରୁ ହଟେଇ ଦେବାକୁ ଉଦ୍ୟମ କରିଥିଲେ। ନବୀନଙ୍କ ପୁରୁଣା କର୍ମଚାରୀଙ୍କୁ ହଟେଇ ଦେବା ସହ ବିଜୁ ମାଛ ଧରୁଥିବା ପୋଖରୀକୁ ସେ ପୋତି ଦେଇଥିଲେ। ଏ କାମରେ ସେ ଏତେ ତତ୍ପରତା ଦେଖାଇଥିଲେ ଯେ ପୋଖରୀରୁ ମାଛ ଗୁଡ଼ାକ ଧରାଯିବା ପର୍ଯ୍ୟନ୍ତ ସୁଦ୍ଧା ଅପେକ୍ଷା କରିପାରିନଥିଲେ। ତେଣୁ ନବୀନଙ୍କର ବିଜୁ ନାମ ବ୍ୟବହାର ତୁଚ୍ଛା ଭୋଟ୍ ରାଜନୀତି ଠାରୁ ଅଧିକ କିଛି ନୁହେଁ ବୋଲି ବାବୁ ସିଂହଙ୍କ ମତ।



## ଅସଲ ନଜର ପାଣ୍ଠି ଉପରେ

ବିଜୁ ଜନତା ଦଳ ଭିତରେ ତୀବ୍ର କ୍ଷମତା କନ୍ଦଳ ଚାଲିଛି। ଭିତରେ ଭିତରେ ଚାଲିଥିବା ଏହି କନ୍ଦଳର ଛୋଟିଆ ଝଲକ ମିଳିଛି ବାବୁ ଦେବାଶିଷ ସାମନ୍ତରାଙ୍କର ଏକ ବକ୍ତବ୍ୟରେ। ଗୋଟିଏ ନ୍ୟୁଜ ଚାନେଲ ସହ କଥାବାର୍ତ୍ତା ହେଲାବେଳେ ସେ କହିଛନ୍ତି ଯେ, ବିଜେଡ଼ିରେ ଥିବା ବିଜୁ ଲିଗାସୀର ସମର୍ଥକମାନେ ତିନିଟା କଥା ନେଇ ଚିନ୍ତିତ ଏବଂ ବ୍ୟସ୍ତ। ପ୍ରଥମ କଥା ହେଲା- ୨୦୨୪ ନିର୍ବାଚନରେ ଦଳ କାହିଁକି ଶୋଚନୀୟ ଭାବରେ ପରାଜୟ ବରଣ କଲା ତାହା ସଂପର୍କରେ ଦଳ ସମୀକ୍ଷା କଲା ନାହିଁ। ଦ୍ୱିତୀୟ ହେଲା, ଯୋଉ ଲୋକଟି ବା ଲୋକମାନଙ୍କ ପାଇଁ ଏତେ ବଡ଼ ଦଳ ଲୋକସଭାରୁ ନିଶ୍ଚିହ୍ନ ହୋଇଗଲା ସେମାନଙ୍କ ବିରୋଧରେ ପଦକ୍ଷେପ ନିଆଯିବା ବଦଳରେ ତାଙ୍କୁ କ୍ଲିନ୍‌ଚିଟ୍ ଦିଆଗଲା। ତୃତୀୟ କଥା ହେଲା, ଏବେ ନବୀନଙ୍କ ପରେ କିଏ ଦ୍ୱିତୀୟ ନେତା ହେବ ତାହା ଚୂଡ଼ାନ୍ତ କରାଯାଉନାହିଁ। ଯୋଉ ଅଫିସର-କମ୍-ନେତା ସବୁ ବୁଝୁଥିଲେ ସେଇ ବର୍ତ୍ତମାନ ପୂର୍ବପରି ଦଳକୁ ନିୟନ୍ତ୍ରଣ କରୁଛନ୍ତି। ବାବୁ ଦେବାଶିଷ ସାମନ୍ତରାୟଙ୍କ ଏହି ବିବୃତି ବର୍ତ୍ତମାନ ଶଂଖ ଭବନରେ ଆଲୋଡ଼ନ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଶଂଖ ଭବନର କର୍ତ୍ତୃତ୍ୱକୁ କସ୍ମିନକାଳେ ବାବୁ ପାଣ୍ଡିଆନ ଛାଡ଼ିବାଲାଗି ପ୍ରସ୍ତୁତ ନୁହନ୍ତି। ଓଡ଼ିଶାବାସୀ ତାଙ୍କୁ ଗ୍ରହଣ କରୁନଥିବା କଥା ସେ ଜାଣି ଯାଇଥିବାରୁ ନିଜର ପତ୍ନୀଙ୍କୁ ଆଇ.ଏ.ଏସ.ରୁ ଇସ୍ତଫା ଦିଆଇ ଦଳର ଦାୟିତ୍ୱ ବୁଝିବାପାଇଁ ଇସାରା ଦେଉଛନ୍ତି। ତାଙ୍କର ଶଂଖଭବନ ପ୍ରତି ଆଗ୍ରହର ବଡ଼ କାରଣ, ଦଳ ନାମରେ ପ୍ରାୟ ୬୨୫କୋଟି ଟଙ୍କାର ପାଣ୍ଠି ରହିଛି। ଏହି ପରିମାଣ କିଛି କମ୍ ନୁହେଁ। ସୁତରାଂ ସିଏ ବବି ଦାସ କି ଦେବୀ ମିଶ୍ର କି ଆଉ କାହା ହାତକୁ ଦଳର ଲଗାମ ଛାଡ଼ିବାକୁ ଆଦୌ ପ୍ରସ୍ତୁତ ନୁହନ୍ତି।




## କେବେ ସତ ହେବ ସ୍ୱପ୍ନ

ଭୁବନେଶ୍ୱର ବିମାନବନ୍ଦରରେ ବିଶ୍ୱସ୍ତରୀୟ ମେଣ୍ଟେନାନ୍ସ, ରିପେୟାର ଆଣ୍ଡ ଓଭରହଲ (MRO) ବ୍ୟବସ୍ଥା ପାଇଁ ନିକଟରେ ନିଷ୍ପତ୍ତି ନିଆଯାଇଛି। ଏହାଫଳରେ ଏଠାରେ ବିମାନ ରକ୍ଷଣାବେକ୍ଷଣର ସୁଯୋଗ ମିଳିବ, ଏ ବନ୍ଦରର ଗୁରୁତ୍ୱ ବଢ଼ିବ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ଭୁବନେଶ୍ୱରରେ ବାସ୍ତବରେ ଏକ ଇଣ୍ଟରନ୍ୟାସନାଲ ବିମାନ ବନ୍ଦର ନିର୍ମାଣର ସମୟ ଗଡ଼ି ଗଡ଼ି ଯାଉଅଛି। ପୁରୀଠାରେ ନିର୍ମାଣାଧୀନ ବିମାନବନ୍ଦର କାର୍ଯ୍ୟ ଆଉ ଆଗେଇବା ଭଳି ଦିଶୁନାହିଁ। କାରଣ ସେଠାରେ ଆବଶ୍ୟକ ଅନୁମତି ମିଳିବ ନାହିଁ, ପୁରୀର ବଡ଼ ବିମାନବନ୍ଦର ପରିବେଶ, ବିଶେଷତଃ ଶ୍ରୀମନ୍ଦିର ଲାଗି ବିପଦ ହେବ। ଏବେ ରହିଲା ଭୁବନେଶ୍ୱର ପୁରୁଣା ବିମାନବନ୍ଦରର ସଂପ୍ରସାରଣ। ଏଠି ଯେତେ ଯାହା କରାଗଲେ ବି ଆଉ ସଂପ୍ରସାରଣ ଲାଗି ଜାଗା ନାହିଁ। ଗତ ୨୪ ବର୍ଷ ଭିତରେ ବାବୁ ନବୀନ ପଟ୍ଟନାୟକ ଏ ନୂଆ ବିମାନବନ୍ଦର ନିର୍ମାଣ ଦିଗରେ କିଛି ପଦକ୍ଷେପ ନେଲେ ନାହିଁ। ଏହା ଭିତରେ ହାଇଦ୍ରାବାଦ, ବାଙ୍ଗାଲୋର, କୋଚିନ ପରି କେତେ ଯେ ବିରାଟ ବିରାଟ ବିମାନବନ୍ଦର ନିର୍ମାଣ ହୋଇ ସାରିଲାଣି। ଏବର ଭୁବନେଶ୍ୱର ବିମାନ ବନ୍ଦର ଚାରିପଟେ ଜନବସତି ଥିବାରୁ ଏଠାରେ ଖାଦ୍ୟ ଆଶାୟୀ ପକ୍ଷୀଙ୍କର ଭିଡ଼ ରହୁଛି, ଯାହା ବିମାନ ଉଡ଼ାଣ ପାଇଁ ବିପଦ। ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗକୁ ପ୍ରାଥମିକତା ଦିଅନ୍ତୁ। ଏପରି ଡ଼ବଲ ଇଂଜିନ ସମୟ ଆଉ ପୁଣି କେବେ ଆସିବ ନ ଆସିବ ତାର ଗ୍ୟାରେଣ୍ଟି ନାହିଁ। ସରକାର ଭୁବନେଶ୍ୱରଠାରୁ ୨୦/୨୫ କି.ମି. ଦୂର ହେଉ ପଛେ ବଡ଼ ଜାଗା ଚିହ୍ନଟ କରି ବାସ୍ତବ ଅର୍ଥରେ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ନିର୍ମାଣ କରାନ୍ତୁ।



## ଅରୁଣ ଷ୍ଟାଇଲ



ଏହା ଭିତରେ ନୟାଗଡ଼ ବିଧାୟକ ବାବୁ ଅରୁଣ କୁମାର ସାହୁ ତାଙ୍କର ଖଣ୍ଡିଏ ବହି ଓ ଗୋଟିଏ ମ୍ୟୁଜିକ ସି.ଡ଼ି.ର ଲୋକାର୍ପଣ ଉତ୍ସବ ଆୟୋଜନ କରିଥିଲେ। ଭଂଜକଳା ମଣ୍ଡପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହ ବିଜୁ ଜନତା ଦଳର ବହୁ ନେତା ଯୋଗ ଦେଇଥିଲେ, ଯେମିତି ବାବୁ ଦେବୀପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ସଂଜୟ ଦାସବର୍ମା, ବ୍ୟୋମକେଶ ରାୟ, ସୁଶାନ୍ତ ରାଉତ, ଦେବୀରଂଜନ ତ୍ରିପାଠୀ ପ୍ରମୁଖ। ବାବୁ ନବୀନଙ୍କର ଗୋଟେ ଭୋଟ ବ୍ୟାଙ୍କ ଅଛି- କବି ଓ କଳାକାର। ବାବୁ କ୍ଷମତାରେ ଥାଆନ୍ତୁ ନଥାଆନ୍ତୁ ସିଏ ସେହି ଭୋଟ ବ୍ୟାଙ୍କର ଯତ୍ନନେବାରେ ହେଳା କରନ୍ତି ନାହିଁ। ନିଜେ ଲେଖନ୍ତି ଯଦିଓ ଅଭିଯୋଗ ହୁଏ ସେ ତାଙ୍କ ପଦ୍ୟଠୁଁ ଗଦ୍ୟ ବେଶି ଗମ୍ଭୀର-ଜଟିଳ। ସେ ଯାହାହେଉ, ଭଂଜକଳା ମଣ୍ଡପ କାର୍ଯ୍ୟକ୍ରମରେ ତାଙ୍କ ଦଳରେ ତାଙ୍କର ଗୀତ ଗପ ନେଇ ଯେତିକି ଚର୍ଚ୍ଚା ହେଉନାହିଁ ତାଙ୍କର ସମୟାନୁବର୍ତ୍ତିତା ନେଇ ତାହାଠାରୁ ଅଧିକ ଚର୍ଚ୍ଚା ଚାଲିଛି। ସାଧାରଣତଃ ଏପ୍ରକାର ନାଚ-ଗୀତ ପ୍ରୋଗ୍ରାମ ସବୁ ନିର୍ଦ୍ଧାରିତ ସମୟଠାରୁ ଘଣ୍ଟେ ଦି ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥାଏ। ମାତ୍ର ସେଦିନ ବାବୁ କାର୍ଡ଼ରେ ଛାପା ସମୟ ସନ୍ଧ୍ୟା ୬ଟା ୧୮ ମିନିଟ୍‌ରେ ପ୍ରୋଗ୍ରାମ ଆରମ୍ଭ କରି ଠିକ୍ ସାତଟା ୩୩ ମିନିଟ୍‌ରେ ଶେଷ କରିଥିଲେ- ଯାହାକୁ କହନ୍ତି ଜର୍ମାନୀ ସମୟାନୁବର୍ତ୍ତିତା। ଜର୍ମାନୀରେ ଟ୍ରେନ ଯଦି ୯ଟା ୧୭ରେ ଆସି ୯ଟା ୧୯ରେ ଛାଡ଼ିବାର ଥିବ ତାହାହେଲେ ଠିକ୍ ସେତିକିବେଳେ ଆସି ସେତିକି ବେଳେ ଛାଡ଼ିବ। ବାବୁ ଅରୁଣ ସାହୁଙ୍କ ସମୟାନୁବର୍ତ୍ତିତା ବର୍ତ୍ତମାନ ଚର୍ଚ୍ଚାରେ। ତାଙ୍କ ସମର୍ଥକମାନେ କହୁଛନ୍ତି- ଏଇଟା ଅରୁଣ ଷ୍ଟାଇଲ। ନାରାୟଣ, ନାରାୟଣ।

Printed, published and edited by Soumya Ranjan Patnaik, At Plot No. 185, VIP Area, Nayapalli, IRC Village, Bhubaneswar, Dist- Khurda, PIN-751015
Printed at Eastern Media Limited, B/27, Industrial Estate, Rasulgarh, Bhubaneswar, Dist- Khurda, PIN-751010
ସଂପାଦକ: ସୌମ୍ୟ ରଂଜନ ପଟ୍ଟନାୟକ
Editor: Soumya Ranjan Patnaik